


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୩ ନଭେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 23 NOVEMBER 2020
Vol.No. 30 ■ No. 296 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ପୂଜାସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ବଦଳିଲା ନିଷ୍ପତ୍ତି : ୧୫ରୁ କମ୍ ଛାତ୍ର ଥିବା ସ୍କୁଲ ହେବ ବନ୍ଦ

## ଅନୁସୂଚିତ ଅଂଚଳ ପାଇଁ କୋହଳ କରାଯିବା ଉପରେ ବିଚାର କରାଯିବ: ଗଣଶିକ୍ଷା ମନ୍ତ୍ରୀ




ଭୁବନେଶ୍ୱର,୨୨।୧୧ (ନି.ପ୍ର): ଛୋଟ ଛୋଟ ବିଦ୍ୟାଳୟ ପାଇଁ ଶିକ୍ଷାର ଗୁଣାତ୍ମକ ମାନ ହ୍ରାସ ପାଉଥିବା କାରଣରୁ ଏକତ୍ରିକରଣ ପାଇଁ ପ୍ରକ୍ରିୟା ଚାଲିଛି । ଅନୁସୂଚିତ ଅଂଚଳ ପାଇଁ ୨୦ରୁ କମ ଛାତ୍ର ଛାତ୍ରୀ ଥିବା ସ୍କୁଲକୁ ବନ୍ଦ କରିବାକୁ ପୂର୍ବରୁ ଯେଉଁ ନିଷ୍ପତି ନିଆ ଯାଇଥିଲା ତାକୁ ପରିବର୍ତ୍ତନ କରା ଯାଇ ୧୫ରୁ କମ୍ ଛାତ୍ର ଥିବା ସ୍କୁଲ କରିବା ଉପରେ ବିଚାର କରା ଯିବ ବୋଲି କହିଛନ୍ତି ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ । ଶାସକ ଦଳର ମୁଖ୍ୟ ସଚେତକଙ୍କ ଦ୍ୱାରା ଅଣା ଯାଇଥିବା ମୋସନ ଉପରେ ଆଲୋଚନାର ଉତର ଦେଇ ଶ୍ରୀ ଦାଶ ଏହା କହିଛନ୍ତି । ସ୍କୁଲ ଏକତ୍ରୀକରଣ ପାଇଁ ଜିଲ୍ଲା ମାନଙ୍କଙ୍କରୁ ୮୨୭୨ ପ୍ରସ୍ତାବ ଆସିଥିଲା । ରାଜ୍ୟ କମିଟିରେ ୭୭୭୨ ସ୍କୁଲକୁ ବନ୍ଦ କରିବା ପାଇଁ ନିଷ୍ପତି ନିଆ ଯାଇଥିଲା । ଏଥିମଧ୍ୟରୁ ୧୭୨୪ ସ୍କୁଲରେ ୨୫ ରୁ କମ୍ ପିଲା ଥିଲା ବେଳେ ୬୦୪୮ ସ୍କୁଲରେ ୨୦ ରୁ ୪୦ ପିଲା ରହିଛନ୍ତି । ଅନୁସୂଚିତ ଅଂଚଳରେ ସ୍କୁଲ ମାନଙ୍କରେ ୨୦ ରୁ ୧୫ ପିଲା ରହିଥିଲେ ମଧ ସ୍କୁଲ ବନ୍ଦ କରାଯିବ ନାହିଁ ବୋଲି ମନ୍ତ୍ରୀ ଗୃହକୁ ଜଣାଇଥିଲେ । ଶେଷରେ ସେ କହିଲେ ଯେ, ଏକତ୍ରୀକରଣ ପ୍ରକ୍ରିୟାରେ ସ୍ଥାନାନ୍ତରୀକରଣ ବାବଦକୁ ବିଦ୍ୟାର୍ଥିକୀ ୩ ହଜାର ଟଙ୍କା ଲେଖାଏଁ ଏକ କାଳୀନ ରାଶି ଓ ଶିକ୍ଷା ଅଧିକାର ଆଇନ ଅନୁସାରେ ଆଲାଉନସ ମାସିକ ୬୦୦ ଟଙ୍କା ଲେଖାଏ ଦିଆଯାଉଛି । ରାଜ୍ୟର ଅନୁସୂଚିତ ଅଂଚଳ ମାନଙ୍କରେ କୌଣସି ଗୋଟିଏ ପିଲାକୁ ଶିକ୍ଷା ପାଇବାରୁ ବଂଚିତ କରାଯିବ ନାହିଁ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାସ ଆଜି ବିଧାନସଭାରେ ପ୍ରକାଶ କରିଛନ୍ତି । ଅନ୍ୟ ପକ୍ଷରେ ସ୍କୁଲ ଏକତ୍ରିକରଣ ନିଷ୍ପତି ଉପରେ ସରକାର ନେଇଥିବା କୋହଳ କରିବା ପାଇଁ ବିଚାର କରାଯିବ ବୋଲି ସେ କହିଥିଲେ । ରାଜ୍ୟରେ ପ୍ରାଥମିକ ଶିକ୍ଷାର ଏକତ୍ରିକରଣ ଏବଂ ସୁ ବ୍ୟବସ୍ଥିକରଣ ନୀତି, ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ନିମନ୍ତେ ସରକାରୀ ମୁଖ୍ୟ ସଚେତକ ଶ୍ରୀମତୀ ତନ୍ଦ୍ରା ମଲ୍ଲିକଙ୍କ ଦ୍ୱାରା ଗୃହରେ ଆଗତ ହୋଇଥିବା ପ୍ରସ୍ତାବ ଆଲୋଚନା ହୋଇଥିଲା । ଆଲୋଚନା କାଳରେ ଅଧିକାଂଶ ସମୟରେ ଗୃହର ବାତାବରଣ ସରଗରମ ରହିଥିଲା । ଆଲୋଚନାର ଉତର ଦେଇ ଶ୍ରୀ ଦାସ କହିଥିଲେ ଯେ, ରାଜ୍ୟ ସରକାର କମ୍ ସଂଖ୍ୟକ ପିଲା ଥିବା ସ୍କୁଲକୁ ଏକତ୍ରୀକରଣ ନାମରେ ବନ୍ଦ କରିବା ପାଇଁ ଉଦ୍ୟମ କରୁନାହାନ୍ତି । ବରଂ ଗୁଣାତ୍ମକ ମାନ ବୃଦ୍ଧି କରିବା ଲକ୍ଷ୍ୟ ନେଇ ▶▶ପୃଷ୍ଠା ୭

## ମାଓକ୍ୟାମ୍ପ ଠାବ : ୩୩ ଡିଟୋନେଟର, ୫ ରାଇଫଲ୍, ଗୋଟିଏ ପିସ୍ତଲ ଓ ଅନ୍ୟାନ୍ୟ ମାଓ ବ୍ୟବହୃତ ସାମଗ୍ରୀ ଜବତ



ନୂଆପଡା,୨୨।୧୧ (ନି.ପ୍ର): ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକ୍ ଅନ୍ତର୍ଗତ ଭଇସାଦାନୀ ଗ୍ରାମପଚାଂୟତ ପାର୍ବତ୍ୟାଚଂଳ ପାତଦରା ଭଇଷିମୁଣ୍ଡି ଗ୍ରାମ ନିକଟସ୍ଥ ଜଙ୍ଗଲରେ ଏକ ମାଓକ୍ୟାମ୍ପ ଠାବ କରିବା ସହ ଘଟଣାସ୍ଥଳରୁ ବିପୁଳ ପରିମାଣର ବିସ୍ଫୋରକ ଏବଂ ମାଓ ବ୍ୟବହୃତ ସାମଗ୍ରୀ ଜବତ କରିଛନ୍ତି ଯବାନ ମାନେ । ବିଶେଷ ସୂତ୍ରରୁ ସୂଚନା ପାଇ ଭଇସାଦାନୀ ସିଆରପିଏଫ ୨୧୬ ବାଟାଲିୟନର କମାଣ୍ଡାଂଟ ଶ୍ରୀମତୀ ଉଷା ସିଂଙ୍କ ତତ୍ୱାବଧାନରେ ଅତିରିକ୍ତ କମାଣ୍ଡାଂଟ ଅମୃତ ସିଂଙ୍କ ନେତୃତ୍ୱରେ ଯବାନ ମାନେ ସେଠାରେ ଚଢ଼ଉ କରିଥିଲେ । ଘଟଣାସ୍ଥଳରୁ ୩୩ଟି ଡିଟୋନେଟର, ୫ଟି ରାଇଫଲ୍, ୩ଟି ରାଇଫଲ୍ ବେରେଲ, ଗୋଟିଏ ପିସ୍ତଲ, କୋରଟେକ୍ସ ତାର, ଅନ୍ୟ ରନ୍ଧା ସାମଗ୍ରୀ, ମାଓ ପୁସ୍ତକ, ୧୭ଟି ସିଡ଼ି ଓ ଡ଼ିଭିଡ଼ି, ଗୋଟିଏ ୧୨ ଭୋଲ୍ଟ ବ୍ୟାଟେରୀ, ଚାର୍ଜର, ବ୍ୟାଟେରୀ କଂଟେନେଟର ଆଦି ସାମଗ୍ରୀ ଜବତ ହୋଇଛି । ସିଆରପିଏଫ୍ ଯବାନ ମାନେ କୁମ୍ବିଂ ଅପରେସନ ବେଳେ ଏହି ମାଓ କ୍ୟାମ୍ପକୁ ଠାବ କରିବା ସହ ଘଟଣାସ୍ଥଳରୁ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀକୁ ଜବତ କରିଛନ୍ତି ।

## ରାଜ୍ୟସରକାରଙ୍କ ସ୍କୁଲ ବନ୍ଦ ନିଷ୍ପତ୍ତି ଆତ୍ମଘାତୀ ସଦୃଶ୍ୟ : ବିଷ୍ଣୁ ସେଠୀ

ଭୁବନେଶ୍ୱର,୨୨।୧୧ (ନି.ପ୍ର): ପାଠ ପଢିବା ପିଲାମାନଙ୍କର ମୌଳିକ ଅଧିକାର । କିନ୍ତୁ ରାଜ୍ୟସରକାର ଏଠି ପିଲାଙ୍କୁ ସେମାନଙ୍କ ଅଧିକାରରୁ ବଂଚିତ ରଖି ସେମାନଙ୍କ ଭବିଷ୍ୟତକୁ ଅନ୍ଧକାର ଭିତରକୁ ଠେଲି ଦେବା ପାଇଁ ପ୍ରୟାସ କରୁଛନ୍ତି । କେନ୍ଦ୍ରସରକାର ଶିକ୍ଷା ଅଧିକାର ଆଇନ ଲାଗୁ କରିଥିବାବେଳେ ରାଜ୍ୟସରକାର ଏଠି ବାଧକ ସାଜୁଛନ୍ତି । ରାଜ୍ୟସରକାର କମ୍ ସଂଖ୍ୟକ ଛାତ୍ର ଥିବା ଦର୍ଶାଇ ପାଖାପାଖି ସାଢେ ୭ ହଜାର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡିକୁ ବନ୍ଦ କରିବା ପାଇଁ ନିଷ୍ପତି ନେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବିରୋଧୀ ଦଳ ଉପନେତା ଶ୍ରୀ ବିଷ୍ଣୁ ଚରଣ ସେଠୀ କହିଛନ୍ତି । ଶ୍ରୀ ସେଠୀ କହିଛନ୍ତି ଯେ, ରାଜ୍ୟରେ ସାଢେ ୧୧ ହଜାର ସ୍କୁଲ ବନ୍ଦ ନିଷ୍ପତି ଆତ୍ମଘାତୀ ହେବ । ଏଭଳି ନିଷ୍ପତି ଅଗଣତାନ୍ତ୍ରିକ । ବିଦ୍ୟାଳୟ ଗୁଡିକୁ ବନ୍ଦ କରାଗଲେ ଏହାର ପ୍ରଭାବ ପଶ୍ଚିମ ଓଡିଶାରେ ଅଧିକ ପଡିବ । ▶▶ପୃଷ୍ଠା ୭

## ଘନ କୁହୁଡି ପାଇଁ ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ


ଭୁବନେଶ୍ୱର,୨୨।୧୧ (ନି.ପ୍ର): ବଙ୍ଗୋପସାଗର ଓ ଏହାର ସଂଲଗ୍ନ ଅଂଚଳ ଉପରେ ରହିଥିବା ଗୁରୁଚାପବଳୟ ଫଳରେ ଆସନ୍ତାକାଲି ୬ ଜିଲ୍ଲାରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି । ଏହି ଜିଲ୍ଲା ଗୁଡିକ ହେଲା କଳାହାଣ୍ଡି, ନୟାଗଡ଼, ଅନୁଗୁଳ, ଢ଼େଙ୍କାନାଳ, କେନ୍ଦୁଝର ଏବଂ ମୟୂରଭଞ୍ଜ । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

## ୧୫୦ ଗ୍ରାମ୍ ବ୍ରାଉନସୁଗାର ଜବତ: ଜଣେ ଅଟକ

ବାଲେଶ୍ୱର,୨୨।୧୧ (ନି.ପ୍ର): ବାଲେଶ୍ୱର ଅରଢ଼ ବଜାରରୁ ୧୫୦ ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଛି । ଘଟଣାରେ ଜଣକୁ ଅଟକ ରଖିଛି ସ୍ପେଶାଲ ସ୍କ୍ୱାଡ୍ । ଅଭିଯୁକ୍ତଙ୍କ ନିକଟରୁ ୨୦ ଲକ୍ଷରୁ ଅଧିକ ଟଙ୍କା ଜବତ ହୋଇଛି । ଜବତ ବ୍ରାଉନସୁଗାରର ମୂଲ୍ୟ ପ୍ରାୟ ୧୫ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି ।

## ଆଜି ଅଁଳା ନବମୀ : ଶ୍ରୀ କୃଷ୍ଣଙ୍କ ନଟବର୍ ବେଶ ଓ ମା' ରାଧାରାଣୀଙ୍କ ଓଡ଼ିଆଣୀ ବେଶ ଦର୍ଶନରୁ ବଂଚିତ ରହିବେ ଭକ୍ତ

### ମନ୍ଦିରର ୨୦୦ ମିଟର ପରିଧି ମଧ୍ୟରେ ଆଜି ମଧ ରାତ୍ରରୁ ୧୪୪



ସାକ୍ଷିଗୋପାଳ,୨୨।୧୧ (ନି.ପ୍ର): କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଆସନ୍ତା କାଲି ଅନୁଷ୍ଠିତ ହେବାକୁ ଥିବା ପବିତ୍ର ଅଁଳା ନବମୀ ଓ ରାଧାପାଦ ଦର୍ଶନ ଶ୍ରଦ୍ଧାଳୁଙ୍କ ପାଇଁ ବନ୍ଦ ରହିଛି । ଆଜି ମଧ୍ୟରାତ୍ରରୁ ଅର୍ଥାତ୍ ୨୨ ତାରିଖ ଠାରୁ ୨୫ ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ସାକ୍ଷିଗୋପାଳ ମନ୍ଦିରର ୨୦୦ ମିଟର ପରିଧି ମଧ୍ୟରେ ୧୪୪ ଧାରା ଜାରୀ କରାଯାଇଛି । ଚନ୍ଦନପୋଖରୀ ଠାରୁ ସିଦ୍ଧବକୂଳ ପର୍ଯ୍ୟନ୍ତ ଏହି କଟକଣା ଲାଗୁ କରାଯାଇଛି । କେବଳ ସେବାୟତ ମାନେ କରୋନା ▶▶ପୃଷ୍ଠା ୭

## ପୁରୀରେ ଯୋଗଦେଲେ ନୂଆ ଏସପି


ପୁରୀ,୨୨।୧୧ (ନି.ପ୍ର): ପୁରୀରେ ନୂଆ ଏସପି ଭାବେ କାର୍ଯ୍ୟରେ ଯୋଗଦେଇଛନ୍ତି କନୱର ବିଶାଲ ସିଂହ । ଆଜି ବିଧିବଦ୍ଧ ଭାବେ ନୂତନ କାର୍ଯ୍ୟଭାର ଗ୍ରହଣ କରିବା ପରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଯେ, ପୁରୀକୁ ଅପରାଧମୁକ୍ତ କରାଯିବା ନିମନ୍ତେ ପ୍ରୟାସ ଜାରୀ ରହିବ । ପୁରୀକୁ ଆସୁଥିବା ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ମାନେ ଜିଲ୍ଲା ପ୍ରଶାସନର ସମସ୍ତ କୋଭିଡ୍ ଆଇନ୍ ମାନିବା ପାଇଁ ସେ ପରାମର୍ଶ ଦେଇଥିଲେ । ଏଥି ସହ ସାକ୍ଷିଗୋପାଳ ଅଁଳା ନବମୀ ଓ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ନାଗାର୍ଜୁନ ବେଶ ପାଇଁ ପୁରୀ ପୋଲିସ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ସେ କହିଛନ୍ତି ।

## ରାଜ୍ୟରେ ଆଉ ୯୦୫ ସୁସ୍ଥ

ଭୁବନେଶ୍ୱର,୨୨।୧୧ (ନି.ପ୍ର): ରାଜ୍ୟରେ ରବିବାର ଦିନ ୯୦୫ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥଙ୍କ ସଂଖ୍ୟା ୩ ଲକ୍ଷ ୫ ହଜାର ୮୧୩କୁ ବୃଦ୍ଧି ପାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ସୁନ୍ଦରଗଡ଼ରୁ ଜିଲ୍ଲାରୁ ସର୍ବାଧିକ ୯୨ଜଣ ସୁସ୍ଥ ହୋଇଛନ୍ତି । ସେହିଭଳି କେନ୍ଦୁଝରରୁ, ୬୦ଜଣ, କଟକରୁ ୪୯ଜଣ, ମୟୂରଭଞ୍ଜରୁ ୪୯ଜଣ, ଖୋର୍ଦ୍ଧାରୁ ୪୮ଜଣ, ଜଗତସିଂହପୁରରୁ ୪୩ଜଣ, ସମ୍ବଲପୁରରୁ ୪୩ଜଣ, କଳାହାଣ୍ଡିରୁ ୪୧ଜଣ, ନୂଆପଡ଼ାରୁ ୪୦ଜଣ, ଅନୁଗୁଳରୁ ୩୯ଜଣ, ଯାଜପୁରରୁ ୩୯ଜଣ, କେନ୍ଦ୍ରାପଡ଼ାରୁ ୩୯ଜଣ, ପୁରୀରୁ ୩୯ଜଣ, ବୌଦ୍ଧରୁ ୩୨ଜଣ, ବାଲେଶ୍ୱରରୁ ୨୭ଜଣ, ବରଗଡ଼ରୁ ୨୭ଜଣ, ବଲାଙ୍ଗୀରରୁ ୨୬ଜଣ, ନୟାଗଡ଼ରୁ ୨୨ଜଣ, ଝାରସୁଗୁଡ଼ାରୁ ୨୦ଜଣ, ଗଞ୍ଜାମରୁ ୧୭ଜଣ, ନବରଙ୍ଗପୁରରୁ ୧୪ଜଣ, ମାଲକାନାଗିରିରୁ ୧୨ଜଣ, ଢ଼େଙ୍କାନାଳରୁ ୧୧ଜଣ, ଭଦ୍ରକରୁ ୧୦ଜଣ, କୋରାପୁଟରୁ ୧୦ଜଣ, କନ୍ଧମାଳରୁ ୯ଜଣ, ସୋନପୁରରୁ ୭ଜଣ, ଦେଓଗଡ଼ରୁ ୪ଜଣ, ଗଜପତିରୁ ୪ଜଣ, ରାୟଗଡ଼ାରୁ ୨ଜଣ ଏବଂ ଷ୍ଟେଟ ପୁଲରୁ ୨୦ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

## ଗୋଟିଏ ଦିନରେ ୬୩୮ କରୋନା ଆକ୍ରାନ୍ତ ଚିହ୍ନଟ

### ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୧୩୯୬୧




ଭୁବନେଶ୍ୱର,୨୨।୧୧ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୬୩୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୧୩୯୬୧ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୩୦୪୯୦୮ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୭୩୬୦ ରହିଛି । ଆଜି ଚିହ୍ନଟ ହୋଇଥିବା ୬୩୮ ଜଣଙ୍କ ମଧ୍ୟରୁ ୩୭୩ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୬୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୭୦ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରୁ ୪୦ ଜଣ କରୋନା ସଂକ୍ରମିତ ହୋଇଥିବା ବେଳେ ବାଲେଶ୍ୱରରୁ ୨୧ ଜଣ, ବରଗଡ଼ରୁ ୨୭ ଜଣ, ଭଦ୍ରକରୁ ୪ ଜଣ, ବଲାଙ୍ଗୀରରୁ ୨୩ ଜଣ ରହିଛନ୍ତି । 'ସେହିପରି ବୌଦ୍ଧ ଜିଲ୍ଲାରୁ ▶▶ପୃଷ୍ଠା ୭

## ମିଡ଼ିଆ ମହାକୁମ୍ଭ ଚତୁର୍ଥ ସଂସ୍କରଣ ଉଦ୍‌ଯାପିତ

ଭୁବନେଶ୍ୱର,୨୨।୧୧ (ନି.ପ୍ର): ଅନଲାଇନରେ ଦୁଇଦିନ ଧରି ଚାଲିଥିବା ମିଡ଼ିଆ ମହାକୁମ୍ଭର ଚତୁର୍ଥ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଅଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡଃ ଆମ୍ବେଦକର ଫାଉଣ୍ଡେସନର ନିର୍ଦ୍ଦେଶକ ଡଃ ଦେବେନ୍ଦ୍ର ପ୍ରସାଦ ମାଝି ସାମାଜିକ ପରିବର୍ତ୍ତନରେ ଗଣମାଧ୍ୟମ ସହ ବିଭିନ୍ନ ଯୋଗାଯୋଗ ମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଭାରତ ଭଳି ଦେଶରେ ଯେଉଁଠି ଯୋଗାଯୋଗ ଭିତିଭୂମିର ଅଭାବ ରହିଛି ସେଠି ସାମାଜିକ ପରିବର୍ତ୍ତନ ଆଣିବାରେ ଅନେକ ସମସ୍ୟା ଉପୁଜିବ । କିନ୍ତୁ ପ୍ରତ୍ୟେକ ସ୍ତରରେ ଉଦ୍ୟମ ଆରମ୍ଭ କଲେ ଏହା ସଫଳ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ସେହିପରି ମାଖନଲାଲ୍ ଚତୁର୍ବେଦୀ ଜାତୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ କେ.ଜି. ସୁରେଶ, ତେଜପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ▶▶ପୃଷ୍ଠା ୭

## ରାଜ୍ୟରେ ଆଉ ୧୫ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୧୬୪୦ ହେଲା



ଭୁବନେଶ୍ୱର,୨୨।୧୧ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୫ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୬୪୦ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ସୁନ୍ଦରଗଡ ଜିଲ୍ଲାର ୪ ଜଣ, ଖୋର୍ଧା ଜିଲ୍ଲାର ୩ ରସ୍ତ ଜଣ ରହିଥିବା ବେଳେ କେନ୍ଦୁଝର ଜିଲ୍ଲାର ୨ ଜଣ, ଅଛନ୍ତି । ସେହିପରି ଅନୁଗୁଳ, ବଲାଙ୍ଗୀର, କଟକ, ଗଂଜାମ, ଝାରସୁଗୁଡା ଓ ସମ୍ବଲପୁର ଜିଲ୍ଲାରୁ ଜଣେ ଜଣେ ଅଛନ୍ତି । ଅନୁଗୁଳ ଜିଲ୍ଲାର ଜଣେ ୫୬ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ବଲାଙ୍ଗୀର ଜିଲ୍ଲାର ଜଣେ ୭୩ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି । କଟକ ଜିଲ୍ଲାର ଜଣେ ୫୨ ବର୍ଷୀୟ ମହିଳା କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣେ ୬୫ ବର୍ଷୀୟ ମହିଳାଙ୍କ କରୋନାରେ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣେ ୬୯ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଗଂଜାମ ଜିଲ୍ଲାର ଜଣେ ୪୮ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ଝାରସୁଗୁଡା ଜିଲ୍ଲାର ଜଣେ ୫୫ ବର୍ଷୀୟ ପୁରୁଷଙ୍କ କରୋନାରେ ମୃତ୍ୟୁ ହୋଇଛି । ଖୋର୍ଧା ଜିଲ୍ଲାର ଜଣେ ୪୦ ବର୍ଷୀୟ ପୁରୁଷଙ୍କ କରୋନାରେ ମୃତ୍ୟୁ ବରଣ କରିଛନ୍ତି । କେନ୍ଦୁଝର ଜିଲ୍ଲାର ଜଣେ ୭୦ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । କେନ୍ଦୁଝର ଜିଲ୍ଲାର ଜଣେ ୫୦ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ▶▶ପୃଷ୍ଠା ୭

## କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୫୪ ଜଣଙ୍କଠାରୁ ଜୋରିମାନା

ଭୁବନେଶ୍ୱର,୨୨।୧୧ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୧୫୪ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୪୮୬ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି ।

## ପାଣିରେ ବୁଡି ଦୁଇ ଭଉଣୀଙ୍କ ମୃତ୍ୟୁ

ମାଲକାନଗିରି ,୨୨।୧୧ (ନି.ପ୍ର): ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ସୀମାନ୍ତ ମୋଟୁ ଥାନା ଅନ୍ତର୍ଗତ ପୁସୁଗୁଡା ପଂଚାୟତ ମୁକାନପାଲ୍ଲୀ ଗ୍ରାମରେ ଘଟିଛି ଏକ ବଡ ଅଘଟଣା ଏହି ଗ୍ରାମରେ ଦୁଇଜଣ ଭଉଣୀ ପାଣିରେ ବୁଡିଯିବା ଯୋଗୁଁ ସେମାନଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡିଛି । ମୃତ ଦୁଇ ଶିଶୁ ମାନଙ୍କର ମଧ୍ୟରୁ ଜଣଙ୍କର ବୟଷ ୩ ବର୍ଷ ହୋଇଥିବା ବେଳେ ଅନ୍ୟଜଣକର ୬ ବର୍ଷ ବୋଲି ସୂଚନା ମିଳିଛି ଘଟଣା ପରେ ଉକ୍ତ ମୁକାନପାଲ୍ଲୀ ଅଂଚଳରେ ଶୋକର ଛାୟା ଖେଳିଯାଇଛି କ୍ଷ ଖବର ପାଇ ମୋଟୁ ଥାନା ଅଧୀକାରୀ ସୁଶାନ୍ତ କୁମାର ସାହୁ ଘଟଣା ସ୍ଥଳରେ ପହଂଚି ଅନୁଧାନ ଆରମ୍ଭ କରିବା ସହ ଦୁଇ ଶିଶୁର ଶବକୁ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି । ପ୍ରକାଶ ଯେ ମୁକାନପାଲ୍ଲୀ ଗ୍ରାମର ଉପେଲ ଗଙ୍ଗା ଙ୍କ ସ୍ତ୍ରୀ ଘରଠାରୁ ୫ ଶହ ମିଟର ଦୁରରେ ଥିବା ବିଲକୁ ଧାନ କାଟିବାକୁ ଯାଇଥିବା ବେଳେ ସାଙ୍ଗରେ ଏହି ଦୁଇ ଭଉଣୀ ଯାଇଥିଲେ କ୍ଷ ମା ଜଣଙ୍କ ବିଲରେ ଧାନକାଟୁଥିବା ସମୟରେ ଏହି ଦୁଇ ଭଉଣୀ ପାଖରେ ଥିବା ଏକ ଗାଡିଆ ବା ଚୁଆ ନିକଟରେ ବସିଥିଲେ । ଏହିସମୟରେ ସାନ ଝିଅଟି ଖେଳୁଖେଳୁ ଚୁଆ ପାଣିଭିତରେ ପଡିଯାଇଥିଲା ଭଉଣୀ ପାଣିରେ ବୁଡିଯାଇଥିବା ଦେଖି ବଡ ଭଉଣୀ ତାକୁ ରକ୍ଷାକରିବାପାଇଁ ପାଣିକୁ ଯାଇଥିଲା । ତେବେ ଉକ୍ତ ଗାଡିଆରେ ପାଣି ଅଧିକ ଥିବାରୁ ଦୁଇ ଭଉଣୀ ବୁଡିଯାଇ ମୃତ୍ୟୁ ହୋଇଯାଇଛି କିଛି ସମୟ ପରେ ମା ଆସି ଖୋଜାଖୋଜି କରିବା ପରେ ପାଣି ଭିତରୁ ଦୁଇ ଶିଶୁଙ୍କୁ ଉଦ୍ଧାର କରିଥିଲେ କିନ୍ତୁ ସେତେବେଳକୁ ଦୁଇ ଭଉଣୀର ପ୍ରାଣବାୟୁ ଉଡିଯାଇଥିଲା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶିଶୁମାନଙ୍କର ଶବ ବେବଚ୍ଛେଦ ନିମନ୍ତେ କାଳିମେଳା ମେଡିକାଲକୁ ପଠାଇଛି ।

# ମିଡ଼ିଆ ମହାକୁମ୍ଭ ଉଦ୍‌ଘାଟିତ

ଭୁବନେଶ୍ୱର,୨୨।୧୧ (ନି.ପ୍ର): ପୂର୍ବତନ ମୁଖ୍ୟମନ୍ତ୍ରୀ ଡଃ ହରେକୃଷ୍ଣ ମହତାବଙ୍କ ୧୨୧ତମ ଜନ୍ମବାର୍ଷିକ ଉପଲକ୍ଷେ ଦୁଇ ଦିନିଆ ମିଡ଼ିଆ ମହାକୁମ୍ଭ ଚତୁର୍ଥ ସଂସ୍କରଣକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭର୍ଚୁଆଲ ମଂଚରେ ଉଦଘାଟନ କରିଛନ୍ତି। ଇନିଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍ ଦ୍ୱାରା ଆୟୋଜିତ ଏହି ଜାତୀୟ ଗଣମାଧ୍ୟମ ମହାସମ୍ମିଳନୀର ଶୀର୍ଷକ "ସାମାଜିକ ପରିବର୍ତନ ପାଇଁ ଯୋଗାଯୋଗ" ରହିଛି। ଏହି ଅବସରରେ ଶ୍ରୀ ପ୍ରଧାନ ମହତାବଙ୍କ ସାମ୍ବାଦିକତା କ୍ଷେତ୍ରରେ ଅତୁଳନୀୟ ଅବଦାନକୁ ମନେପକାଇ କହିଥିଲେ ଯେ ସେ ଓଡିଆ ଜାତି ଓ ଭାଷାର ବିକାଶ ପାଇଁ ଗାଁ ମଜଲିସ୍ ସ୍ତମ୍ଭଲେଖା ଆରମ୍ଭ କରିଥିଲେ । ଏହି ସ୍ତମ୍ଭ ମାଧ୍ୟମରେ ସେ ବିକାଶମୂଳକ ସାମ୍ବାଦିକତାର ପ୍ରଚାର ଓ ପ୍ରସାର କରିଥିଲେ। ପରବର୍ତୀ ସମୟରେ ତାଙ୍କଦ୍ୱାରା ପ୍ରାକାଶିତ ପ୍ରଜାତନ୍ତ୍ର ଓଡିଆ ଭାଷା ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମରେ ବଳିଷ୍ଠ ଭୂମିକା ଗ୍ରହଣ କରିଥିଲା ବୋଲି ଶ୍ରୀଯୁକ୍ତ ପ୍ରଧାନ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଶ୍ରୀ ପ୍ରଧାନ ଡଃ ହରେକୃଷ୍ଣ ମହତାବ ରିସୋର୍ସ ସେଂଟରର ଲୋଗୋ ଉନ୍ମୋଚନ କରିଥିଲେ। ଲୋକସଭା ସାଂସଦ ଏବଂ ପ୍ରଜାତନ୍ତ୍ରର ସମ୍ପାଦକ ଭର୍ତୃହରି ମହତାବ, ଏମ.ଜି.ଏମ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁଧିର ଗାଭାନେ, ହରିଦେବ ଯୋଶୀ ସାମ୍ବାଦିକ ଓ ଗଣମାଧମ ବିଶ୍ୱବିଦ୍ୟାଳୟ, ଜୟପୁରର କୁଳପତି ପ୍ରଫେସର୍ ଓମ୍ ପ୍ରକାଶ ତାନ୍‌ଭି, ତେଜପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ସୁନିଲ କାନ୍ତ ବେହେରା ଏବଂ ଆଦାମସ ବିଶ୍ୱବିଦ୍ୟାଳୟର ପ୍ରଫେସର ଉଜ୍ଜଳ ଚୌଧୁରୀ ଅଂଶଗ୍ରହଣକରି ସେମାନଙ୍କର ବହୁମୁଲ୍ୟ ମତ ଉପସ୍ଥାପନ କରିଥିଲେ। ପରେ ତିନିଗୋଟି ପ୍ଲେନାରୀ ଅଧିବେଶନ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ନୂଆଦିଲ୍ଲୀସ୍ଥିତ ଜାମିଆ ମିଲିୟା ଇସିଲାମିୟା ଅଧିନସ୍ଥ ସେଂଟର୍ ଫର୍ କଲ୍‌ଚର ମିଡିଆ ଆଣ୍ଡ୍ ଗଭର୍ଣ୍ଣାନ୍‌ସର ନିର୍ଦ୍ଦେଶକ ପ୍ରଫେସର ବିଶ୍ୱଜିତ୍ ଦାସ, ହାଇଦରାବାଦ ବିଶ୍ୱବିଦ୍ୟାଳୟ ଅଧିନସ୍ଥ କମ୍ୟୁନିଟି ମିଡିଆର ବରିଷ୍ଠ ପ୍ରାଧାପକ ପ୍ରଫେସର ବିନୋଦ ପାଭରାଲା, ୟୁ.ଏସ୍.ଏ. କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ଗଣମାଧମ ବିଭାଗର ପ୍ରଫେସର ଡଃ ଦେବେନ୍ଦ୍ର ଶର୍ମା, ଡି.ଏମ୍.ଇ ମିଡିଆ ସ୍କୁଲ୍ ନୋଇଡାର ମୁଖ୍ୟ ତଥା ପ୍ରଫେସର ଡଃ ଆମ୍ରିସ୍ ସକ୍ସେନା, ଆଦାମସ୍ ବିଶ୍ୱବିଦ୍ୟାଳୟ ସ୍କୁଲ୍ ଅଫ୍ ମିଡିଆ କମ୍ୟୁନିକେସନ ଓ ଫେସନ୍‌ର ସହକାରୀ ପ୍ରାଧାପକ ଡଃ ନବିନା ଚକ୍ରବର୍ତୀ ପ୍ରମୁଖ ଅଂଶଗ୍ରହଣ କରି ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମିଳନୀର ଅଧକ୍ଷ ଏବଂ ଆଇ.ଏମ୍.ଏସ୍.ର ନିର୍ଦ୍ଦେଶକ ପ୍ରଫେସର ଉପେନ୍ଦ୍ର ପାଢୀ ଅତିଥିମାନଙ୍କର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ, ବରିଷ୍ଠ ଲେଖକ ଦେବ ପ୍ରସାଦ ଦାଶ ଏହି ଇ-ଉଦ୍‌ଘାଟନ ସଭାକୁ ପରିଚାଳାନା କରିଥିଲେ । ଦେଶ ଓ ବିଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଅନେକ ଜ୍ଞାନୀ, ଗୁଣି, ବିଜ୍ଞାନୀ, ଗବେଷକ, ବିଦ୍ୟାର୍ଥୀ, ବୁଦ୍ଧିଜୀବି ଏବଂ ରାଜ୍ୟର ବହୁ ସାମ୍ବାଦିକ ଓ ଗଣମାଧମ ଛାତ୍ରଛାତ୍ରୀ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ। ଅଧିବେଶନର ଦ୍ୱିତୀୟ ଦିନରେ ୧୦୦ରୁ ଉର୍ଦ୍ଧ୍ୱ ଶିକ୍ଷାବିତ୍, ଗବେଷକ ଓ ଛାତ୍ରଛାତ୍ରୀ ସେମାନଙ୍କର ଗବେଷଣାତ୍ମକ ସନ୍ଦର୍ଭ ପାଠ କରିବାର କାର୍ଯ୍ୟକ୍ରମ ରହିଛି।

# ଆଜି ଭର୍ଚୁଆଲ୍ ଟୁରରେ ପାଉଡ଼ି ଭୂୟାଁ ଓ ପାହାଡ଼ି ଖରିଆ

ଭୁବନେଶ୍ୱର,୨୨।୧୧ (ନି.ପ୍ର): କରୋନା ପରିପ୍ରେକ୍ଷୀରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ବିଭାଗ ଅନ୍ତର୍ଗତ ଏସ୍‌ସିଏସ୍‌ଟିଆରଟିଆଇଠାରେ ଥିବା ରାଜ୍ୟ ଜନଜାତି ସଂଗ୍ରହାଳୟ ବନ୍ଦ ରହିଛି । ଦର୍ଶକମାନେ ଏହି ସଂଗ୍ରହାଳୟକୁ ପରିଦର୍ଶନ ନିମନ୍ତେ ପ୍ରତି ସପ୍ତାହର ରବିବାର ଦିନ ଫେସ୍‌ବୁକ୍ ଓ ଟୁଇଟର ପେଜ୍ ଖୋଲି ଦେଖିବାର ସୁଯୋଗ ପାଉଛନ୍ତି । ଆଜି ଭର୍ଚୁଆଲ୍ ଟୁର୍‌ରେ ଦର୍ଶକମାନେ ପାଉଡ଼ି ଭୂୟାଁ ଓ ପାହାଡ଼ି ଖରିଆ ଜନଜାତିଙ୍କ ଜୀବନଶୈଳୀ ଓ ସଂସ୍କୃତି ସଂପର୍କରେ ଜାଣିପାରିବେ ବୋଲି ଏସ୍‌ସିଏସ୍‌ଟିଆରଟିଆଇର ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓତା ପ୍ରକାଶ କରିଛନ୍ତି । ପାଉଡ଼ି ଭୂୟାଁ ଜନଜାତି ମୁଖ୍ୟତଃ ସୁନ୍ଦରଗଡ଼, କେଉଁଝର, ମୟୂରଭଞ୍ଜ, ସମ୍ବଲପୁର ଓ ଅନୁଗୋଳ ଜିଲ୍ଲାରେ ବସବାସ କରିଥାନ୍ତି। ସେମାନେ ଓଡ଼ିଆ ଭାଷାରେ କଥାବାର୍ତା କରିଥାନ୍ତି। ମାତ୍ର ସେମାନଙ୍କ ର ଉଚ୍ଚାରଣ ଭିନ୍ନ ଅଟେ । ଝାଡୁ ତିଆରି, ମ୍ୟାଟ୍ ବା ମଶିଣା ପ୍ରସ୍ତୁତି, ବେତ ଆଦି ଦ୍ୱାରା ବୁଣିବା, ଲିଚୁ ଚାଷ, ଟସର ଚାଷ ସହିତ ପୋଡୁଚାଷ ମଧ କରିଥାନ୍ତି । ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ସହିତ ଶୀକାର ମଧ କରିଥାନ୍ତି। ପାଉଡ଼ି ଭୂୟାଁମାନେ ବୋରାମ, ବିରଡ଼ା, ପାଟ୍‌ସ, ଗାଲସିରି ଓ ଠାକୁରାଣୀଙ୍କୁ ମଧ ପୂଜା କରିଥାନ୍ତି । ଅନ୍ୟାନ୍ୟ ହିନ୍ଦୁ ଦେବଦେବୀଙ୍କୁ ପାଉଡ଼ି ଭୂୟାଁମାନେ ମଧ ପୂଜା କରନ୍ତି । ପାଉଡ଼ି ଭୂୟାଁ ଜନଜାତିମାନେ ଆମ ନୂଆ, କାଠ ଯାତ୍ରା, ଅଖାଣି ପରିଧି, ଆଷାଢ଼ ଆଦି ପର୍ବ ପାଳନ କରିଥା'ନ୍ତି । ସେମାନେ ନିଜ ଘର ବେଶ୍ ପରିଷ୍କାରପରିଛନ୍ନ ରଖିଥା'ନ୍ତି । ପ୍ରାୟ ୫ରୁ ୨୦ଟି ପରିବାର ଗୋଟିଏ ଗ୍ରାମରେ ବାସ କରିଥା'ନ୍ତି । ନାଳିମାଟି ଓ ଗୋବରରେ ଘରର ଚଟାଣ ସମତଳ କରି ଲିପା ଯାଇଥାଏ । ପ୍ରତ୍ୟେକ ପରିବାରରେ ଏକ ପାକଶାଳା ବଗିଚା ରହିଥାଏ । ପ୍ରତ୍ୟେକ ଗୃହ ତିନି ଭାଗରୁ ଗୋଟିଏ ଆଭ୍ୟନ୍ତରୀଣ ଭାଗ ଶସ୍ୟ ମହଜୁଦ ନିମନ୍ତେ, ମଧ ଭାଗ ରନ୍ଧନ ଓ ଶୟନ ନିମନ୍ତେ ବ୍ୟବହାର କରାଯାଇଥାଏ । ପାଉଡ଼ି ଭୂୟାଁମାନେ ସାଧାରଣତଃ ମାଟିପାତ୍ର, ଖଜୁରୀ ପତ୍ର, ବାଉଁଶ ଝାଡୁ ବ୍ୟବହାର କରିଥାନ୍ତି । ପୋଡୁଚାଷ ହେଉଥିବା ଜମିକୁ 'ବିରିଙ୍ଗା' କୁହାଯାଏ । ସେମାନେ ଡାଲି, ବାଜରା ଚାଷ ମଧ କରିଥାନ୍ତି। ପାଉଡ଼ି ଭୂୟାଁମାନେ ଗାଈ, ମଇଁଷି, ଛେଳି, ମେଣ୍ଢା ଆଦି ପଶୁସଂପଦ ରଖିଥାନ୍ତି । ସେମାନେ କୃଷିଜାତ ଓ ଜଙ୍ଗଲଜାତ ଦ୍ରବ୍ୟ ବଦଳରେ ଆବଶ୍ୟକୀୟ ସାମଗ୍ରୀ କ୍ରୟ କରିଥା'ନ୍ତି । ଅନ୍ୟ ଏକ ଭିଡ଼ିଓ ଯୋଗେ ରବିବାର ଅର୍ଥାତ୍ ନଭେମ୍ବର ୨୨ ତାରିଖ ଦିନ ଦର୍ଶକମାନେ ପାହାଡ଼ି ଖରିଆ ଜନଜାତିମାନଙ୍କୁ ଦେଖିପାରିବେ । ପାହାଡ଼ି ଖରିଆମାନେ ମୟୂରଭଞ୍ଜ ଜିଲ୍ଲାର ଯଶିପୁର ଓ କରଞ୍ଜିଆ ବ୍ଲକ୍‌ରେ ବାସ କରିଥାନ୍ତି । ପ୍ରଭୁ ଜଗନ୍ନାଥଙ୍କର ପ୍ରଥମ ପୂଜକ, ବିଶ୍ୱାବସୁ ଶବରଙ୍କର ବଂଶଧର ବୋଲି କହିଥା'ନ୍ତି । ପାହାଡ଼ି ଖରିଆ ଜନଜାତିମାନେ 'ମୁଣ୍ଡା' ଭାଷାରେ କଥା ହୁଅନ୍ତି । ମହୁ ସଂଗ୍ରହ ଓ ପ୍ରକ୍ରିୟାକରଣ, ଖିସ୍ ମିସ୍, ଆରାରୁଟ୍, ଝାଡୁ ତିଆରି, ମଶିଣା, ଖଲିପତ୍ର ତିଆରି କରିବା ଖାଦ୍ୟସଂଗ୍ରହ, ଶିକାର କରିବା, ଚାଷ କରିବା ସେମାନଙ୍କର ମୁଖ୍ୟ ପେଶା । ମହିଳାମାନେ ଖଜୁରୀପତ୍ରରୁ ମଶିଣା ଓ ବାଉଁଶ ତିଆରି ସାମଗ୍ରୀ ପ୍ରସ୍ତୁତ କରିଥା'ନ୍ତି। ସେମାନଙ୍କର ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ପାହାଡ଼ି ଖରିଆମାନେ ପତ୍ରପ୍ଲେଟ୍ ଓ କପ୍ ବ୍ୟବହାର କରିଥା'ନ୍ତି। ସିମିଳିପାଳର ଅଠରଦେଉଳି ସେମାନଙ୍କର ପବିତ୍ର ସ୍ଥାନ । ସିମିଳିପାଳର ମୁଖ୍ୟ ଦେବତା 'ବାଦାମ' । ଶାଳଗଛକୁ ସେମାନେ ପବିତ୍ର ମାନିଥାଆନ୍ତି । ଖରିଆ ଜନଜାତିମାନେ ଜଙ୍ଗଲ ଓ ଝରିଆ ସହିତ ଶାଳବଣକୁ ମଧ ପୂଜା କରିଥା'ନ୍ତି । ସେମାନେ ଧରମ(ସୂର୍ଯ୍ୟ ଦେବତା)ଙ୍କୁ ବିଶ୍ୱାସ କରିଥା'ନ୍ତି । ଠାକୁରାଣୀ ଓ ଧରଣୀ ଦେବତାଙ୍କ ସହିତ ଅନ୍ୟ ଦେବଦେବୀଙ୍କୁ ପୂଜା କରିଥା'ନ୍ତି ।

# ଅଧ୍ୟାପକ ସ୍ୱର୍ଗତ ଦୀପକ ବେହେରାଙ୍କ ପ୍ରଥମ ବାର୍ଷିକୀ ସ୍ମୃତି ସମାରୋହ




ଭଦ୍ରକ,୨୧।୧୧(ହି.ସ) : ଦୀପକ କୁମାର ବେହେରା ଥିଲେ ଜଣେ ସଫଳ ତଥା ଛାତ୍ରପ୍ରାଣ ଆଦର୍ଶ ରସାୟନ ବିଜ୍ଞାନ ଅଧ୍ୟାପକ, କର୍ତ୍ତବ୍ୟନିଷ୍ଠ, ସତ୍ୟପ୍ରିୟ, ସମାଜସେବୀ, ସମୟାନୁବର୍ତ୍ତୀ ଦାୟିତ୍ୱ ସମ୍ପନ୍ନ କର୍ମଚାରୀ ତଥା ଉଚ୍ଚ ମୂଲ୍ୟବୋଧ ଭିତ୍ତିକ ଜଣେ ଭଲ ମଣିଷ ବୋଲି ରସାୟନ ବିଜ୍ଞାନ ଅଧ୍ୟାପକ ତଥା ସାଇ ବିଜ୍ଞାନ ଏକାଡେମୀର ପ୍ରତିଷ୍ଠାତା ସ୍ୱର୍ଗତ ଦୀପକ କୁମାର ବେହେରାଙ୍କ ପ୍ରଥମ ବାର୍ଷିକ ସ୍ମୃତିସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶିକ୍ଷାବିତ୍ ତଥା ସାହିତ୍ୟିକ ପ୍ରଫେସର ଅଟଳ ବିହାରୀ ନାୟକଙ୍କ ପୌରୋହିତ୍ୟ ଏବଂ ଅଧ୍ୟାପକ ମାଧବ ଚନ୍ଦ୍ର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ସ୍ମୃତି ସମାରୋହରେ ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ କୁମାର ନାୟକ, ସମାଜସେବୀ ରୋଟାରିଆନ ବିଜୟ କୁମାର ସାହୁ, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କଥାକାର ପବିତ୍ର ପାଣିଗ୍ରାହୀ, ଅଧ୍ୟାପକ ନୀହାର ରଂଜନ କର, ଅଧ୍ୟାପିକା ସୁଚିତ୍ରା ପାଣିଗ୍ରାହୀ, ଅବସରପ୍ରାପ୍ତ ଅଧକ୍ଷ ଅଶୋକ କୁମାର ଜେନା, ବାସୁଦେବପୁର ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଭୀମସେନ ପୃଷ୍ଟି, ଇଂ ହୃଦୟେଶ୍ୱର ବେହେରା, ଅଧ୍ୟାପକ ସତ୍ୟାନନ୍ଦ ରାୟ, ଶିକ୍ଷକ ଓ ସମାଜସେବୀ ପ୍ରଭାକର ପରିଡ଼ା, ସାହିତ୍ୟିକ ଅଧ୍ୟାପକ ନିରଞ୍ଜନ ମଲ୍ଲିକ, ଗଙ୍ଗାଧର ମଲ୍ଲିକ, ସମାଜସେବୀ ଆଶିଷ ରଞ୍ଜନ ପତି ଆଦି ବହୁ ବ୍ୟକ୍ତିତ୍ୱ ସ୍ୱର୍ଗତ ବେହେରାଙ୍କୁ ଶ୍ରଦ୍ଧାର୍ଘ୍ୟ ନିବେଦନ କରିଥିଲେ। ସହଧର୍ମିଣୀ ନୃତ୍ୟ ନିର୍ଦ୍ଦେଶିକା ପୁଷ୍ପମିତ୍ରା ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସ୍ମୃତିଚାରଣ ସଭାରେ ସାନଭାଇ ସଂଦୀପ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଧାନସଭା ପରିସରରେ ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର,୨୨।୧୧ (ନି.ପ୍ର): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୧ତମ ଜୟନ୍ତୀ ବିଧାନସଭା ପରିସରରେ ପାଳିତ ହୋଇଯାଇଛି। ବିଧାନସଭା ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ଶନିବାର ପୂର୍ବାହ୍ଣରେ ବିଧାନସଭା ପରିସରରେ ଥିବା ଡ. ମହତାବଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଂଜଳୀ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପବାଚସ୍ପତି ରଜନୀକାନ୍ତ ସିଂ , ସରକାରୀ ,ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ଉପମୁଖ୍ୟ ସଚେତକ ରୋହିତ ପୂଜାରୀ , ବିଧାୟକ ପ୍ରଫୁଲ୍ଲ ସାମଲ, ବିଧାନସଭା ସଚିବ ଦାଶରଥୀ ଶତପଥୀଙ୍କ ସମେତ ବିଧାନସଭାର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଓଡିଆ ଛାତ୍ରଛାତ୍ରୀଙ୍କୁ ମୌଳିକ ଶିକ୍ଷାରୁ ବଂଚିତ କରିବାକୁ ଷଡଯନ୍ତ୍ର କରୁଛନ୍ତି ରାଜ୍ୟ ସରକାର: ଏବିଭିପି

ଭୁବନେଶ୍ୱର,୨୨।୧୧ (ନି.ପ୍ର): ରାଜ୍ୟରେ ୧୪୦୦୦ ବିଦ୍ୟାଳୟ ବନ୍ଦ ହୋଇଗଲେ ରାଜ୍ୟରେ ବହୁ ଗରିବ ଶ୍ରେଣୀର ପିଲା ପାଠପଢାରୁ ବଂଚିତ ହେବେ। ଏହା ଦ୍ୱାରା ରାଜ୍ୟ ସରକାରଙ୍କ ସଲାସୁତରା ରେ ରାଜ୍ୟ ଘରୋଇ ବିଦ୍ୟାଳୟ ଲାଭବାନ ହେବେ ବୋଲି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଅଭିଯୋଗ କରିଛି। ଆଜି ଶିକ୍ଷାମନ୍ତ୍ରୀ ଶ୍ରୀ ଦାସ କହିଛନ୍ତି ଯେ ଶିକ୍ଷାର ଗୁଣବତା ବୃଦ୍ଧି ପାଇଁ ଆମେ ବିଦ୍ୟାଳୟ ଗୁଡିକୁ ବନ୍ଦ କରୁଛୁ। ଯେତେବେଳେ ବିଦ୍ୟାଳୟ ଘର ନାହିଁ, ଶିକ୍ଷକ ରାଜ ରାସ୍ତାରେ ସେତେବେଳେ ସରକାର କେଉଁ ଗୁଣାତ୍ମକ ଶିକ୍ଷା କଥା ଆଶା ରଖିଛନ୍ତି, ବୋଲି ବିଦ୍ୟାର୍ଥୀ ପରିଷଦ ସରକାରଙ୍କୁ ପ୍ରଶ୍ନ କରିଛି। ପାହାଡ଼ ଜଙ୍ଗଲ ଅଂଚଳ ରେ ବସବାସ କରୁଥିବା ଏକ ଛାତ୍ର କିଭଳି ଖରା ବର୍ଷା ସମୟରେ ପାଠପଢିବାକୁ ଏତେ ଦୂର ଯିବ ? ଯଦି ସରକାର ଏହି ଛାତ୍ର ଅହିତ ନିଷ୍ପତି ରୁ ନ ଓହରିବେ ତ ଆଗାମୀ ଦିନରେ ରାଜ୍ୟ ସରକାର ଏକ ବିଶାଳ ଛାତ୍ର ଆନ୍ଦୋଳନ ର ସମ୍ମୁଖୀନ ହେବେ ବୋଲି ଏବିଭିପି ରାଜ୍ୟ ସମ୍ପାଦକ ଶ୍ରୀ ଶଶିକାନ୍ତ ମିଶ୍ର ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି।

# ଆଂଚଳିକ ଉନ୍ନୟନ ପରିଷଦ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

କୋରେଇ,୨୨।୧୧ (ନି.ପ୍ର): ବୈତରଣୀ ଆଂଚଳିକ ଉନ୍ନୟନ ପରିଷଦ ପକ୍ଷରୁ କରଦା ପଂଚାୟତରେ ସଫେଇ ଅଭିଯାନ କାର୍ଯ୍ୟକ୍ରମ କରାଯାଇଛି। କରଦା ରୁଦ୍ରନାରାୟଣ ମନ୍ଦିର ପରିସର ଓ କରଦା ହାଟ ପରିସରକୁ ସଫେଇ କରାଯାଇଛି। ପ୍ରଥମେ ଅନୁଷ୍ଠାନର ପ୍ରତିଷ୍ଠାତା ବ୍ରଜ କିଶୋର ମିଶ୍ର ମନ୍ଦିରରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ପରେ ସଫେଇ ଆରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପଦେଷ୍ଟା ସନାତନ ବିଶ୍ୱାଳ, ବରିଷ୍ଠ ସଦସ୍ୟ କାଙ୍ଗାଳୀ ଚରଣ ଖଣ୍ଡାଇ, ଉପସଭାପତି ପ୍ରେମାନନ୍ଦ ପାଳ, ଶରତ ଚନ୍ଦ୍ର ଖଣ୍ଡାଇ, ସମ୍ପାଦକ ମନୋରଂଜନ ନାୟକ, କାର୍ଯ୍ୟକାରୀ ସଭ୍ୟ ରାମ କୃଷ୍ଣ ମଳିକ, ଗୋପବନ୍ଧୁ ବଳିୟାର ସିଂହ, ଶରତ ଚନ୍ଦ୍ର ଜେନା, ନାରାୟଣ ପତ୍ରୀ, ପ୍ରଭାତ କୁମାର ପ୍ରଧାନ, ଅର୍ଜ୍ଜୁନ ସାହୁ, ବାସୁଦେବ ରାଉତ, ଶଙ୍କର୍ଷଣ ସେଠୀ, ଅଚ୍ୟୁତ୍ୟାନନ୍ଦ ସାହୁ, ରାଜେଶ୍ୱରୀ ରାଉତରାୟ, ଶାନ୍ତିଲତା ପଣ୍ଡା, ମହେନ୍ଦ୍ର ବେହେରା, ଗୋପନ କିଶୋର ଜେନା, ପ୍ରଭାତ ସିଂହ, ବଲ୍ଲଭାନନ୍ଦ ପଣ୍ଡା ପ୍ରମୁଖ ସଫେଇ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ନଭେମ୍ବର ୨୬ ଧର୍ମଘଟକୁ ସିପିଆଇ (ଏମ୍-ଏଲ) ଲିବରେସନର ସମର୍ଥନ

ଭୁବନେଶ୍ୱର,୨୨।୧୧ (ନି.ପ୍ର): କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକମାରଣ ନୀତି ବିରୁଦ୍ଧରେ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ କୃଷକ ସଂଗଠନମାନଙ୍କ ୨୬ ନଭେମ୍ବର ସାଧାରଣ ଧର୍ମଘଟକୁ ସିପିଆଇ (ଏମ୍-ଏଲ) ଲିବରେସନ ସମର୍ଥନ ଜଣାଇଛି । ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର କହିଛନ୍ତି କର୍ପୋରେଟ ସଂସ୍ଥାମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଶ୍ରମ ଆଇନ୍‌ର ସଂଶୋଧନ, ଶ୍ରମିକମାନଙ୍କ ଅଧିକାର ଓ ଜୀବନକୁ ବିପନ୍ନ କରୁଛି। ସରକାର କୃଷି ବିଲ୍‌କୁ ଆଇନ୍‌ରେ ପରିଣତ କରି କୃଷକର ସର୍ବନାଶ କରିଛନ୍ତି। ଦେଶକୁ ଏହି ବିପର୍ଯ୍ୟୟରୁ ରକ୍ଷା କରିବାକୁ ଶ୍ରମିକ ଓ କୃଷକ ସଂଗଠନମାନେ ୨୬ ତାରିଖରେ ଦେଶବ୍ୟାପୀ ସାଧାରଣ ଧର୍ମଘଟ ଡ଼ାକରାକୁ ଆମେ ସମର୍ଥନ କରୁଛୁ। ସେହିପରି ଓଡ଼ିଶାରେ ଆଇନ୍‌ର ଶାସନ ଭୁଷୁଡ଼ି ପଡ଼ିଛି। ପୁରୀ ଓ ବୀରମିତ୍ରପୁର ହାଜତ ମୃତ୍ୟୁ ଘଟଣା ଏହାର ଜ୍ୱଳନ୍ତ ଉଦାହରଣ। ଆମେ ଏହାର ଘୋର ନିନ୍ଦା କରୁଛୁ। ଏଥିପାଇଁ ଦାୟୀ ସମସ୍ତ ଅଧିକାରୀଙ୍କ ବିରୁଦ୍ଧରେ ହତ୍ୟା ମାମଲା ରୁଜୁ କରାଯାଉ ଓ କ୍ଷତିଗ୍ରସ୍ତ ପରିବାରଙ୍କୁ ଉପଯୁକ୍ତ କ୍ଷତିପୂରଣ ଦିଆଯାଉ ବୋଲସ ସେ .ଦାବି କରିଛନ୍ତି।

# ବିଜେଡି ଛାଡ଼ି ସିପି.ଆଇ.ଏମ.ଏଲରେ ଯୋଗଦେଲେ ଶତାଧିକ ପୁରୁଷ ଓ ମହିଳା

ଗୁଣୁପୁର,୨୨।୧୧ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ନିକଟ ଜଲତାର ଗ୍ରାମ ପଞ୍ଚାୟତର ଜାମ୍ବଗୁଡ଼ା ଠାରେ ସିପି ଆଇ ଏମ ଏଲ ଲିବରସେନ ଓ ଆଦିବାସୀ ଅଧିକାର ବିକାଶ ମଞ୍ଚ ତରଫରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସିପି ଆଇ ଏମ ଏଲର କେନ୍ଦ୍ର କମିଟି ସଭ୍ୟ ତଥା ଜିଲ୍ଲା ସମ୍ପାଦକ ତ୍ରିପତି ଗମାଙ୍ଗୋ, ରାଜ୍ୟ କମିଟି ସଭ୍ୟ ବୃନ୍ଦାବନ ବିଡ଼ିକା, ଜେମସ ଶବର, ସମ୍ବରା ଶବର, ଗୁଣୁପୁର ଅଞ୍ଚଳର ଅନାସିମ ଶବର, ଭରତ ଶବର, ଦାମୋଦର ଶବର, ଦକ୍ଷନିଏଲ ଶବର, ସୁମନ ଶବରଙ୍କ ଉପସ୍ଥିତିରେ ଜଲତାର ଗ୍ରାମପଞ୍ଚାୟତଓ ଆଖପାଖ ପଞ୍ଚାୟତ ଅଞ୍ଚଳର ଶତାଧିକ ପୁରୁଷ ଓ ମହିଳାମାନେ ବିଜେଡି ଛାଡ଼ି ସିପି.ଆଇ.ଏମ.ଏଲ ଦଳରେ ସାମିଲ ହେଲେ । ପ୍ରଥମେ ସମସ୍ତ ନୂତନ କର୍ମୀଙ୍କୁ ଦଳରେ ଯୋଗଦେବାରୁ ଶ୍ରୀ ଗମାଙ୍ଗୋ ପୁଷ୍ପମାଲ୍ୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଦଳରେ ସାମିଲ ହେବା ପରେ ଶତାଧିକ କର୍ମୀ




ଆଦିବାସୀ ମାନଙ୍କ ପାଇଁ କାନ୍ଦୁଥିବା ବିଜେଡି ଦଳ ପଞ୍ଚାୟତର ଉନ୍ନତିକୁ ବିକାଶ କରିବା ବଦଳରେ ଅବନତି କରିବା ଯଥା ଗାଁକୁ ରାସ୍ତା, ପିଇବା ପାଣି, ଜଙ୍ଗଲ ଜମିର ପଟ୍ଟା, ବାର୍ଦ୍ଧକ୍ୟ ଭତା, ନଳକୂପ ମରାମତି, ଇତ୍ୟାଦିରେ ଅବହେଳା କରିବା, ଶୌଚାଳୟ କାମ ଶେଷ ହୋଇ ଦୀର୍ଘ ଦିନଧରି ବିଲ ନହେବା ଓ ବିଜେଡି ଦଳର କାର୍ଯ୍ୟ କଳାପରେ ଅତିଷ୍ଠ ହୋଇ ଲୋକଙ୍କର ବିକାଶ ନ ହେବା ଫଳରେ ବାଧ୍ୟ ହୋଇ ବିଜେଡି ଦଳ ଛାଡିବା ଶତାଧିକ ମହିଳା ଓ ପୁରୁଷ ପ୍ରତିକ୍ରିୟା ରଖିଛନ୍ତି ।

# ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପ୍ରସଙ୍ଗରେ ମୋସନ ଆଣି ଆଲୋଚନା କରିବାକୁ ବିରୋଧୀ ଦଳ ନେତାଙ୍କ ଦାବୀ

## ରାଜ୍ୟରେ ଜଙ୍ଗଲରାଜ, ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ - ନରସିଂହ ମିଶ୍ର

ଭୁବନେଶ୍ୱର,୨୨।୧୧ (ନି.ପ୍ର): ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡିଛି। ପୋଲିସ ନିଜେ ହେପାଜତରେ ଲୋକଙ୍କୁ ହତ୍ୟା କରୁଛି। ଦୁଇ ଦୁଇଟି ସ୍ଥାନରୁ ହାଜତ ମୃତ୍ୟୁ ଘଟଣା ସାମନାକୁ ଆସିଛି । ତେଣୁ ରାଜ୍ୟରେ ବିପର୍ଯ୍ୟସ୍ତ ହୋଇ ପଡିଥିବା ଆଇନ ଶୃଂଖଳା ବ୍ୟବସ୍ଥାକୁ ନେଇ ମୋସନ ଜରିଆରେ ଆଲୋଚନା କରା ଯାଉ ବୋଲି ବିରୋଧୀ ଦଳର ନେତା ପ୍ରଦୀପ୍ତ କୁମାର ନାୟକ ଶନିବାର ଦିନ ବିଧାନସଭାରେ ଦାବି କରିଥିଲେ। ଶ୍ରୀ ନାୟକ କହିଥିଲେ ଯେ ପୁରୀ ଘଟଣାରେ ପୋଲିସ ହତ୍ୟା କରିବା ମୃତକଙ୍କ ଶବକୁ ତାଙ୍କ ପରିବାରକୁ ହସ୍ତାନ୍ତର ମଧ୍ୟ କରି ନାହିଁ। ଏହି ଘଟଣାରୁ ସ୍ପଷ୍ଟ ହେଉଛି ଯେ ପୋଲିସ କିପରି କାମ କରୁଛି। ଏବେ ରାଜ୍ୟ ସରକାର ପୁରୀର ଏସପିଙ୍କୁ ବଦଳି କରି ଦେଇଛନ୍ତି। କେବଳ ବଦଳି କରି ଦେଲେ ଚଳିବ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ ବୋଲି ସେ ଦାବି କରିଛନ୍ତି । ସେ କହିଥିଲେ ଯେ ତାଙ୍କ ଦଳ ଏହି ମାମଲାରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହେଉ ବୋଲି ଚାହେଁ। ତେଣୁ ଆଜି ସମସ୍ତ କାମ ବନ୍ଦ କରି ମୋସନ ଆଣି ଏହି ପ୍ରସଙ୍ଗକୁ ନେଇ ଆଲୋଚନା କରା ଯାଉ ବୋଲି ସେ ଦାବି କରିଥିଲେ। ସେହିପରି କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ମଧ୍ୟ ଏହି ସମାନ ପ୍ରସଙ୍ଗ ଉଠାଇଥିଲେ। ସେ କହିଥିଲେ ଯେ ଓଡିଶାରେ ଜଙ୍ଗଲରାଜ ଚାଲିଛି। ଓଡିଶାରେ ଆଇନର ଶାସନ ନାହିଁ। ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ ରୂପେ ବିପର୍ଯ୍ୟସ୍ତ ହୋଇ ପଡିଛି। ତେଣୁ ଗତକାଲି ଗୃହକୁ ବିରୋଧୀ ଦଳର ବିଧାୟକ ମାନଙ୍କ ଦ୍ୱାରା ଅଚଳ କରା ଯାଇଥିଲା। ଲୋକ ମାନଙ୍କର ଧନ ଜୀବନର ସୁରକ୍ଷାର ଦାୟିତ୍ୱ ସରକାରଙ୍କ ର। ଲୋକଙ୍କର ଜୀବନ ବଂଚିବାର ଅଧିକାର ରହିଛି । ସେ କହିଛନ୍ତି ଯେ ପୁରୀରେ ପୋଲିସ ହାଜତରେ ମୃତ୍ୟୁ ମାମଲାରେ ପୋଲିସ ମୃତକଙ୍କ ଶବକୁ ପରିବାର ବର୍ଗକୁ ଦେଇ ନଥିଲା। ମୃତ ଶରୀରର ମଧ୍ୟ ସମ୍ମାନର ଅଧିକାର ରହିଛି। ମାତ୍ର ପୁରୀ ମାମଲାରେ ତାହା ହୋଇ ନାହିଁ । ସେ କହିଛନ୍ତି ଯେ ପୁରୀ ଏସପିଙ୍କ ପ୍ରତି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ତାହେଲେ ଭବିଷ୍ୟତରେ ଏପରି କରିବାକୁ କେହି ସାହସ କରିବେ ନାହିଁ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରସଙ୍ଗରେ ଆସି ଗୃହରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ କଣ କରା ଯାଇଛି ଓ କଣ କରିବାର ଯୋଜନା ରହିଛି ତାହା ଜଣାଇବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ସେ କହିଛନ୍ତି ରାଜ୍ୟରେ ମାନବିକ ଅଧିକାର କମିଶନର ଅଧ୍ୟକ୍ଷ ପଦ ଖାଲି ପଡିଛି। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀ ପତି, ସନ୍ତୋଷ ସିଂହ ସାଲୁଜା ଏବଂ ବିରୋଧୀ ଦଳର ଉପ ନେତା ବିଷ୍ଣୁ ସେଠୀ ମଧ୍ୟ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବା ପ୍ରସଙ୍ଗ ଉଠାଇଥିଲେ।

## ଏମଏସଏଇ ଉଦ୍ୟୋଗୀଙ୍କ ପାଇଁ ୧୧ ପ୍ରକାର ଅନ୍‌ଲାଇନ ସେବା ଲୋକାର୍ପିତ


# ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ - ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୨।୧୧ (ନି.ପ୍ର): ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀମାନଙ୍କ ସୁବିଧା ପାଇଁ ୫-ଟି କାର୍ଯ୍ୟକ୍ରମରେ ଅନ୍‌ଲାଇନ ଜରିଆରେ ୧୧ ପ୍ରକାର ସେବାକୁ ଶନିବାର ଦିନ ଲୋକାର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ। ୧୧ଟି ଅନ୍‌ଲାଇନ ସେବା ଗୁଡିକ ହେଲା – (୧) ରପ୍ତାନୀ ପ୍ରୋତ୍ସାହନ ଓ ବିପଣନ ପାଇଁ ଅଣୁ, କ୍ଷୁଦ୍ର ଉଦ୍ୟୋଗ ଗୁଡିକର ପଞ୍ଜୀକରଣ ପ୍ରମାଣ ପତ୍ର, (୨) ମୂଲ୍ୟ ଚୁକ୍ତି ପ୍ରମାଣପତ୍ର, (୩) ପ୍ରୟୋଗଶାଳା ମାନ ପରୀକ୍ଷାର ବିବରଣୀ, (୪) ରପ୍ତାନୀ ପ୍ରୋତ୍ସାହନ ସହାୟତା, (୫) ଅଣୁ, କ୍ଷୁଦ୍ର ଉଦ୍ୟୋଗ ଗୁଡିକର ପ୍ରମାଣ ପତ୍ର ନବୀକରଣ, (୬) ଯୋଗାଣ ପୂର୍ବ ଓ ଯୋଗାଣ ପର ନିରୀକ୍ଷଣ ସେବା, (୭) ଖଦୀ ଓ ଗ୍ରାମଦ୍ୟୋଗ ବୋର୍ଡ ପ୍ରମାଣପତ୍ର ପାଇବା ପାଇଁ ସୁପାରିଶ, (୮) ଓଡିଶା ଖଦୀ ଓ ଗ୍ରାମଦ୍ୟୋଗ ବୋର୍ଡ ଦ୍ୱାରା ଖଦୀ ଉଦ୍ୟୋଗ ମାନଙ୍କୁ ଦିଆଯାଉଥିବା ରିହାତି, (୯) ଓଡିଶା କ୍ଷୁଦ୍ର ଶିଳ୍ପ ନିଗମ ଦ୍ୱାରା ବିଭିନ୍ନ ବିଭାଗ ମାନଙ୍କୁ ବ୍ୟବସାୟିକ ସଂଗଠନ ମାଧ୍ୟମରେ ସାମଗ୍ରୀ ଯୋଗାଣ, (୧୦) ଓଡିଶା ରାଜ୍ୟ ଅର୍ଥ ନିଗମ ଦ୍ୱାରା ଦିଆଯାଉଥିବା ବକେୟା ନ ଥିବା ପ୍ରମାଣପତ୍ର ଏବଂ (୧୧) ଓଡିଶା ରାଜ୍ୟ ଅର୍ଥ ନିଗମ ଦ୍ୱାରା ୱାନ୍ ଟାଇମ୍ ସେଟଲମେଂଟ ବ୍ୟବସ୍ଥା । ଏହିସବୁ ସେବା ଗୁଡିକ ଓଡିଶାଏମଏସଏମଇ ଡଟ୍ ଏନଆଇସି ଡଟ୍ ଇନ୍ ରେ ଉପଲବ୍ଧ ହେବ। ଉଦ୍ୟୋଗୀମାନେ ସରକାରୀ ଦପ୍ତରକୁ ନ ଆସି, ନିଜ ସୁବିଧା ଅନୁସାରେ ଅନ୍‌ଲାଇନରେ ବିଭିନ୍ନ ସରକାରୀ ସେବା ଓ ସୁଯୋଗ ଗୁଡିକର ଲାଭ ପାଇପାରିବେ । ପୂର୍ବରୁ ବିଭାଗର ୧୨ଟି ଗୁରୁତ୍ୱପୂର୍ଣ୍ଣ ସେବା ଅନ୍‌ଲାଇନ ଜରିଆରେ ମିଳିପାରୁଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କ୍ଷୁଦ୍ର, ମଧ୍ୟମ ଓ ଅଣୁ ଶିଳ୍ପ ହେଉଛି ଆମ ଅର୍ଥନୀତିର ବିକାଶର ଆଧାର। ଏହି କ୍ଷେତ୍ରରେ ହିଁ ଅଧିକ ଲୋକ କର୍ମନିଯୁକ୍ତି ପାଇଥାନ୍ତି। ତେଣୁ ଏହିସବୁ ଶିଳ୍ପ ଗୁଡିକର ପୂର୍ଣ୍ଣ କ୍ଷମତାର ଉପଯୋଗ ପାଇଁ ରାଜ୍ୟ ସରକାର ଏକ ସହାୟକ ବାତାବରଣ ସୃଷ୍ଟି କରିବା ସହିତ ସବୁପ୍ରକାର ସହଯୋଗ ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କରୋନା ମହାମାରୀ ସମୟରେ ସାରା ବିଶ୍ୱର ଅର୍ଥନୀତି କ୍ଷତିଗ୍ରସ୍ତ ହୋଇଥିବାବେଳେ ଆମର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଗୁଡିକ ଅତ୍ୟନ୍ତ କଠିନ ଆର୍ଥିକ ପରିସ୍ଥିତି ଦେଇ ଗତି କରୁଛନ୍ତି ଏବଂ ସରକାର ସେମାନଙ୍କୁ ସହାୟତା ଯୋଗାଇବା ପାଇଁ ପଦକ୍ଷେପ ନେବେ ବୋଲି ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଥିଲେ । କରୋନା ମହାମାରୀ ସତ୍ତ୍ୱେ ଓଡିଶାରେ ଗତ ୧୦ ମାସ ମଧ୍ୟରେ ୧,୧୭,୦୦୦ କୋଟି ଟଙ୍କାର ପୁଞ୍ଜି ଆଣିବାରେ ଓଡିଶା ସଫଳ ହୋଇଛି। ଏହାଦ୍ୱାରା ୫୩ ହଜାରରୁ ଅଧିକ ଯୁବକଯୁବତୀ ମାନଙ୍କ ପାଇଁ କର୍ମ ନିଯୁକ୍ତି ହୋଇପାରିଛି। ବିଭାଗୀୟ ମନ୍ତ୍ରୀ ଶ୍ରୀ ଦିବ୍ୟଶଂକର ମିଶ୍ର କହିଲେ ଯେ କରୋନା ସମୟରେ ରାଜ୍ୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ ଏହି ବର୍ଗର ଶିଳ୍ପ ଗୁଡିକୁ ଚଳଚଂଚଳ କରିବା ଏବଂ ଶ୍ରମିକ ବର୍ଗଙ୍କ ରୋଜଗାରର ସୁବିଧା ପାଇଁ ପ୍ରତିଶୃତିବଦ୍ଧ ହୋଇ କାମ କରୁଛି। ଆଜିର ଅନ୍‌ଲାଇନ ସେବା ଗୁଡିକର ସୁଯୋଗ ନେବା ପାଇଁ ସେ ଶିଳ୍ପ ସଂସ୍ଥା ମାନଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ କଟକ ଜିଲ୍ଲାର ଶ୍ରୀ ସଂଜୟ ବିଶ୍ୱାଳ, ଅନୁଗୁଳର ଶ୍ରୀମତୀ ଆଶାଲତା ପାଣି ଓ ଗଞ୍ଜାମର ଶ୍ରୀମତୀ ଇ. ସୁଜାତା ପ୍ରମୁଖ ଶିଳ୍ପଦ୍ୟୋଗୀ କରୋନା ସମୟରେ ସରକାରଙ୍କର ଆର୍ଥିକ ସହାୟତା କିପରି ସେମାନଙ୍କ ଶିଳ୍ପକୁ ପୁର୍ନଜୀବନ ଦେବା ସହିତ ଶ୍ରମିକ ମାନଙ୍କ ରୋଜଗାରର ସୁରକ୍ଷା ମଧ କରିପାରିଛି, ସେ ସଂପର୍କରେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଲୋକାର୍ପିତ ଅନ୍‌ଲାଇନ ସେବା ସଂପର୍କରେ ଏକ କ୍ଷୁଦ୍ର ଭିଡିଓ ଚିତ୍ର ମଧ ପ୍ରଦର୍ଶନ କରାଯାଇଥିଲା। ଓଡିଶା କ୍ଷୁଦ୍ର ଶିଳ୍ପ ନିଗମର ଅଧକ୍ଷ ଶ୍ରୀ ଚିନ୍ମୟ ସାହୁ, ଖଦୀ ବୋର୍ଡର ଅଧକ୍ଷ ଶ୍ରୀ ସଂଗ୍ରାମ ପାଇକରାୟ, ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ, ଉନ୍ନୟନ କମିଶନର ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, କୃଷି ଉତ୍ପାଦନ କମିଶନର ଶ୍ରୀ ଆର.କେ. ଶର୍ମା, ଅର୍ଥ ବିଭାଗ ପ୍ରମୁଖ ସଚିବ ଶ୍ରୀ ଅଶୋକ ମୀନା ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଶ୍ରୀ ଭି.କେ. ପାଣ୍ଡିଆନ ପ୍ରମୁଖ ଉପସ୍ଥିତ ଥିଲେ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ସୋମବାର, ନଭେମ୍ବର ୨୩, ୨୦୨୦

## ବଦଳୁଛି ଚିନ୍ତାଧାରା

**ଏକବିଂଶ ଶତାବ୍ଦୀରେ ଲୋକଙ୍କ ଚିନ୍ତାଧାରା ଅନେକାଂଶରେ ବଦଳୁଥିବାର ଦେଖାଯାଉଛି । ପାଶ୍ଚାତ୍ୟ ରାଷ୍ଟ୍ରରେ ଏସବୁକୁ ଖୁବ୍ ସାଦରେ ଗ୍ରହଣ କରାଯାଇଥିବା ବେଳେ ଭାରତର ଲୋକେ ମଧ୍ୟ ସମୟକ୍ରମେ ନିଜ ଭାବନାକୁ ପରିବର୍ତ୍ତନ କରୁଛନ୍ତି ।**



○କିଛି ବର୍ଷ ତଳେ ଘରର ଝିଅ, ବୋହୂଙ୍କୁ ଡ୍ରାଇଭିଂ କରିବାକୁ ଅନୁମତି ମିଳୁନଥିଲା । ଆଜିର ସମୟରେ ଲୋକଙ୍କ ମତରେ ଏସବୁ ନିୟମ କୌଣସି ପ୍ରଭାବ ପକାଇନଥାଏ । ବରଂ ଯୁବତୀମାନଙ୍କୁ ଡ୍ରାଇଭିଂ ଶିଖିବାକୁ ଉତ୍ସାହିତ କରାଯାଉଛି । ଆମ ଭାରତର ଅଧିକାଂଶ ସହରରେ ଏବେ ମହିଳାମାନେ ଡ୍ରାଇଭିଂ କରୁଛନ୍ତି । ଦିନକୁଦିନ ସେମାନଙ୍କ ସଂଖ୍ୟା ମଧ୍ୟ ବଢୁଛି ।

○ଆଗରୁ ଘର କାମ ସ୍ତ୍ରୀ ଲୋକ କରୁଥିବାବେଳେ ପୁରୁଷମାନେ ବାହାର କାମ କରୁଥିଲେ । ଏବେ ଉଭୟ ପୁରୁଷ ଓ ସ୍ତ୍ରୀ ମିଳିତଭାବେ ଘର-ବାହାର କାମ କରୁଛନ୍ତି । ଅଧିକାଂଶ ପରିବାରରେ ପୁରୁଷମାନେ ମଧ୍ୟ ରୋଷେଇ କରୁଛନ୍ତି । ଏସବୁ କାମ କରି କେହି ନିଜକୁ ଛୋଟ ମନେ କରୁନାହାନ୍ତି ।


○୭୦-୯୦ ଦଶକ ଶେଷ ପର୍ଯ୍ୟନ୍ତ ମହିଳା ଉଚ୍ଚ ପଦାଧିକାରୀଙ୍କୁ କର୍ମଚାରୀମାନେ ସହଜରେ ଗ୍ରହଣ କରୁନଥିଲେ । ଆଜିର ସମୟରେ ଅଧିକାଂଶ ଅନ୍ତର୍ଜାତୀୟ କମ୍ପାନୀଗୁଡ଼ିକର ଉଚ୍ଚ ପଦରେ ମହିଳାମାନେ କାର୍ଯ୍ୟରତ ଓ ଏଇ ପଦ କାହାକୁ ଅସୁବିଧାରେ ପକାଉନାହିଁ ।

○କିଛି ବର୍ଷ ତଳର ଚିତ୍ରକୁ ଅନୁଧ୍ୟାନ କଲେ ଜଣାପଡ଼ିଥାଏ ରେସ୍ତୋରାଁରେ କେବଳ ପୁରୁଷମାନେ ହିଁ ବିଲ ଦେଉଥିଲେ । ଏବେ ଆତ୍ମନିର୍ଭରଶୀଳ ମହିଳାମାନେ ବରଂ ନିଜେ ଆଗଭର ହୋଇ ବିଲ ଦେବାକୁ ପସନ୍ଦ କରୁଛନ୍ତି । ଘରର ଝିଅମାନଙ୍କୁ ବିଦେଶ ଉଚ୍ଚଶିକ୍ଷା ପାଇଁ ଆଦୌ ଅନୁମତି ଦିଆଯାଉନଥିଲା । ଏବର ସମୟରେ ବାପା-ମାମାନେ ନିଜେ ଝିଅମାନଙ୍କୁ ବାଧ୍ୟ କରି ଉଚ୍ଚଶିକ୍ଷା ପାଇଁ ଉତ୍ସାହିତ କରୁଛନ୍ତି ।



## ରୋବଟ୍‌ର ନାଁ 'ଫେଡୋର'

ମଣିଷ ପରି ଆକୃତିର ଏକ ରୋବଟକୁ ରୁଷର ମହାକାଶ ଯାନ ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେସନ (ଆଇଏସଏସ)ରେ ପହଞ୍ଚାଇଛି । ଏହି ରୋବଟର ନାମ ଫେଡୋର ( ଫାଇନାଲ ଏକ୍ସପେରିମେଣ୍ଟାଲ ଡେମନଷ୍ଟ୍ରେସନ ଅବଜେକ୍ଟ ରିସର୍ଚ୍ଚ) । ମହାକାଶକୁ ଯିବା ପୂର୍ବରୁ ହିଁ ଏହି ରୋବଟ ମହାକାଶରେ ରହିବ । ଏହାର ଏକ ଇନଷ୍ଟାଗ୍ରାମ ଏବଂ ଟ୍ୱିଟର ଆକାଉଣ୍ଟ ମଧ୍ୟ ରହିଛି । କିଛିଦିନ ତଳେ ଫେଡୋର ପାଣି ବୋତଲ ଖୋଲିବାର କଳା ଶିଖୁଛି ବୋଲି ଏକ ଫଟୋ ଏହାରଆକାଉଣ୍ଟରେ ଶେୟାର କରାଯାଇଥିଲା । ରୁଷ ଏଯାବତ ସୋୟୁଜ ଏମଏସସୋୟୁଜ ଏମଏସ-୧୪ ଯାନରେ ମହାକାଶ ଯାତ୍ରୀମାନଙ୍କୁ ପଠାଉଥିଲା । ଚଳିତ ଥର ମଣିଷଙ୍କ ବଦଳରେ ରୋବଟ ଯାଇଛି । ଏହାର ହାତରେ ରୁଷର ଜାତୀୟ ପତାକା ରହିଥିଲା । ରୁଷର ପ୍ରଥମ ମହାକାଶଯାତ୍ରୀଙ୍କ ପରି ଫେଡୋର ମଧ୍ୟ ଗଲାବେଳେ ରୁଷୀୟ ଭାଷାରେ ହଉ, ଏବେ ଯିବା' ବୋଲି କହିଥିଲା । ପୂର୍ବରୁ ୨୦୧୧ ମସିହାରେ ନାସା ରୋବୋନଟ-୨ ମହାକାଶକୁ ପଠାଇଥିଲା । ଏଥିରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଏହାକୁ ୨୦୧୮ ମସିହାରେ ପୃଥିବୀକୁ ଫେରାଇ ଅଣାଗଲା । ୨୦୧୩ରେ ଜାପାନର ପ୍ରଥମ ମହାକାଶ ଯାତ୍ରା ଏକ ଛୋଟ ରୋବଟ କରୋବୋକୁ ନିଜ ସହ ମହାକାଶକୁ ନେଇ ଯାଇଥିଲେ ।



## ରାଜସ୍ଥାନୀ ପକୋଡ଼ା କଢ଼ି



ପକୋଡ଼ା କଢ଼ି ରାଜସ୍ଥାନର ଏକ ପାରମ୍ପରିକ ଖାଦ୍ୟ । ପକୋଡ଼ା କଢ଼ି ଅନ୍ୟାନ୍ୟ ରାଜ୍ୟରେ ମଧ୍ୟ ପ୍ରସ୍ତୁତ କରାଯାଇଥାଏ । ତେବେ ରାଜସ୍ଥାନୀ ପକୋଡ଼ା କଢ଼ିର ସ୍ୱାଦ ଟିକେ ଭିନ୍ନ । କାରଣ ଏଥିରେ ସାଧାରଣତଃ ପିଆଜ, ରସୁଣର ବ୍ୟବହାର ହୋଇନଥାଏ । ବେସନ ଓ ଦହିରେ ପ୍ରସ୍ତୁତ ହେଉଥିଲେ ମଧ୍ୟ ଏହାର ସ୍ୱାଦ ଅଲଗା ହେବାର କାରଣ ହେଉଛି ଏଥିରେ ମିଶୁଥିବା ମସଲା ରାଜସ୍ଥାନୀ ପକୋଡ଼ା କଢ଼ିରେ କୁକୁକୁରିଆ ପକୋଡ଼ା ମିଶଯାଇଥିବାରୁ ଏହାର ସ୍ୱାଦଦ ମଧ୍ୟ ଭଲ ଲାଗେ । ଏହାକୁ ଭାତ, ରୁଟି, ପରଟା, ପୁରି ଆଦ ସହିତ ଖିଆଯାଇଥାଏ । ଯେହେତୁ ରାଜସ୍ଥାନରେ ପାଣି ଆଭାବ ଅଧିକ ତେଣୁ ଲୋକମାନେ ସାଧାରଣତଃ ଅଳ୍ପ ପାଣି ଦରକାର ହେଉଥିବା ବ୍ୟଞ୍ଜନ ପ୍ରସ୍ତୁତ କରିଥାଆନ୍ତି । ପାଣି ଜାଗାରେ ଦହିର ବ୍ୟବହାର ଟିକେ ଅଧିକ ହୋଇଥାଏ । ତେବେ ଆସନ୍ତୁ ଜାଣିବା ରାଜସ୍ଥାନୀ ପକୋଡ଼ା କଢ଼ି କିଭଳି ପ୍ରସ୍ତୁତ ହୋଇଥାଏ ।

**ପ୍ରସ୍ତୁତି :**

ପ୍ରଥମେ ପକୋଡ଼ା ବା ପକୁଡ଼ି ତିଆରି କରିବା ପାଇଁ ବେସନ ୧ କପ୍, କଟା ଧନିଆ ପତ୍ର ୨ ଟେବଲ ଚାମଚ, ହଳଦୀ ଚଉଠେ ଚାମଚ, ଟିପେ ବେକିଂ ସୋଡ଼ା, ଜୀରା ୧ ଚା ଚାମଚ, ଦେଢ଼ ଚା-ଚାମଚ କଟା କଞ୍ଚାଲଙ୍କା, ଲୁଣ ସ୍ୱାଦ ଅନୁସାରେ, ଛାଣିବା ପାଇଁ ରିଫାଇନ ତେଲ । ରିଫାଇନ ତେଲକୁ ଛାଡ଼ି ସବୁ ଜିନିଷକୁ ଏକାଠି କରି ଅଳ୍ପ ପାରି ଦେଇ ଏକ ବହଳିଆ ଘୋଳି ପ୍ରସ୍ତୁତ କରନ୍ତୁ । ଏହାପରେ ତେଲ ଗରମ କରି ମଧ୍ୟମ ଆଞ୍ଚରେ କୁକୁକୁରିଆ ପକୁଡ଼ି ଛାଣି ଅଲଗା ରଖନ୍ତୁ । ଏହାପରେ ପ୍ରସ୍ତୁତ କରନ୍ତୁ କଢ଼ି । କଢ଼ି ପ୍ରସ୍ତୁତ ପାଇଁ ଦହି ୨ କପ୍, ବେସନ୍ ୨ ଟେବଲ୍ ଚାମଚ, ହଳଦୀ ପାଉଡର ଚଉଠେ ଚାମଚ, ଲୁଣ ସ୍ୱାଦ ଅନୁସାରେ, ୧ ଟେବଲ ଚାମଚ ତେଲ, ଡାଲଚିନି ୧ ଟିକୁରା, ଲବଙ୍ଗ ୨ଟା, କାଶ୍ମିରୀ ଲଙ୍କା ୨ଟା, ପାନମହୁରୀ ଅଧ ଚାମଚ, ଗୋଟା ଧନିଆ ଅଧା ଚାମଚ, ଜୀରା ଅଧ ଚାମଚ, ମେଥି ଦାନା ଚଉଠେ ଚାମଚ, ଅଦା କଟା ଅଧ ଚାମଚ, ଭୃର୍ସୁଙ୍ଗ ପତ୍ର ଅଳ୍ପ, ଅଧ ଚାମଚ ଲଙ୍କା ଗୁଣ୍ଡ । କଢ଼ି ତିଆରି କରିବା ପାଇଁ ପ୍ରଥମେ ଦହି, ବେସନ, ହଳଦି, ଲୁଣ ଏବଂ ୨ କପ୍ ପାଣିକୁ ଏକାଠି ଏକ ପାତ୍ରରେ ଗୋଳାନ୍ତୁ । ଦରକାର ହେଲେ ସାମାନ୍ୟ ଅଧିକ ପାଣି ମିଶାଇ ପାରନ୍ତି । ଏହାପରେ ଏକ ପ୍ୟାନରେ ତେଲ ଗରମ କରି ସେଥିରେ ଡାଲଚିନି, ଲବଙ୍ଗ, ଶୁଖିଲା ଲଙ୍କା, ପାନମହୁରି, ଗୋଟା ଧନିଆ, ଜୀରା, ମେଥି ଦାନା, କଟା ଅଦା, ଭୃର୍ସୁଙ୍ଗ ପତ୍ର ଏବଂ ଲଙ୍କାଗୁଣ୍ଡ ପକାଇ ମଧ୍ୟମ ଆଞ୍ଚରେ ଫୁଟଣ କରି ଆଞ୍ଚ ବନ୍ଦ କରି ସେଥିରେ ଦହି ଓ ବେସନର ମିଶ୍ରଣକୁ ମିଶାଇ ଭଲ କରି ଗୋଳାଇ ଦେବେ । ଏହାପରେ ପୁଣି ଥରେ ଗ୍ୟାସ ଅନ୍ କରି ଧିମା ଆଞ୍ଚରେ ଏହି ଘୋଳକୁ ଏକ ଚାମଚ ସାହାଯ୍ୟରେ ଘାଣ୍ଟିବେ । ଦେଖିବେ ଟିକେ ବହଳିଆ ହୋଇଆସିଲେ ବେସନର କଞ୍ଚାପଣ ଚାଲିଯିବ । ଏହାପରେ ଆଞ୍ଚ ବନ୍ଦ କରିଦେବେ । ପରିବେଷଣ କଲା ପୂର୍ବରୁ ଏହି କଢ଼ିରେ ଆଗରୁ ଛାଣି ରଖିଥିବା ପକୋଡ଼ା ମିଶାଇ ଦେବେ । ପ୍ରସ୍ତୁତ ହୋଇଗଲା ରାଜସ୍ଥାନୀ ପକୋଡ଼ା କଢ଼ି । ଏହି ଖାଦ୍ୟରେ ପୁଷ୍ଟିସାରର ପରମାଣ ଯଥେଷ୍ଟ ଅଧିକ । ସ୍ୱାସ୍ଥ୍ୟ ପାଇଁ ଏହି କଢ଼ି ଉପାଦେୟ । ଶୀତଦିନେ ଅନେକ ଲୋକ ଦହି ଖାଆନ୍ତି ନାହିଁ । କିନ୍ତୁ ଦହିରେ ବେସନ ମିଶାଇ ଏଭଳି ସ୍ୱାଦିଷ୍ଟ କଢ଼ି ପ୍ରସ୍ତୁତ କରାଯାଇପାରିବ ।

## ଗୃହିଣୀଙ୍କ ନିମନ୍ତେ ଟିପ୍ସ

**ସକାଳ ପହରରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଗୃହିଣୀଙ୍କୁ ଘରର ବିଭିନ୍ନ ଦାୟିତ୍ୱ ତୁଲାଇବାକୁ ପଡ଼ିଥାଏ । ଏସବୁ ଭିତରେ ସେମାନେ ନିଜ ପ୍ରତି ଧ୍ୟାନ ଦେବାକୁ ସମୟ ପାଆନ୍ତିନାହିଁ । ବର୍ତ୍ତମାନ ସମୟରେ ଅଧିକାଂଶ ଗୃହିଣୀଙ୍କ ମୁଖ୍ୟ ସମସ୍ୟା ହେଲା ଓଜନ ବଢ଼ିବା ସମସ୍ୟା । ଏଥିରୁ ମୁକୁଳିବାର ସହଜ ଘରୋଇ ଉପଚାର ମାନ ହେଲା-**

○ଦିନର ଆରମ୍ଭ ଫଳ ଖାଇ କରନ୍ତୁ । କଦଳୀ, ସେଓ ଅବା ଡାଳିମ୍ବ ଏସବୁ ଫଳ ଖାଇବା ଦ୍ୱାରା ଶରୀରକୁ ଶକ୍ତି ମିଳିବା ସହ ଶୀଘ୍ର ଥକ୍କା ଲାଗିନଥାଏ ।

○ନିଜ ପାଇଁ ଯେପରି ହେଲେ ପ୍ରତିଦିନ ୩୦ମିନିଟ୍‌ରୁ୧ଘଣ୍ଟା ସମୟ ବାହାର କରନ୍ତୁ । ଏଇ ସମୟରେ ଧ୍ୟାନ, ଯୋଗ କିମ୍ବା ପ୍ରାଣାୟମ ନଚେତ ପାଖରେ ଥିବା ପାର୍କରେ ଚଲାବୁଲା କରନ୍ତୁ । ଏପରି କରିବା ଦ୍ୱାରା



ଆପଣଙ୍କୁ ଫୂର୍ତ୍ତି ଲାଗିବ ।

○ ତେଲ- ଛଣାଛଣି ଖାଇବାର ଅଭ୍ୟାସଠାରୁ ଦୂରେଇବା ସହ ପନିପରିବା ଖାଇବା ଉପରେ ଅଧିକ ଗୁରୁତ୍ୱ ଦେବା ଉଚିତ ।

○ମାସକୁ ଥରୁଟିଏ ଅନ୍ତତଃ ପାର୍ଲର ଯାଇ ଫେସିଆଲ କରାନ୍ତୁ ।

○ଖାଦ୍ୟ ପାନୀୟରେ ନିଜେ ସତର୍କ ହେବା ସହ ପରିବାରର ଅନ୍ୟ ସଦସ୍ୟଙ୍କୁ ମଧ୍ୟ ସତର୍କ କରାଇବା ହି ଆପଣଙ୍କର ମୁଖ୍ୟ କର୍ତ୍ତବ୍ୟ । ଓଜନ କମ କରିବାକୁ ଚାହୁଁଥିଲେ ପ୍ରଥମେ ଚିନି ଖାଇବା ବନ୍ଦ କରନ୍ତୁ । ଏହା ପରିବର୍ତ୍ତେ ଗୁଡ଼, ମହୁ ଇତ୍ୟାଦିର ଉପଯୋଗ କରିପାରିବେ ।

○ଦ୍ୱିପହର ଭୋଜନ ଅବା ରାତ୍ରି ଭୋଜନରେ ସାଲାଡ ନିୟମିତ ଭାବେ ଖାଇବା ସ୍ୱାସ୍ଥ୍ୟ ପାଇଁ ଉପକାରୀ । ଏପରି କଲେ ଆପଣଙ୍କ ଓଜନ ମଧ୍ୟ ନିୟନ୍ତ୍ରିତ ହୋଇଥାଏ ।

## କେଶରେ ଚିନିର ପ୍ରୟୋଗ





ଘନ କେଶ ପ୍ରତି ପ୍ରତ୍ୟେକ ଯୁବତୀ ତଥା ମହିଳାଙ୍କ ଅହେତୁକ ଦୁର୍ବଳତା ରହିଛି । ସୁନ୍ଦର କେଶ ନିମନ୍ତେ ବିଭିନ୍ନ ପ୍ରକାର ଘରୋଇ ଉପଚାର କରିବା ଉଚିତ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତ। ବଜାରରେ ଉପଲବ୍ଧ ଅର୍ଗାନିକ୍ ଶାମ୍ପୁ ନଚେତ ଘରୋଇ ଉପାୟରେ ତିଆରି ଶ୍ୟାମ୍ପୁର ପ୍ରୟୋଗ କେଶରେ କରିବା ଉଚିତ । ତେବେ ଆମ ରୋଷେଇଘରେ ବ୍ୟବହୃତ ହେଉଥିବା ଚିନିକୁ ମଧ୍ୟ କେଶ ଚର୍ଚ୍ଚାରେ ପ୍ରୟୋଗ କରିହେବ । ମେହେନ୍ଦୀ ପ୍ୟାକରେ ଅଧ ଚାମଚ ଚିନି ଗୁଣ୍ଡର ପ୍ରୟୋଗ କରି ତାହାକୁ କେଶରେ ଲଗାଇବେ । କେଶର ଘନତ୍ୱ ବଢ଼ିଥାଏ । କେଶରେ ଶ୍ୟାମ୍ପୁ କଲାବେଳେ ଶ୍ୟାମ୍ପୁ କେଶରେ ଲଗାଇବା ପୂର୍ବରୁ ଗୁଣ୍ଡ ଚିନି ଚିମୁଟାଏ ଶ୍ୟାମ୍ପୁରେ ମିଶାଇ କେଶ ସଫା କରନ୍ତୁ । ନିଜେ ହିଁ ଫରକ ଜାଣିପାରିବେ ।

## ଓଜନ କମ କରିବାର ଉପାୟ

**ସୁସ୍ଥ ଶରୀର ନିମନ୍ତେ ସଠିକ୍ ଓଜନ ରହିବା ନିତାନ୍ତ ଜରୁରୀ । ଓଜନକୁ ନିୟନ୍ତ୍ରଣରେ ରଖିବା ପାଇଁ କିଛି ଘରୋଇ ଉପଚାର:-**



ଅଧିକାଂଶ ଭାରତୀୟ ଖାଦ୍ୟରେ ଧନିଆ ପତ୍ର ବ୍ୟବହୃତ ହୁଏ । ଏହି ପତ୍ରକୁ ବାଟି ଏକ ଗିଲାସ ଉଷୁମ ପାଣିରେ ମିଶାଇ ପିଅନ୍ତୁ। ୩ଦିନ ପିଇବା ପରେ ଜଣେ ବ୍ୟକ୍ତି ଫରକ୍ ଜାଣିପାରିବ । ୧ମାସ ପିଇଲେ ଜଣେ ବ୍ୟକ୍ତିର ଓଜନ କମ ହୁଏ ।

ସକାଳୁ ତୁଳସୀ ପତ୍ର ଚା ନଚେତ ୫ରୁ ୧୦ଟି ତୁଳସୀ ପତ୍ରକୁ ଚୋବାଇ ଖାଆନ୍ତୁ । ନିୟମିତ ଏହାକୁ ଖାଇଲେ ଓଜନ ନିୟନ୍ତ୍ରଣାଧୀନ ହୋଇଥାଏ । ନଚେତ ତୁଳସୀପତ୍ର ଫୁଟାପାଣି ଦିନକୁ ୪ରୁ୫ ଗିଲାସ ପିଅନ୍ତୁ ।

ଓଜନ କମ ନିମନ୍ତେ ପୋଦିନା ପତ୍ର ମଧ୍ୟ ବେଶ୍ ସହାୟକ । କାକୁଡ଼ି ରସ ସହ ପୋଦିନା ରସ ମିଶାଇ ପିଇଲେ ଓଜନ ନିୟନ୍ତ୍ରିତ ହୁଏ । ଭୃର୍ସୁଙ୍ଗ ପତ୍ରକୁ ଛେଚି ଏହାକୁ ଚୋବାଇ ଖାଇଲେ ମଧ୍ୟ ଉପକାର ମିଳେ । ନଚେତ ଏହାକୁ ମଧ୍ୟ ପାଣିରେ ଫୁଟାଇ ପିଇହେବ ।

ଲେମ୍ବୁ ପାଣି ମୋଟା ଲୋକଙ୍କ ପାଇଁ ସବୁଠୁ ଉତ୍ତମ ପାନୀୟ । ଏହା ଶରୀର ପାଇଁ ଭଲ ହେବା ସହ ଓଜନକୁ ଶୀଘ୍ର କମାଏ । ଲେମ୍ବୁ, ରସକୁ ଉଷୁମ ପାଣିରେ ମିଶାଇ ପିଇଲେ ତାହା ତୁରନ୍ତ କାର୍ଯ୍ୟକାରୀ ହୋଇଥାଏ ।

## ମର୍ସେଲ ସ୍ପର୍କ

ବାହାରକୁ ବଣଭୋଜି କରିବା ଲାଗି ଗଲେ କିମ୍ବା ବୁଲାବୁଲି କରିବାକୁ ଯାଇଥିଲେ ଏକାଧିକ ଜିନିଷ ବୋହିନେବା କଷ୍ଟକର ଲାଗେ । ଏପରି ସ୍ଥିତିକୁ ସହଜ କରିବା ପାଇଁ ସ୍ୱତନ୍ତ୍ର ଭାବେ ଏକ ଚାମଚ ତିଆରି କରାଯାଇଛି ଯାହା ଉଭୟ ଚାମଚ, କଣ୍ଟାଚାମଚ ଏବଂ ରୋଷେଇ ପାଇଁ କରଚୁଲି ଭାବେ ବ୍ୟବହାର କରାଯାଇପାରିବ । ୧୦.୫ ଇଞ୍ଚ ଲମ୍ବା ଏହି ଉପକରଣଟି ନମନୀୟ ରବରରେ ତିଆରି ତେବେ ଏହାକୁ ଡିସୱାଶର ଏବଂ ଫୁଟାପାଣିରେ ବି ପକାଇ ସଫା କରିପାରିବେ ।



## ଚଟାଣ ସଫା ଦେଖାଯିବ

**ଘରର ଚଟାଣ ଯଦି ରଙ୍ଗହୀନ କିମ୍ବା ଅପରିଷ୍କାର ଦେଖାଯାଏ, ତେବେ ଯେତେ ସୁନ୍ଦର ଘର କରିଥିଲେ ବି କିଛି ଲାଭ ରହେନି । ଅପରିଷ୍କାର ଚଟାଣ ବିଭିନ୍ନ ରୋଗର କାରଣ ହୋଇଥାଏ । ସାମାନ୍ୟ ଚେଷ୍ଟାରେ ଚଟାଣକୁ ସଫା ରଖାଯାଇପାରିବ ।**

♦କଳା ଏବଂ ଲାଲ ରଙ୍ଗର ଟାଇଲ ଶୀଘ୍ର ମଇଳା ହୋଇଯାଏ । ବାଲଟିଏ ପାଣିରେ ୧କପ୍ ସିରକା ମିଶାଇ ପୋଛିଲେ ଏହା ତୁରନ୍ତ ସଫା ହୋଇଯିବ ।

♦ତରବରିଆ ଭାବେ ଘର ପୋଛି ସଫା କରିବାକୁ ଚାହୁଁଥିଲେ କେତୋଟି ଲେମ୍ବୁ କାଟି ଏହାର ରସ ଏକ ବାଲଟି ପାଣିରେ ମିଶାଇ ଦେବେ । ଏଥିରେ ପୋଛିଲେ ଚଟାଣରେ ଥିବା ଦାଗ ତୁରନ୍ତ ସଫା ହୋଇଥାଏ ।

♦ପୋଷାକ ସଫା କରିବା ସମୟରେ ବ୍ୟବହାର କରୁଥିବା ଫାବ୍ରିକ୍ ସଫ୍ଟନରକୁ ବି ଚଟାଣ ସଫା କାମରେ ଲଗାଇହେବ । ତେବେ ଭଲ ଭାବେ ନ ପୋଛିଲେ ଏହାର ଦାଗ ଚଟାଣକୁ ଅଧିକ ଅପରିଷ୍କାର କରିଦେଇପାରେ ।





♦ବାଲଟିଏ ପାଣିରେ ୧କପ୍ ଆମୋନିଆ ଅତି ଉକ୍ଟ ଗନ୍ଧଯୁକ୍ତ ଥିବାରୁ ସଫା କରିବା ସମୟରେ ଘରର କବାଟ ଝରକା ଖୋଲା ରଖନ୍ତୁ । ଏହାଦ୍ୱାରା ଦୁର୍ଗନ୍ଧ ପଳାଇବ ।

♦ଚଟାଣ ଘୋଡ଼ାଇବା ଲାଗି ଆଜିକାଲି ବିଶେଷ ପ୍ରକାରର ପ୍ଲାଷ୍ଟିକ ମ୍ୟାଟ୍ ମିଳୁଛି । ଏଥିରେ ପୂରା ଚଟାଣ ଘୋଡ଼ାଇହେବ । ସଫା କରିବାକୁ ମଧ୍ୟ ସହଜ ।

♦ବାଲଟିଏ ପାଣିରେ ୧ଚାମଚ ଇଥାନଲ ମିଶାଇ ଚଟାଣ ପୋଛିପାରିବେ ।

## ଟ୍ରେଡ୍ ମଲ୍ ବାଇସାଇକେଲ୍

ଘର ଭିତରେ ବ୍ୟବହାର କରାଯାଉଥିବା ଟ୍ରେଡ୍‌ମିଲକୁ ଏଣିକି ରାସ୍ତାରେ ବ୍ୟବହାର କରାଯାଇପାରିବ । ଡଚ ଉଦ୍ଭାବକ ବ୍ରୁଇନ ବର୍ଗମିସଟର୍ ରବର ଚକ ଥିବା ବାଇସାଇକେଲ ଓ ଟ୍ରେଡ୍‌ମିଲର ହାଇବ୍ରିଡ୍ ଗଢ଼ିଛନ୍ତି । ତାଙ୍କ ଟ୍ରେଡମବିଲ ବାଇସାଇକେଲର ନାମ- 'ଲୋପିଫିଟ୍' । ଏଥିରେ ପାଡେଲ ନାହିଁ । ପାଡେଲ ସ୍ଥାନରେ ଲାଗିଛି ମୋଟର ଚାଳିତ ଟ୍ରେଡ୍‌ମିଲ୍ ଏବଂ ଚେନ ଦ୍ୱାରା ଚକା ସହ ସଂଯୁକ୍ତ କରାଯାଇଛି । ଏହାକୁ ଏକ ବୈଦ୍ୟୁତିକ ଯାନ କୁହାଯାଇପାରେ । ବ୍ୟାଟେରି ଶକ୍ତି ଚାଳିତ ଟ୍ରେଡ୍‌ମିଲ୍ ଉପରେ ଦୌଡ଼ିଲେ ଲୋପିଫିଟ୍ ଆଗକୁ ଗଡ଼ିବା ଏହାର ଘଣ୍ଟା ପ୍ରତି ବେଗ ସତର ମାଇଲ । ମୂଲ୍ୟ ଭାରତୀୟ ମୁଦ୍ରାରେ ପ୍ରାୟ ଦୁଇ ଲକ୍ଷ ଟଙ୍କା ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବ୍ୟାପକ କ୍ଷତିଗ୍ରସ୍ତ ଅର୍ଥନୀତି...

କୋଭିଡ-୧୯ ପାଇଁ ତମାମ୍ ବିଶ୍ୱବାସୀ ପ୍ରତ୍ୟକ୍ଷ ତଥା ପରୋକ୍ଷ ଭାବେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛନ୍ତି । ଅର୍ଥନୀତି ତଥା ସାମାଜିକ ବ୍ୟବସ୍ଥାରେ ଏତେ ଅଧିକ ପ୍ରତିକୂଳ ଅବସ୍ଥା କେବେ ସୃଷ୍ଟି ହୋଇନଥିଲା । ୨୦୨୦ ବର୍ଷ ପୂରା ବରବାଦ୍ ହୋଇଗଲା ବୋଲି କହିଲେ ଭୁଲ୍ ହେବନାହିଁ । ଏମିତିରେ ପାରିବାରିକ ତଥା ସାମାଜିକ ବ୍ୟବସ୍ଥା ବିଗିଡ଼ିଗଲା, ଯେତେ ପ୍ରକାର ପ୍ରୟାସ କରାଗଲେ ସୁଦ୍ଧା ମୂଳ ସ୍ଥିତିକୁ ଫେରିବା ସହଜ ହେବ ବୋଲି ଲାଗୁନାହିଁ । ଯୁକ୍ତରାଷ୍ଟ୍ର ଆମେରିକା ଓ ପ୍ରମୁଖ ଧନୀ ଦେଶମାନଙ୍କୁ କରୋନା ରୀତିମତ ଆଣ୍ଠେଇ ଦେଇ ସାରିଲାଣି । ଅନ୍ୟ ବିକାଶଶୀଳ ଦେଶଗୁଡ଼ିକର କଥା ଦୂରର କଥା । ପଶ୍ଚିମ ଦୁନିଆରେ ଆମ ଭଳି ପାରିବାରିକ ବନ୍ଧନ ଘନିଷ୍ଠ ନଥାଏ ବୋଲି କୁହାଯାଉଛି । ହେଲେ କରୋନା ସେହି ରାଷ୍ଟ୍ର ସମୂହରେ ଥିବା ଅବଶିଷ୍ଟାଂଶ ସମ୍ପର୍କର ବନ୍ଧନକୁ ମଧ୍ୟ ଛିଣ୍ଡାଇ ପକାଇଛି । ସବୁ ଦେଶରେ ଚାଲିଛି ମୃତ୍ୟୁର ତାଣ୍ଡବ ଲୀଳା, ଘୋଟି ରହିଛି ବିଷାଦର କଳାବାଦଲ । ଅର୍ଥନୀତି ଏଭଳି କ୍ଷତିଗ୍ରସ୍ତ ହେବାପରେ ୨୦୨୦କୁ ଅବସାଦର ବର୍ଷ ଭାବେ ଇତିହାସରେ ଗଣା ହେବ । ଏମିତିରେ ଆମ ଦେଶରେ କରୋନା ପୂର୍ବରୁ ଯେଉଁ ମାନ୍ଦାବସ୍ଥା ଲାଗି ରହିଥିଲା, ସମସ୍ତେ ସୁଧାରମୂଳକ ଅଗ୍ରଗତି ଦେଖିବାକୁ ମିଳିବ ବୋଲି ଆଶା କଲାବେଳକୁ ଆସିଗଲା ଭୂତାଣୁ ସଂକ୍ରମଣ । ମାନ୍ଦାବସ୍ଥା ଟାଳିବାକୁ ଆମ ସରକାର ଗୁଡ଼ିଏ ବଳିଷ୍ଠ ପଦକ୍ଷେପ ନେବା ଭଳି ଦେଖାଯାଉଥିଲା । ଯେପରିକି ରିଜର୍ଭ ବ୍ୟାଙ୍କ ଲକ୍ଷ କୋଟିର ପ୍ୟାକେଜ୍ ଘୋଷଣା କରିବା, ଦେବାଳିଆ ବ୍ୟାଙ୍କଗୁଡ଼ିକୁ ଅଣ୍ଟା ସଳଖି ଛିଡ଼ା କରାଇବା ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତା ରମଣଙ୍କ ଦ୍ୱାରା ସହାୟତା ଘୋଷଣା ସମୁଦ୍ରକୁ ଶଙ୍ଖେ ଭଳି ସାବ୍ୟସ୍ତ ହେଲା । ତାହାକୁ ଅର୍ଥଶାସ୍ତ୍ରୀମାନେ 'ଗୋଦରା କୋଡ଼େ ଯେତେ ମାଡ଼େ ସେତେ' ଭଳି ବଚନିକା ତୁଳନା କରୁଛନ୍ତି । ନିକଟରେ କେତେକ ସଂସ୍ଥା ସେମାନଙ୍କ ସର୍ବେକ୍ଷଣ ରିପୋର୍ଟ ପ୍ରକାଶ କରି ଦର୍ଶାଇଛନ୍ତି, କରୋନାଜନିତ କ୍ଷତିର ଭରଣା ଏତେଶୀଘ୍ର ହୋଇପାରୁନାହିଁ । ଅତି କମ୍‌ରେ ପାଞ୍ଚ-ସାତ ବର୍ଷ ପରେ ହୁଏତ ବିଶ୍ୱ ଅର୍ଥନୀତିକୁ ଉପଯୁକ୍ତ ଗୁଳାରେ ପକାଯିବା ନେଇ ଆଶା କରାଯାଇପାରେ । ମ୍ୟାନୁଫେକ୍‌ଚରିଂ ଶିଳ୍ପଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ଗୁରୁତର ମାନ୍ଦାବସ୍ଥା ପାଇଁ ବେରୋଜଗାରୀ ମଧ୍ୟ ସୀମାତିକ୍ରମ କରିସାରିଲାଣି । ଅକ୍ସଫୋର୍ଡ ଇକନମି ପାଇଥିବା ରିପୋର୍ଟରୁ ଜଣାଯାଇଛି ଯେ, କୋଭିଡ ସଂକ୍ରମଣ ହେବା ପୂର୍ବରୁ ଉତ୍ପାଦନ ସ୍ତର ଯାହା ଥିଲା, ସେଥିରେ ୧୨% ଊଣା ହେବା ଜଳଜଳ ଦିଶିଗଲାଣି । ବିଶ୍ୱରେ ଯେଉଁ ବଡ଼ ଅର୍ଥନୀତି ରହିଛି, ତାହା ଭିତରେ ଭାରତ ଆସୁଛି । କୁହାଯାଉଛି, ଭାରତ ଭଳି ବଡ଼ ଅର୍ଥନୀତି ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହେବା ଥୟ । ଯଦି ଏହିପ୍ରକାର ଅବସ୍ଥା ଲାଗି ରହେ, ତେବେ ୨୦୨୫ ପର୍ଯ୍ୟନ୍ତ ଭାରତୀୟ ଅର୍ଥନୀତି ଘାଣ୍ଟିହେବ । କେବଳ କରୋନା କାହିଁକି, ମାନ୍ଦାବସ୍ଥା ପରିଚାଳନା ରହିଆସିଥିବା ଦୋଷ ଦୁର୍ବଳାତା ସମଗ୍ର ସ୍ଥିତିକୁ ଗ୍ରାସ କରିବ, ଏଥିରେ କାହାରି ସନ୍ଦେହ ରହିନପାରେ । ଲାଭ-କ୍ଷତିର ଯେଉଁ ହିସାବ ଫର୍ଦ୍ଦ ପ୍ରସ୍ତୁତ କରାଯାଏ, ସେଥିରେ ତାଳମେଳ ରଖାଯିବା ସହଜ ହେବନାହିଁ । ବନ୍ୟା, ବାତ୍ୟା, ଭୂକମ୍ପ ଭଳି ବିପର୍ଯ୍ୟୟ ଯେମିତି ଜନଜୀବନକୁ ବିପର୍ଯ୍ୟସ୍ତ କରିଦେଇଥାଏ; ସେହିଭଳି କରୋନା ଭୂତାଣୁ ତାହାଠାରୁ ଭୟଙ୍କର ପ୍ରଭାବ ଆଣି ସମସ୍ତଙ୍କୁ ଅସ୍ତବ୍ୟସ୍ତ କରିପକାଉଛି । ଅର୍ଥନୀତି ଥରେ ଦୋହରିଗଲେ ତାହାର ପୁନରୁଦ୍ଧାର କେତେ କାଠିକର ପାଠ, ସମସ୍ତେ ଜାଣନ୍ତି । ସମସ୍ତେ ଆଶା ରଖିଛନ୍ତି କି, କରୋନା ମହାମାରୀ ଅବଶ୍ୟ ଟିକା ବିକଶିତ ହେବାପରେ ସଂକୁଚିତ ହୋଇପାରିବ । ତାହା ସମସ୍ତଙ୍କ ଆଶା ବଳୟ ଭିତରେ ସୀମିତି ରହିଛି । ତାହା ଏକ ବୈତରଣୀ, ସୁତରାଂ ଆଶା କରିହେବ ଯେ, ବିପର୍ଯ୍ୟୟ ଅର୍ଥନୀତି ପାଇଁ ଅବଶ୍ୟ ଭଲ ଦିନ ଆସିବ । କେବଳ ସମୟ ତାହାର ଉତ୍ତର ଦେଇପାରିବ ବୋଲି ସମସ୍ତେ କହୁଛନ୍ତି ।

## ବଢୁଛି ଖାଦ୍ୟ ଓ ପୋଷଣ ସମସ୍ୟା

ଗୋପାଳ ମହାପାତ୍ର



ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ ରିପୋର୍ଟରେ ଗତବର୍ଷ ଆମେ ୧୦୨ ନମ୍ବରରେ ଥିଲେ ଓ ଏହା ପୁଣି ନାଇଜର ଏବଂ ସିଏରା-ଲିଓନ ଦେଶ ମଝିରେ। ଏବର୍ଷ ଆମେ ଅଛେ ୯୪ ସ୍ଥାନରେ ଆଙ୍ଗୋଲୋ ଏବଂ ସୁଡାନ ଦେଶ ମଝିରେ। ଗତବର୍ଷର ରିପୋର୍ଟରେ ୧୧୭ଟି ଦେଶ ବାବଦରେ ତଥ୍ୟ ପ୍ରଦାନ କରାଯାଇଥିବାବେଳେ ଏବର୍ଷ ୧୦୭ଟି ଦେଶ ବାବଦରେ ତଥ୍ୟ ପ୍ରଦାନ କରାଯାଇଛି। ଗତବର୍ଷ ଆମର (ଦେଶର) 'ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ ଭାଲ୍ୟୁ' ୩୦.୩ ଥିଲା । କିନ୍ତୁ ଏବର୍ଷ ମଧ ୨୭.୨ ରହିଛି। ଗତବର୍ଷ ଆମେ ସିରିୟସ କ୍ୟାଟୋଗୋରିରେ ଥିଲେ ଏବର୍ଷ ସେହି କ୍ୟାଟୋଗୋରିରେ ଅଛେ। ଏବର୍ଷ ଯେଉଁ ରିପୋର୍ଟ ପ୍ରକାଶ ପାଇଛି ବା ଯେଉଁ ତଥ୍ୟ ପ୍ରକାଶ କରାଯାଇଛି ତାହା ୨୦୨୦ବର୍ଷର ନୁହେଁ। ଆମେ ଏକଥା ମଧ କହିପାରିବା ଯେ,କରୋନାର ପ୍ରଭାବ ପ୍ରସଙ୍ଗରେ ରିପୋର୍ଟରେ କିଛି ଉଲ୍ଲେଖ କରାଯାଇନାହିଁ ଏବଂ ଯଦି କରୋନା ପ୍ରସଙ୍ଗରେ ବିଶ୍ଳେଷଣ କରାଯାଇଥାନ୍ତା ତେବେ ହୁଏତ ଆମ ସ୍ଥାନ ଆହୁରି ତଳକୁ ଖସିଆସିଥାନ୍ତା ନହେଲେ ଆମ ସ୍ଥାନ ଉପରେ ରହିଥାନ୍ତା। କଥା ହେଉଛି ଯେ, 'ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ ରିପୋର୍ଟ' ଜର୍ମାନୀର ପ୍ରତିଷ୍ଠିତ ବେସରକାରୀ ସଂସ୍ଥା ବେଲତୁଗେରାହିଲଫେ ଏବଂ 'କନସର୍ଣ୍ଣ ୱାର୍ଲ୍ଡୱାଇଡ୍'ର ସମ୍ମିଳିତ ପ୍ରୟାସରେ ପ୍ରସ୍ତୁତ କରାଯାଇଥାଏ। ଏହି ସଂସ୍ଥା ୨୦୦୦ ମସିହା ଠାରୁ କ୍ଷୁଧା ଏବଂ ପୋଷଣ ପ୍ରସଙ୍ଗରେ ଜାତିସଂଘ ଏବଂ ଏଥିସହିତ ଜଡ଼ିତ ଅନେକ ଆନ୍ତର୍ଜାତିକ ଏଜେନ୍ସୀ ଦ୍ୱାରା ପ୍ରତିବର୍ଷ ପ୍ରଦାନ କରାଯାଉଥିବା ତଥ୍ୟକୁ ଆଧାର କରି ରିପୋର୍ଟ ପ୍ରସ୍ତୁତ କରିଥାଏ । 'ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ' ଏକ ଏଭଳି ସୂଚକାଙ୍କ ଯାହା ଖାଦ୍ୟ ଏବଂ ପୋଷଣ ସୁରକ୍ଷାର ତତ୍କାଳିକ ମାନଦଣ୍ଡ ଏବଂ ଏହାର ଦୂରଗାମୀ ପ୍ରଭାବ ଉଭୟ ସମ୍ପର୍କରେ ସ୍ୱଷ୍ଟଚିତ୍ର ପ୍ରଦାନ କରିଥାଏ। ଏହି ରିପୋର୍ଟ ଆମକୁ ପ୍ରତିବର୍ଷରେ ତଥ୍ୟ ପ୍ରଦାନ କରିଥାଏ। ରିପୋର୍ଟରୁ ପୂର୍ବବର୍ଷ ଓ ଚଳିତବର୍ଷ ମଧ୍ୟରେ ଥିବା ଫରକ୍ ଆମକୁ ଜଣାପଡିଯାଏ।

୨୦୦୦ ମସିହା ଠାରୁ ବେଲତୁଗେରାହିଲଫେ ଓ କନସର୍ଣ୍ଣ ୱାର୍ଲ୍ଡ ୱାଇଡ୍ ଯେଉଁ ରିପୋର୍ଟ ପ୍ରସ୍ତୁତ କରିବା ସହ ପ୍ରକାଶ କରି ଆସୁଛି ତାକୁ ସମୀକ୍ଷା କଲେ ସ୍ପଷ୍ଟ ଯେ ଆଙ୍ଗୋଲା ଭଳି ଦେଶ ୨୦୦୦ରୁ ୨୦୨୦ ମଧ୍ୟରେ ସେ ଦେଶର ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ ଭାଲ୍ୟୁକୁ ୬୪.୯ରୁ ୨୬.୮ପର୍ଯ୍ୟନ୍ତ ନେଇ ଆସିବାରେ ସକ୍ଷମ ହୋଇଛି। ଅନ୍ୟପକ୍ଷରେ ଆମେ (ଆମଦେଶ) ସେହି ୨୦ବର୍ଷର ଅବଧି ମଧ୍ୟରେ ଏହି ହାରକୁ ୩୮.୯ରୁ ୨୭.୨ରେ ପହଞ୍ଚାଇ ପାରିଛେ। ରିପୋର୍ଟରୁ ଭାରତରେ କ୍ଷୁଧା ଏବଂ କୁପୋଷଣ ପ୍ରସଙ୍ଗରେ ଯାହା ତଥ୍ୟ ମିଳୁଛି ତାହା ହେଉଛି ଦେଶରୁ କ୍ଷୁଧା ଏବଂ କୁପୋଷଣ ଭଳି ସମସ୍ୟାର ସମାଧାନ ପାଇଁ ସରକାରୀ ସ୍ତରରେ ଯେଉଁ ପଦକ୍ଷେପ ନିଆଯାଇଛି ତାହା ପର୍ଯ୍ୟାପ୍ତ ନୁହେଁ। ରିପୋର୍ଟରେ ଯେଉଁ ଗ୍ରାଫିକ୍ ପ୍ରଦାନ କରାଯାଇଛି ସେଥିରୁ ଜଣାପଡୁଛି ଯେ, ୨୦ବର୍ଷ ମଧ୍ୟରେ ଏ ପ୍ରସଙ୍ଗରେ ଯେତେସବୁ ଯୋଜନା କରାଯାଇଛି। ତାହା ସଫଳ ହୋଇପାରିନାହିଁ ଅଥବା ଆନ୍ତରିକତାର ଅଭାବରୁ ଯୋଜନା ସବୁ ଫେଲ୍ ମାରିଛି। କ୍ଷୁକ୍ଷା ଓ ପୋଷଣ ସମସ୍ୟା ଅଧିକ ଥିବା ଦେଶଗୁଡ଼ିକ ହେଉଛି ରଡ, ମାଡାଗାସ୍କର, ହାଇତି, ଲେସୋଥୋ, କଙ୍ଗୋ, ଉତ୍ତର-କୋରିଆ ଏବଂ ନାଇଜେରିଆ ପ୍ରଭୃତି । ଆମେ ବା ଭାରତ ଏସବୁ ଦେଶମାନଙ୍କ ସହ ରହିଛି। ଏସବୁ ଦେଶର 'ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ ଭାଲ୍ୟୁ' ୨୦ବର୍ଷ ମଧ୍ୟରେ ୫ରୁ ୧୦ପ୍ରତିଶତ କମିଛି ଏବଂ ଏସବୁ ଦେଶକୁ ରିପୋର୍ଟରେ ସିରିୟସ ଏବଂ ଆଲାରମିଙ୍ଗ୍ ଶ୍ରେଣୀରେ ସ୍ଥାନିତ କରାଯାଇଛି। ସବୁଠାରୁ ଅଧିକ ଦୁଃଖଦାୟକ କଥା ହେଉଛି ଗ୍ରାଫିକ୍ସରେ ଆମ ଦେଶ ପାଖରେ ଯିଏ ଅଛି ସେ ଦେଶ ହେଉଛି ଉତ୍ତରକୋରିଆ। ଆମ ପଡ଼ୋଶୀ ଦେଶ ନେପାଳ, ଭୁଟାନ, ବଙ୍ଗଳାଦେଶ ଏବଂ ପାକିସ୍ଥାନ କ୍ଷୁଧା ଏବଂ କୁପୋଷଣ ମାମଲାରେ ଆମ ଠାରୁ ଭଲ ପ୍ରଦର୍ଶନ କରିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ରିପୋର୍ଟରେ ଏକଥା ସ୍ପଷ୍ଟ ଭାବରେ ଉଲ୍ଲେଖ ରହିଛି ଯେ, ଆମ ଦେଶ ଭାରତ ଭିତରେ ଆଉ ଏକ ଭାରତ ରହିଛି ଯେଉଁଠି ରୁଆଣ୍ଡ ଓ ରଡ଼ ଭଳି ଦେଶରେ ଥିବା କ୍ଷୁଧା କୁପୋଷଣ ଭଳି ସମସ୍ୟା ରହିଛି। ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ ରିପୋର୍ଟରେ ଭୋଜନ (ଖାଦ୍ୟ) ବ୍ୟବସ୍ଥାକୁ ନେଇ ଅନେକ ପ୍ରଶ୍ନ ଉଠିଛି ଓ ଆଶଙ୍କା ପ୍ରକାଶ ପାଇଛି । ଭାରତର କେତେକ ଅଞ୍ଚଳ 'ଷ୍ଟେଟିଙ୍ଗ୍' (ଉଚ୍ଚତା ଏବଂ ବୟସ ଅନୁପାତ) ପ୍ରସଙ୍ଗରେ ରାଷ୍ଟ୍ରୀୟ ସ୍ତର ଠାରୁ ସମ୍ପୂର୍ଣ୍ଣ ଭିନ୍ନ। ରିପୋର୍ଟରେ ସ୍ପଷ୍ଟ ଭାବରେ କୁହାଯାଇଛି ଯେ, ସ୍ୱାସ୍ଥ୍ୟ, ପୋଷଣ, ଭୋଜନ ପାଇଁ ଅଧିକ ତତ୍ପରତା ଆବଶ୍ୟକ। ପରିବେଶ, ବଜାର, ସାମାଜିକ ସୁରକ୍ଷା ଏବଂ ସାମୁଦାୟିକ ଭାଗିଦାରୀ ଆଦିକୁ ସମସ୍ତଙ୍କ ପାଇଁ ଭୋଜନ (ଖାଦ୍ୟ) ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ବୋଲି ଗ୍ରହଣ କରାଯାଇଥାଏ। ପ୍ରାକୃତିକ ସଂସାଧନର ଦୁରୂପଯୋଗ, ପ୍ରଦୂଷଣ, ବ୍ୟବସାୟୀଙ୍କ ଅଧିକ ଲାଭ କରିବାର ଇଚ୍ଛା ଭଳି ଘଟଣା ଆମ ଦେଶର ସମସ୍ତଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥାକୁ ସୁଚାରୁ ରୂପେ ଚଳାଇବା ବାଟରେ ପ୍ରତିବନ୍ଧକ ସାଜିଛି। ଗତବର୍ଷର 'ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ ରିପୋର୍ଟ'ରେ ବଦଳୁଥିବା ଭୁ-ପରିଦୃଶ୍ୟ କାରଣରୁ କ୍ଷୁଧା ବା ଅନାହାରର ସମସ୍ୟା ବଢିବାରେ ଲାଗିଛି ବୋଲି ଉଲ୍ଲେଖ କରାଯାଇଥିଲା। ଏବର୍ଷର ରିପୋର୍ଟରେ ଭୁ-ପରିଦୃଶ୍ୟ, ଜମି, ପାଣି ଉପରେ ଅଧିକାର, ପରିବେଶ ଏବଂ ଲୋକଙ୍କ ମଧ୍ୟରେ ଅସମାନତା କଥା ଅଧିକ ଭାବରେ ଦର୍ଶାଯାଇଛି। ଏହି ରିପୋର୍ଟରେ ଯେଉଁ ସବୁ ଦେଶମାନଙ୍କ ଉପରେ ବିଶ୍ଳେଷଣ କରାଯାଇଛି ସେହି ବିଶ୍ଳେଷଣରୁ ଉପରୋକ୍ତ କଥା ପ୍ରସଙ୍ଗରେ ସ୍ପଷ୍ଟ ଜଣାପଡ଼େ। କଙ୍ଗୋରେ ଯେଉଁଠି ସେ ଦେଶର ଅଧିକ ଲୋକ ଚାଷ ଉପରେ ନିର୍ଭର କରନ୍ତି ସେଠାକାର ସମସ୍ତ ଘରୋଇ ଉତ୍ପାଦ (ଜିଡିପି) ଖନନ ଉଦ୍ୟୋଗରୁ ଆସିଥାଏ। ଏଣୁ ସରକାର ଖନନ ଉଦ୍ୟୋଗ ଉପରେ ଅଧିକ ଧ୍ୟାନ ଦେଉଥିବାବେଳେ ଖାଦ୍ୟ (ଭୋଜନ) ପ୍ରସଙ୍ଗ ଉପରେ କମ୍ ଧ୍ୟାନ ଦେଇଥାନ୍ତି। ଖନନ କାରଣରୁ ପରିବେଶ, ସ୍ୱାସ୍ଥ୍ୟ ଭଳି ସମସ୍ୟା କଥାକୁ ସେ ଦେଶର ସରକାର ପୁରାପୁରି ଭୁଲିଯାଉଛନ୍ତି। କିନ୍ତୁ ନେପାଳର ସ୍ଥିତି ସମ୍ପୂର୍ଣ୍ଣ ବିପରୀତ। ନେପାଳରେ କୃଷିକ୍ଷେତ୍ର ଏବଂ ଜଙ୍ଗଲ ଅଧିକ। ପର୍ଯ୍ୟଟନ ଉଦ୍ୟୋଗକୁ ଛାଡ଼ିଦେଲେ ନେପାଳରେ ଖଣି ଏବଂ ଅତ୍ୟାଧୁନିକ ଉଦ୍ୟୋଗର ଭୂମିକା ତୁଳନାତ୍ମକ ଭାବରେ କମ୍ ରହିଛି। ପ୍ରଦୂଷଣ ଏବଂ ପରିବେଶ ପରିପ୍ରେକ୍ଷୀରେ ପର୍ଯ୍ୟଟନ ଅଧିକ ସମ୍ବେଦନଶୀଳ ଉଦ୍ୟୋଗ ଅଟେ।

ଏ ଯେଉଁ ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ ରିପୋର୍ଟ ପ୍ରକାଶ କରାଯାଇଛି ସେ ବାବଦରେ ଆମ ଦେଶର ସରକାର ଅଧିକ ସମୀକ୍ଷା କରିବା ଆବଶ୍ୟକ। ଅନାହାର ବା କ୍ଷୁଧା ପ୍ରସଙ୍ଗରେ ୨୦୦୦ ଠାରୁ ଏଯାବତ୍ ଯେଉଁ ଦେଶମାନଙ୍କରେ କୌଣସି ପରିବର୍ତ୍ତନ ଦେଖାଯାଇନାହିଁ ସେ ସବୁ ଦେଶରେ ଖନନ (ଖଣି ଉଦ୍ୟୋଗ)କୁ ଅର୍ଥବ୍ୟବସ୍ଥାର ମୂଳପିଣ୍ଡ ବୋଲି ଧରାଯାଇଥାଏ। ଯେହେତୁ କୃଷିକୁ ଯେଉଁ ସବୁ ଦେଶମାନଙ୍କରେ ଗୁରୁତ୍ୱ ଦିଆଯାଉନାହିଁ ସେ ସବୁ ଦେଶରେ ଖାଦ୍ୟ ଶସ୍ୟର ଅଭାବ ରହିବ ଏଣୁ ଅନାହାର ଅର୍ଦ୍ଧାହାର ସମସ୍ୟା ଦେଖାଯିବ। ଆମ ଦେଶରେ ଏବେ ଲୋକସଂଖ୍ୟା ୧୩୫ କୋଟି ଟପିଲାଣି। ଦେଶରେ ଖାଦ୍ୟ ଶସ୍ୟର ଉତ୍ପାଦନ ମଧ ଅଧିକ ହେଉଛି ବୋଲି ସରକାରୀ ରିପୋର୍ଟରେ କୁହାଯାଇଛି। ଯଦି ସରକାର କହୁଛନ୍ତି ଦେଶରେ ଖାଦ୍ୟଶସ୍ୟର ଅଭାବ ନାହିଁ ତେବେ ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ ରିପୋର୍ଟ ଭୁଲ୍ କହୁଛି? ଏସବୁ ତର୍ଜମା କରିବାର ବିଷୟ। କିନ୍ତୁ ସରକାର ଏ ଦିଗରେ ଅଧିକ ପଦକ୍ଷେପ ଗ୍ରହଣ କରନ୍ତୁ ଓ ଯୋଜନାର ରୂପାୟନ ଦିଗରେ ପଦକ୍ଷେପ ନିଅନ୍ତୁ। ଏହା ହୋଇପାରିଲେ ଆଗାମୀ ବର୍ଷର ରିପୋର୍ଟ ଭାରତ ପ୍ରସଙ୍ଗରେ ସକାରାତ୍ମକ ତଥ୍ୟ ପ୍ରକାଶ କରିବ ନିଶ୍ଚୟ।


+ ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪


## ମଦଭାଟି ବନ୍ଦ କରନ୍ତୁ ସାର୍, ମଦ ପିଇ ମୋ ବାପା ମଲେ

ସୁବ୍ରତ କର



ଏହା ଏକ ଅନୁରୋଧ ଥିଲା ୧୨ ବର୍ଷର ଝିଅ ବର୍ଷା ପ୍ରିୟଦର୍ଶିନୀ ସୋରେଙ୍ଗଙ୍କର ସୁନ୍ଦରଗଡ଼ ଜିଲ୍ଲାର ଜିଲ୍ଲାପାଳଙ୍କ ପାଖରେ । କାରଣ ତା'ର ବାପା ମଦ ପିଇ ପିଇ ଆରପାରିକୁ ଗଲା ଏବଂ ଏହାକୁ ସହି ନପାରି ମା ମଧ ଚାଲିଗଲା । ଏବେ ସେ ଏକୁଟିଆ । ଜିଲ୍ଲାପାଳ ଏହି କୁନି ଝିଅର ଅନୁରୋଧ ରଖି ପାରିବେ କି? କାରଣ ଆଶ୍ୱାଶନା ଦେବା ଛଡ଼ା ଏହି ଅନୁରୋଧକୁ ରକ୍ଷା କରିବା ତାଙ୍କର କ୍ଷମତାର ବାହାରେ । କୁନି ଝିଅଟି ଭାବିଥିବ ଜିଲ୍ଲାପାଳଙ୍କ ପାଖରେ ବହୁତ କ୍ଷମତା । ସେ ଯାହା ଚାହାନ୍ତି ତାଙ୍କ ଜିଲ୍ଲାରେ କରିପାରନ୍ତି । କିନ୍ତୁ ଜାଣେନାହିଁ ଯେ ତାହାର ଅନୁରୋଧ ଏକମାତ୍ର ମୁଖ୍ୟମନ୍ତ୍ରୀ ରଖିପାରିବେ । କିନ୍ତୁ ସେ ରଖିବେ କି? ଅନୁରୋଧ ବନାମ ୪୦୦୦ କୋଟି ଟଙ୍କା । ନିଶ୍ଚିତ ରାଜ୍ୟର ମୁଖିଆ ୪୦୦୦ କୋଟିକୁ ପ୍ରାଧାନ୍ୟ ଦେବେ ଏବଂ କୁନି ଝିଅର ଅନୁରୋଧ ପବନରେ ମିଶିଯିବ ଏବଂ ଏମିତି ଅନୁରୋଧ ବହୁତ ଆସିଛି ଏବଂ ଆସିବ ମଧ ରାଜ୍ୟରେ ମଦ ବନ୍ଦ ହେବ ନାହିଁ । ମଦ ଚାଲିବ ଏବଂ ସରକାର ଚେଷ୍ଟା କରିବେ ୪୦୦୦ କୋଟି ଟଙ୍କାରୁ ୫୦୦୦ କୁ କେମିତି ନେବେ । ମଦ ଏବେ ରାଜ୍ୟରେ ଖୋଲମ୍ ଖୋଲାରେ ଚାଲିଛି ଏବଂ ଚାଲିବ ମଧ । ଏବେ ଏହାକୁ ବିଶେଷ ଗୁରୁତ୍ୱ ଦିଆଯାଉ ନାହିଁ । ଏବେ ଧଳା ପାଉଡର ଏବଂ ଗଞ୍ଜେଇ । ଉପରଟା ବାଂଲାଦେଶରୁ ଆସି କଲିକତା ବାଲେଶ୍ୱର ଦେଇ ଭୁବନେଶ୍ୱର ପହଞ୍ଚୁଛି । ଗଞ୍ଜେଇ କୋରାପୁଟ, ମାଲକାନଗିରିରୁ ଆସି କଲିକତା ରାଞ୍ଚି, ପାଟଣା ପ୍ରଭୃତି ଯାଗାକୁ ଯାଇପାରୁଛି । ସରକାରଙ୍କ ସବୁକିଛି ଥାଇ କିଛି କରିବାର କ୍ଷମତା ନାହିଁ । ପୁଲିସ ମୁଖ୍ୟ କିଛିଦିନ ତଳେ ପ୍ରେସରେ କହିଥିଲେ ଏବର୍ଷ ଧଳା ଜହର ପୁଲିସ ଧରିବାରେ ରେକର୍ଡ ବନେଇଛି । ଏବେ ୨୦ କେ.ଜିରୁ ଊର୍ଦ୍ଧ ଏବଂ ଏହାର ମୂଲ୍ୟ ଆନୁମାନିକ ୨୦ରୁ ୨୫ କୋଟି ଟଙ୍କା । ଧରା ପଡୁଛନ୍ତି, ଛଡ଼ା ପାଉଛନ୍ତି କିଛିଦିନ ଜେଲରେ ରହି । ବଡ଼କଥା ହେଲା ଏଥିରେ ପ୍ରାୟ ଶିକ୍ଷିତ ପିଲାମାନେ ଜଡ଼ିତ । ଅଧିକାଂଶ ପିଲା ଇଞ୍ଜିନିୟରିଂ କଲେଜରେ ପାଠ ପଢୁଛନ୍ତି । ଏହା ଭୁବନେଶ୍ୱର ନୁହଁ ରାଜ୍ୟର ପ୍ରାୟ ସମସ୍ତ କଲେଜ ମାନଙ୍କର ଭଲ ଭାବରେ ବ୍ୟାପି ଗଲାଣି । ଅଧିକାଂଶ ଭଲ ଭଲ ପିଲାଙ୍କର ଭବିଷ୍ୟତ ଅନ୍ଧାର ହେଇଯାଉଛି । ଏହାପାଇଁ ସରକାରଙ୍କ ଭୃକ୍ଷେପ ନାହିଁ । ଏହା ଉପରେ ସରକାରଙ୍କ କୌଣସି ଦାୟିତ୍ୱବାନ ଲୋକଙ୍କର କିଛି ପ୍ରେସରେ କହିବା ଆମେ ଜାଣିନାହୁଁ । ସରକାର ନିରବ ଏବଂ ସାଢ଼େ ଚାରି କୋଟି ଲୋକଙ୍କର ସବୁବେଳେ କହିଥିବା ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ମଧ ଚୁପ୍ । ଯୁବପିଢ଼ି ଠିକ୍ ରହିଲେ ରାଜ୍ୟ ଆଗକୁ ଯିବ ଏବଂ ଦେଶ ଆଗକୁ ଯିବ । ଏହା ଉପରେ ଏସେମ୍ବ୍ଲିରେ କେବେ ଆଲୋଚନା ହେବାର ମଧ ଜଣାନାହିଁ । ମୋର ଅନୁରୋଧ ଆଜି ବାବୁ ନବକୃଷ୍ଣ ଚୌଧୁରୀଙ୍କ ଜନ୍ମଦିନ । ସେ ଆରମ୍ଭ କରିଥିଲେ 'ମଦକୁ ନା' ଅନ୍ତିତ୍ ସରକାରଙ୍କ ଟିକିଏ ଏହା ଉପରେ ଚିନ୍ତା କରନ୍ତୁ ଆଉ ବର୍ଷାକୁ ଉତ୍ତର ଦିଅନ୍ତୁ ।

## କବିତା କୋଣାର୍କ

### ଗଛ କାଟିବା ନାହିଁ...

ଧ୍ରୁବ ଚରଣ ବେହେରା

ଆସରେ ପିଲେ ସାଙ୍ଗ ହୋଇକି
ଗଛ ଲଗାଇ ଦେବା
ଗୋଟେ ଠୁ ଗୋଟେ ସମାନ ଦୂର
ଦଶ ଫୁଟ ରଖିବା ॥
ହାତଟେ ଗାତ ଗଭୀର
କରି ଚଉଡ଼ା କରି ଭଲେ
ପୋତିବା ନେଇ ଏମିତି
କରି ଧାଡ଼ି ରଖିବା ତୁଲେ
ନଥିବ ସେଠି ଛାଇର ଡର
ଆଲୋକ ପଡୁ ନଥିବ
ସୂରୁଜ ତେଜ ପଡ଼ିଲେ ସେଠି
ଗଛ ଭଲ ବଢ଼ିବ ॥
ଭଳି ଭଳିକା ଅନେକ ଗଛ
ଲଗାଇ ଦେବା ଜାଣ
ଗମ୍ଭାରୀ ଲିମ୍ବ ପଣସ ବର ଯେ ସାଗୁଆନ୍
ବଡ଼ ହେଲେ ଏ ସବୁଜ ଜାତି
ରଖିବେ ଆମ ପ୍ରାଣ
କେତେ ସାହାଯ୍ୟ କରିବେ ସେହି
ହେବାନି ହଇରାଣ
ଗଛର ପାଇଁ ଧରା ଦିଶଇ
ଅତି ସୁନ୍ଦର ଶୋଭା
ବଣ ପାହାଡ଼ କ୍ଷେତ ବଗିଚା
ଲାଗଇ ମନ ଲୋଭା ।
ଶୀତଳ ଛାଇ ଦିଏ ପରଶି
ପଡ଼ିଲେ ଗ୍ରୀଷ୍ମ ଖରା
ବାଟୋଇ ଭାଇ ତା ତଳେ
ବସି ମାରଇ ହାଇ ପରା
କେତେ ଜୀବଙ୍କୁ ଯୋଗାଏ
ବାସ ନିଜ କୋଳରେ ଧରି
ସକାଳ ସନ୍ଧ୍ୟା ଲାଗେ ତା ଠାରେ
ନାନା ପକ୍ଷୀଙ୍କ ମେଳି ॥
ମଣିଷ ଭାଇ ଜାଣି ଅଜଣା କାଟି
କରଇ ପଦା
ସେଥି ପାଇଁ ତ ନହୁଏ ବର୍ଷା ଜମି
ହୁଏନି ଓଦା
ଆସେ ମରୁଡି ଦୁର୍ଭିକ୍ଷ ବାଡି
କପାଳେ ହାତ ମାରେ
କି କଲା ବିହି ଏମିତି କହି
ଭାଗ୍ୟକୁ ନିନ୍ଦା କରେ ॥
ଗଛ ଅଟଇ ଆମ ଜୀବନ ଗଛ
ଆମର ବନ୍ଧୁ
ଦାନ ତାହାର ଅମୂଲ ମୂଲ
ଭାବିଲେ ଲାଗେ ସିନ୍ଧୁ ॥
କରିବା ଆସ ଆମେ ଶପଥ ଗଛ
କାଟିବା ନାହିଁ
ଗଛ ରହିଲେ ଜୀବନ ସାଥେ
ସୁନ୍ଦର ହେବ ମହୀ ।


+ କେନ୍ଦ୍ରୀୟ ରିଜର୍ଭ ପୋଲିସ ଦଳ
ଝାଡ଼ଖଣ୍ଡ
ମୋ: ୮୩୨୮୯୩୦୫୫୪


## କବିତା କୋଣାର୍କ

### ଶୀତ ସକାଳ...

କୁନା ସେଠୀ

କାର୍ତ୍ତିକ ଆସିଛି ଧାମ ବୁଲି
ଶୀତକୁ ସାଥୀରେ ନେଇ
ଗଗନ ପବନ ଶୀତ ଶୀତ ଲାଗେ
ଶୀତଳ ଲାଗେ ଏ ଭୂଇଁ ।
ମେଘ ଅପସରୀ ଯାଏ ଗଗନରୁ
ଆସଇ କୁହୁଡ଼ି ମାଡ଼ି
ଦିବସ ଲାଗଇ ରଜନୀ ସମାନ
କାକର ଯାଉଛି ଛିଡ଼ି ।
ବୃକ୍ଷ ଲତା ଯେତେ ମଥା ପୋତି ସତେ
କରନ୍ତି ସ୍ୱାଗତ ତାକୁ
ପ୍ରକୃତିର ଗୀତି ହବ କି ବିଚ୍ୟୁତି
ଆସିବ ଶୀତ ଧରାକୁ
ଶଯ୍ୟା ତ୍ୟାଗ ପାଇଁ ମନ ଲାଗେ ନାହିଁ
ହୋଇଗଲେ ପ୍ରଭାତ ବେଳ
ବାରୀ ଲାଗେ ସତେ ଅଗ୍ନି ପରି କେତେ
ହୋଇଲେ ଦିବସ ମେଳ ।
ଅଭିମାନ କରି ରବି ମଣ୍ଡଳର
କର ଲାଗେ ଥଣ୍ଡା ଥଣ୍ଡା
ଥପ ଥପ ହୋଇ କାକର ଛିଡ଼ଇ
ଥରି ଯାଏ ବଡ଼ ଭେଣ୍ଡା ।
ଶୀତୁଆ ସକାଳ ଶୀତ ପରଶରେ
ମନଟା ଝାଉଁଳି ଯାଏ
ଚାଷୀର କ୍ଷେତରେ ସୁନାର ଫସଲ
ଆମକୁ ଖଟେଇ ହୁଏ ।
ଭାରୀ ଭଲ ଲାଗେ ନିଆଁର ପାଖଟା
ବସିବାକୁ ନିକଟରେ
ହାତ ଗୋଡ଼ ସବୁ ସଳଖୀ ଯାଆନ୍ତି
ମନରେ ଆଶାଟା ଧରେ ।
ଜୀବନ ଜୀବନ ଖରା ବର୍ଷା ଶୀତ
ସକାଳ ସନ୍ଧ୍ୟାର ଭେଟ
ସକାଳ ଶୀତର ପରଶ ପାଇଲେ
ଲାଗଇ ସତେ କି ଛାଟ ।


+ ଭୂତସରସିଙ୍ଗି, ଗଞ୍ଜାମ


### ଶୀତ ମାଉସୀ ଆ' ତୁ ନଇଁ ନଇଁ...

ଶରତ କୁମାର ଦାସ

ଶୀତ ମାଉସୀ ଦେ' ତୁ ହସି
ଆ' ତୁ ନଇଁ ନଇଁ,
ବଣ ପାହାଡ଼ ଶାଗୁଆ ବିଲ
ଯା' ତୁ ଛୁଇଁ ଛୁଇଁ ॥

ଆକାଶେ ନାହିଁ ଘନ ବିଜୁଳି
ନାହିଁ ବରଷା ଝଡ଼ି,
ସାରୁ ଗଛର ପତର ତଳେ
ଶୁଭୁନି ବେଙ୍ଗ ରଡ଼ି ॥

ଆ' ତୁ ଧୀରେ ଛୁଇଁ ଦେ' ଥରେ
ଦେହ ତ ଯିବ ଥରି,
ଥିରି ଥିରିକା ଛୁଇଁବ ଖୁସି
ପରାଣ ଯିବ ଭରି ॥

ବାଘୁଆ ଜାଡ଼ ଆସିବ ମାଡ଼ି
ଦେହ ତ ଶିରି ଶିରି
କାଠି କୁଟାରେ ନିଆଁ ଉହ୍ଲେଇ
ହସିବ କିରି କିରି ॥

କାକର ଟୋପା ଦୁବ ପତରେ
ପଡ଼ିବ ଧୀରେ ଖସି,
ଢଳଢଳ ତା' ରୂପ ମଧୁର
ମୋହିବ ମନ ହସି ॥

ଜାତି ଜାତିକା ଫୁଲ ଫଳରେ
ହସି ଉଠିବ ଧରା,
ଭାରି ବଢ଼ିଆ ରାତି ପାହିଲେ
ଦେହେ ବାଜିଲେ ଖରା ॥

ସଂଜ ନଇଁଲେ ତାଟିକବାଟ
ପଡ଼ିବ ଧୀରେ ଧୀରେ,
କନ୍ଥା, କମ୍ବଳ, ଶାଲ୍, ଚାଦର
ଉଠିବେ ହସି ଖରେ ॥

କାର୍ତ୍ତି ମାସେ ବୋଇତ ଭାସେ
କେତେ ମୁରୁଜ ଚିତା,
ଚଉଁରା ମୂଳେ ସଂଜ ସଳିତା
ଭାଗବତ ଓ ଗୀତ

ଶିରୀ ପଞ୍ଚମୀ ଆସିବ ଧୀରେ
ସରସ୍ୱତୀଙ୍କ ପୂଜା
ରଙ୍ଗ ରଙ୍ଗିଆ ଗେଣ୍ଡୁ ମାଳରେ
ମା'ଙ୍କ ସାଜସଜ୍ଜା ॥

ଶୀତ ମାଉସୀ ଯାଆନା ରୁଷି
ଦେ' ଟିକିଏ ହସି,
ଘର ଦୁଆର ଦାଣ୍ଡ ଅଗଣା
ଗାଇବେ ଗୀତ ବସି ॥


+ ବଡ଼ବିଲ ମହାବିଦ୍ୟାଳୟ,
ବଡବିଲ
ଜିଲ୍ଲା- କେନ୍ଦୁଝର
ମୋ: ୮୨୪୯୧୩୭୦୯୧

# ଜାତୀୟ କବି- ସଂଗ୍ରାମୀ ବୀର କିଶୋର

**ଅକ୍ଷୟ କୁମାର ରାଉତ**



ଦେଶ ପରାଧିନ, ଗୋରା ଶାସନର ଚାବୁକ ପ୍ରହାର ଖାଇ ମନୁଷ୍ୟ ବଂଚୁଥାଏ। ସମାଜର ବଡପଣ୍ଡାମାନଙ୍କ ହସ୍ତରେ ଶସନର ଡୋରୀ। ଡୋରୀକୁ ଧରି ବସିଥାଆନ୍ତି ନିଷ୍ଠୁର ଅର୍ଥ ଲୋଭି ବ୍ୟକ୍ତି। ପରଧନ ଆଉ ପର ସ୍ତ୍ରୀ ଥିଲା ସେମାନଙ୍କ ଲାଗି ସୁଖର ପସରା। ଇଂରେଜମାନଙ୍କର ଅନ୍ୟାୟ ଶାସନରେ ଲୋକମାନେ ଖୁବ୍ ଅତ୍ୟାଚାରିତ। ଏହି ସମୟରେ ହରିହରପୁର(ଜଗତସିଂହପୁର) ଦେଇ ବହି ଯାଉଥାଏ ଅଳକା ନଦୀ। ନିକଟରେ ଅଳକା ଆଶ୍ରମ, ପାଖାପାଖି ଗାଁ ପୁନଙ୍ଗ। ଏହି ଗାଁ ର ଗୋପାଳ ଚନ୍ଦ୍ର ଓ ପଦ୍ମାବତୀଙ୍କ କୋଳ ମଣ୍ଡନ କରି ୧୮୯୬ ମସିହା ନଭେମ୍ବର ମାସ ୨୩ ତାରିଖ ସୋମବାର ଦିନ ଜନ୍ମ ନେଲେ କବି ବୀରବିଶୋର। ପିତା ମାତାଙ୍କର ସେ ଥିଲେ ପ୍ରଥମ ସନ୍ତାନ।

ଗାଁ ର ନରହରି ଦାସଙ୍କ ଠାରୁ ଅକ୍ଷର ଶିକ୍ଷା ଓ ଅନ୍ୟାନ୍ୟ ପାଠ ପଢି ଥିଲେ ବୀରକିଶୋର। ପିତା ଗୋପାଳ ଚନ୍ଦ୍ର ପୁଅକୁ ବଡ ମଣିଷ କରିବା ପାଇଁ କଟକର ଟାଉନ୍ ଭିକ୍ଟୋରିଆ ସ୍କୁଲରେ ନାମ ଲେଖାଇ ଦେଲେ। ପରବର୍ତୀ କାଳରେ ସେ ସ୍କୁଲର ନାମ 'ଭକ୍ତ ମଧୁ ବିଦ୍ୟାପିଠ' ନାମରେ ନାମିତ ହେଲା। ଭକ୍ତ ବକି ମଧୁସୂଦନ ରାଓ ସେ ସ୍କୁଲର ସେକ୍ରେଟାରୀ ଥିଲେ। ଭକ୍ତ କବି ବୀରକିଶୋରଙ୍କ ଚାଲିଚଳନ ଦେଖି କହିଥିଲେ, ସେ ଜଣେ ବଡ କବି ହେବ। ଟାଉନ୍ ଭିକ୍ଟୋରିଆରୁ ମାଟ୍ରିକ ପାସ କରି ବୀରକିଶୋର ରେଭେନ୍ସା କଲେଜରେ ପାଠ ପଢିଲେ। ମେସ୍‌ରେ କବି ନାରାୟଣ ମୋହନ ଦେ ଙ୍କ ଠାରୁ ଉତ୍ସାହ ପାଇ କବିତା ଲେଖିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଷୋଳ ବର୍ଷ ବୟସରେ ସେ ଦୁବଘାସ ଉପରେ କାକର ଟୋପାସବୁ ପଡୁଥିବା ଦେଖି କବିତା ରଚନା କରିଥିଲେ। ମହାତ୍ମାଗାନ୍ଧି ଆଫ୍ରିକାରୁ ଆସି ଭାରତୀୟ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଉଥାନ୍ତି। କଲେଜରେ ପଢୁଥିବା ବୀରକିଶୋରଙ୍କ ମନ ପରାଧିନ ଭାରତ ବର୍ଷ ପାଇଁ ଛଟପଟ ହେଉଥାଏ। ଜମିଦାରୀ ହରାଇଥିବା ବାପାଙ୍କର ଇଛା ପୁଅ ବଡ ଚାକିର କରିବ। ପିତାଙ୍କର ଆର୍ଥିକ ଅବସ୍ଥା ଖରାପ ଦେଖି ବୀରକିଶୋର ପି.ଡବ୍ଲ୍ୟୁ.ଡି ରେ ମାସିକ ୫୫ଟଙ୍କା ଦରମାରେ ଚାକିରି କଲେ। ତାଙ୍କର ସାନ ଭାଇ ବାନାମ୍ବର ସ୍ୱାଧିନତା ଆନ୍ଦୋଳନରେ ଯୋଗ ଦେଇ ସାରିଥାନ୍ତି। ସେ ସମୟ ରେ ଯେଉଁ ଛାତ୍ରମାନେ ଆନ୍ଦୋଳନରେ ମିଶୁ ଥାଆନ୍ତି,ସେମାନଙ୍କୁ 'ବାନରସେନା' କୁହାଯାଏ। ଗୋରା ସେନାପତି ଡାୟାରଙ୍କ ନିର୍ଦ୍ଦୟ ଆଚରଣ ଓ ଜାଲିଓ୍ୱାନାବାଗ ହତ୍ୟା କାଣ୍ଡ ବୀରକିଶୋରଙ୍କ ମନରେ ଗଭୀର ଆଘାତ ଦେଲା। ସ୍ୱାଧିନତା ଆନ୍ଦୋଳନରେ ଯୋଗ ଦେବା ପାଇଁ ବୀରକିଶୋରଙ୍କ ଆଗ୍ରହ ତାଙ୍କୁ ଜାତୀୟ କବିତା ଲେଖିବାକୁ ବାଧ କରିଥିଲା। ତାଙ୍କର ଏହି କବିତା ଗୁଡିକ କଟକର ନମୁକୁର ପ୍ରେସନ୍ତ ରେ ନମୋହନବଂଶୀନ୍ତ ନାମରେ ପ୍ରକାଶ ପାଇଲା। ବହିଟିର ଲେଖକ ଓ ପ୍ରକାଶକ ଛଦ୍ମନାମ ବାନାମ୍ବର ଓ ମୁଦ୍ରାକର ବି.ଏସ୍.ଦାସ ବୋଲି ରହିଲା। ତିନିଅଣା ଦାମ ବହିଟି ମଧୁସୂଦନ ଦାସଙ୍କୁ ଉତ୍ସର୍ଗ କରାଗଲା। ସରକାରଙ୍କ ହୁକୁମ ଜାରି ପୂର୍ବରୁ ବହିତକ ବିକ୍ରି ହୋଇଯାଇଥିଲା। ୧୯୨୨ ମସିହାରେ ବୀରକିଶୋର ଚାକିରିରୁ ଇସ୍ତଫା ଦେଇଥିଲେ। ଇସ୍ତଫା ପତ୍ରରେ ଲେଖିଲେ ' ଏ ଦୁର୍ବଳ ଅତ୍ୟାଚାରୀ ସରକାର ଅଧୀନରେ ମୁଁ ଆଉ ଚାକିରି ଚାହେଁନା' ମୁଁ ଯଦି ବଂଚିଥାଏ, ସ୍ୱାଧୀନ ସରକାର ଗଢାହେଲେ କିଛିଦିନ ଚାକିରି କରିବି। ବୀରକିଶୋର ସରକାରୀ ଚାକିରି ଛାଡିବାର ଅଳ୍ପ କେତେ ଦିନ ପରେ ନୋଦା ଅଂଚଳର ଜମିଦାର ଧର୍ମାନନ୍ଦ ପଟ୍ଟନାୟକଙ୍କ ଝିଅ ଶାରଦା ଦେବୀଙ୍କୁ ବିବାହ କରିଥିଲେ। ବିବାହ ପରେ ବୀରକିଶୋର ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଲେ। ବାନରସେନାଙ୍କ ମନବଳ ବଢାଇବା ପାଇଁ ବୀରକିଶୋର ବିଭିନ୍ନ ଗୀତ ଲେଖୁ ଥିଲେ। ବୀରକିଶୋରଙ୍କ ରଚିତ ଗୀତ ଗୁଡିକ ବିଭିନ୍ନ ସଭା, ସମିତିରେ ଗାୟନ କରାଗଲା ଓ ବାନର ସେନାମାନେ ତାଙ୍କ ଗୀତ ଗାଇ ଗାଇ ଗାଁ ଗହଳିରେ ବୁଲିଲେ-

ସାଜିଲେ ପିଲାଏ ବାନରସେନା
ବାହାରିଲେ ଧରି ତ୍ରିରଙ୍ଗାବାନା
ଖାଇଲେ ଗୋଇଠା ବେତ ପାହାର
ଦେଖିଲେ ସହିବ ଛାତି କାହାର
ଗୋରା ସରକାର ବନ୍ଧୁକ ଗୁଳି
କବିତା ଶକତି ତା' ଠାରୁ ବଳି ।।

୧୯୩୦ମସିହାରେ ଗାନ୍ଧିଜୀଙ୍କ ନେତୃତ୍ୱରେ ନଆଇନଅମାନ୍ୟନ୍ତ ଆନ୍ଦୋଳନ ବା ଲବଣ ସତ୍ୟାଗ୍ରହ ଆରମ୍ଭ ହୋଇଗଲା। ଗାନ୍ଧିଜୀ ଦାଣ୍ଡି ଯାତ୍ରା କଲେ। ସତ୍ୟାଗ୍ରହୀ ମାନେ ଓଡିଶାରେ ଗୋପବନ୍ଧୁ ଚୌଧୁରୀଙ୍କ ନେତୃତ୍ୱରେ କାଠଯୋଡି ନଈ କୂଳରୁ ଇଂଚୁଡି ବାହାରିଲେ। ବୀରକିଶୋରଙ୍କ ରଚିତ 'ଦରିଆ ଦଖଲ କରିଯିବ କିଏ ଆସନ୍ତ ଗୀତ ବୋଲି ବୋଲି ସତ୍ୟାଗ୍ରହୀ ମାନେ ଚାଲିଲେ। ସରକାରଙ୍କ ଅତ୍ୟାଚାରକୁ ଖାତିର ନକରି ସତ୍ୟାଗ୍ରହୀ ମାନେ ସମୁଦ୍ରରୁ ଲୁଣ ମରା କାର୍ଯ୍ୟ ଆରମ୍ଭ କରିଦେଲେ। ଏହି ସମୟରେ ବୀରକିଶୋର ଯେଉଁ ସବୁ ଗୀତ ଲେଖିଲେ, ତାହାକୁ ଏକ ବାର ପୃଷ୍ଠାର ବହିଟି 'ରଣଦୁନ୍ଦୁଭି' ନାମରେ ପ୍ରକାଶ କଲେ। ଛଦ୍ମନାମ ରେ ପ୍ରେସର ନାମ ରହିଲା 'ରେଙ୍ଗୁନ୍ ବିପ୍ଳବୀ ପ୍ରେସ୍' ମୁଦ୍ରକ ଇୟାଂପୁଙ୍ଗୀ ଓ ପ୍ରକାଶକ 'କାମଦେବ' ବହିଟିର ଦାମ୍ ଥିଲା ଏକ ଅଣା। ଏହି ବହିଟି ଲେଖିବା ଯୋଗୁ ବୀରକିଶୋର ରାଜଦ୍ରୋହ ଅପରାଧରେ ଜେଲଦଣ୍ଡ ଭୋଗକଲେ।ଲବଣ ସତ୍ୟାଗ୍ରହରେ ଅନେକ ଲୋକ ଗିରଫ୍ ହେଲେ। ଆନ୍ଦୋଳନ ବଢିବାରେ ଲାଗିଲା। ବ୍ରିଟିଶ ସରକାର ଗୋଲଟେବୁଲ ବୈଠକରେ ଯୋଗ ଦେବାକୁ ମହାତ୍ମା ଗାନ୍ଧିଙ୍କୁ ଆମନ୍ତ୍ରଣ କଲେ। ଏହି ସମୟରେ ବୀରକିଶୋର 'ରଣ ଭେରୀ' ନାମରେ ପାଂଚ ପୃଷ୍ଠାର ବହିଟିଏ ଲେଖିଲେ। ଯାହାର ଦାମ୍ ଥିଲା ମାତ୍ର ପଇସାଏ। ଗୀତ ଲେଖି ବୀରକିଶୋର ସାତବର୍ଷ ଜେଲ ଦଣ୍ଡ ଭୋଗକଲେ। ତାଙ୍କର ଘର ସତର ଥର ଖାନ୍ ତଲାସ ହୋଇଥିଲା। ବ୍ରହ୍ମପୁର କେନ୍ଦ୍ରୀୟ ଜେଲ ଭିତରେ ବୀରକିଶୋର ଥିବା ସମୟରେ ତ୍ରିରଙ୍ଗା ପତାକା ଉତୋଳନ କରିବାକୁ ନେଇ ଲାଠି ମାଡରେ ପ୍ରାୟ ଅଶି ଜଣ ବନ୍ଦୀ ଓ ବୀରକିଶୋର ଆହତ ହୋଇଥିଲେ। ୧୯୪୩ ମସିହା ମାର୍ଚ୍ଚ ମାସ ଅଣତିରିଶ ତାରିଖ ଦିନ ଲକ୍ଷ୍ମଣ ନାୟକଙ୍କୁ ବ୍ରହ୍ମପୁର ଜେଲ ଭିତରେ ଫାଶୀ ଖୁଣ୍ଟରେ ଝୁଲାଇ ଦିଆଗଲା। ଏହି ଘଟଣାରେ ବୀରକିଶୋର ଦୁଃଖରେ ଯେଉଁ ଗୀତଟିଏ ଲେଖି ବୋଲି ଦେଲେ, ତାହା ଶୁଣି ସବୁ ବନ୍ଦୀମାନେ ଭୋ ଭୋ କାନ୍ଦି ଉଠିଲେ। ସେମାନଙ୍କ ମନରେ ଆଶଙ୍କା ହେଲା ଆଉ କ'ଣ ଦେଶ ସ୍ୱାଧୀନ ହେବ ନାହିଁ। ବୀରକିଶୋର ମନର ଭାବନାରୁ ଚପାଇ ବନ୍ଦୀମାନଙ୍କ ମନରେ ନୂତନ ସାହାସ, ଆଶା ଓ ଭାବନା ସୃଷ୍ଟି କରୁଥିଲେ। ବୀରବାବୁ ଜେଲ ଭିତରେ 'ବୈଜୟନ୍ତୀ' ନାଁରେ ଗୋଟିଏ ହାତଲେଖା ପତ୍ରିକା ସଂପାଦନା କରୁଥିଲେ।ଏହି କାର୍ଯ୍ୟରେ ସାହାଯ୍ୟ କରୁଥିଲେ ବୈକୁଣ୍ଠ ନାଥ ମହାନ୍ତି, ବିଶ୍ୱମ୍ବର ପରିଡା, ରାମପ୍ରସାଦ ମହାନ୍ତି ଓ ଅନେକ ଯୁବ ବନ୍ଦୀ। ସ୍ୱାଧୀନତାର ବାର୍ତା ପ୍ରଚାର ପାଇଁ ସେ କିଛିଦିନ ପ୍ରଜାତନ୍ତ୍ର ପତ୍ରିକା ର ପ୍ରକାଶକ ହୋଇଥିଲେ। ଜେଲରୁ ଫେରି ବୀରକିଶୋର ଯେତେ ଗୁଡିଏ ପତ୍ର ପତ୍ରିକା ପିଲାମାନଙ୍କ ପାଇଁ ପ୍ରକାଶ କରୁଥିଲେ। ସେଥି ମଧ୍ୟରୁ 'ମୋ ଦେଶ' ପତ୍ରିକା ଥିଲା ଅନ୍ୟତମ। ବୀରବାବୁଙ୍କର ସରଳତାର ସୁଯୋଗ ନେଇ ଯିଏ ଯାହା ଖାଇଗଲେ। ଶେଷରେ 'ମୋ ଦେଶ' ପ୍ରେସ୍ ନିଲାମ ହୋଇଗଲା। ସେ ଜୀବନର ଶେଷ ପର୍ଯ୍ୟନ୍ତ ଋଣ ମୁକ୍ତ ହୋଇ ପାରିନଥିଲେ। ପାଠ୍ୟ ପୁସ୍ତକର ଯେତେବେଳେ ଜାତୀୟ କରଣ କରାଗଲା ବୀରକିଶୋର ସେ କମିଟିର ସଂପାଦକ ଥିଲେ। ତାଙ୍କ ଉଦ୍ୟମରେ ମୋ ଛବି ବହି ଓ ନୂଆ ଛବି ବହି ପ୍ରକାଶ ପାଇଥିଲା। ୧୯୪୬ ମସିହାରେ କଟକ ଜିଲ୍ଲା ବୋର୍ଡକୁ ସଭ୍ୟ ଭାବରେ ସେ ଜଗତ୍‌ସିଂହପୁରରୁ ନିଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ। ପରେ ସେ କଟକ ଜିଲ୍ଲା ଲୋକାଲ ବୋର୍ଡର ଭାଇସ୍ ଚେୟାର ମ୍ୟାନ ଓ ଚେୟାରମ୍ୟାନ ହୋଇଥିଲେ। ବୀରବାବୁ କଂଗ୍ରେସ ଦଳର ପ୍ରାର୍ଥୀ ଭାବେ ଉପ-ନିର୍ବାଚନରେ ଜଗତ୍‌ସିଂହପୁର ଆସନରୁ ନିର୍ବାଚିତ ହୋଇ, ୧୯୫୯ ମସିହା ଫେବୃଆରୀ ମାସ ୨୫ ତାରିଖରେ ବିଧାନ ସଭାର ସଭ୍ୟ ଭାବରେ ଶପଥ ଗ୍ରହଣ କରିଥିଲେ। ଜାତୀୟ କବି ବୀରକିଶୋର ସ୍ୱାଧୀନ ଭାରତ ବିଷୟରେ ଅନେକ ସ୍ୱପ୍ନ ଦେଖିଥିଲେ। ତାଙ୍କର ସ୍ୱପ୍ନ ସ୍ୱପ୍ନରେ ରହିଗଲା। ଆଧୁନିକ ବାବୁମାନଙ୍କୁ ଦେଖି ସେ ଲେଖିଥିଲେ-

ନ ବାବୁ ନ ଚିହ୍ନିବ ଛତା ଯୋତାରୁ
ସାଧୁ ନ ଚିହ୍ନିବ ଗୋଲି ଚିତାରୁ
ନେତା ନ ଚିହ୍ନିବ ଖାଲି କଥାରୁ
ଥରେ ବୁଲି ଆସ କଲିକତାରୁନ୍ତ

ମହାନ୍ ଜାତିୟ କବି ବିରୋକିଶୋର ଯାହା ପାଇଛନ୍ତି, ଅନ୍ୟକୁ ଦାନ କରିଦେଇଛନ୍ତି। ଆର୍ଥିକ ଦୁଃସ୍ଥିତି ରେ ପଡି ସେ କେବେ କାହା ପାଖରେ ହାତ ପତେଇ ନାହାଁନ୍ତି। ସେ ଦେଶର ସେବା ଓ ମାନବ ସେବାକୁ ମାଧବ ସେବା ବୋଲି ବିଶ୍ୱାସ ରଖି କାର୍ଯ୍ୟ କରି ଯାଇଛନ୍ତି। ୧୯୭୩ ମସିହା ଅପ୍ରେଲ ମାସ ୨୮ ତାରିଖ ରେ ସେ ଏହି ଧରାଧାମରୁ ବିଦାୟ ନେଲେ ଅମର ଧାମକୁ । ଆଜି ଲୋକଙ୍କ ମନ ହୃଦୟରେ ସେ ପ୍ରତିଧ୍ୱନିତ ହେଉଛନ୍ତି ଓ ହେଉଥିବେ।


ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମି
ପାରାଦ୍ୱୀପ ଗଡ଼, କୁଜଙ୍ଗ ,
ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫


## ଦୁର୍ଭାଗ୍ୟ ଦୂର କରିବ କାକଟସ୍





ବାସ୍ତୁଶାସ୍ତ୍ର ଅନୁସାରେ କାକଟସ ଗଛ ଲଗାଇବା ପରିବାର ପାଇଁ ଖରାପ ହୋଇଥାଏ । ଏହି ଘଛ ଲଗାଇବା ଦ୍ୱାରା ସବୁ କାମରେ ବିଫଳ ହେବା ସହ ନିଜ ଭାଗ୍ୟ ମଧ୍ୟ ଆପଣଙ୍କ ହାତ ଛାଡ଼ି ଦେଇଥାଏ । କିନ୍ତୁ ଯଦି ଆପଣଙ୍କ ଘରଠାରୁ ୫୦ ମିଟର ଦୂରରେ ଦକ୍ଷିଣ ଓ ପଶ୍ଚିମ ଦିଗରେ ଏହି କାକଟସ ଗଛ ରହିଛି, ତେବେ ଏହା ଆପଣଙ୍କ ପାଇଁ ଅତ୍ୟନ୍ତ ଶୁଭଦାୟକ ହୋଇଥାଏ । ଏହା ଆପଣଙ୍କ ଭାଗ୍ୟକୁ ପରିବର୍ତ୍ତନ କରିବାରେ ବିଶେଷ ସହାୟକ ହୁଏ ।

ପଦୋନ୍ନତିରେ ଅସୁବିଧା ହେଉଥିଲେ:- ଘରର ଦକ୍ଷିଣ-ପଶ୍ଚିମ ଦିଗରେ ଥିବା କାକଟସ ଗଛରେ ପ୍ରତିଦିନ କ୍ଷୀର ଓ ପାଣି ଢ଼ାଳିବା ଦ୍ୱାରା ଆପଣଙ୍କ ପଦୋନ୍ନତିର ଉପୁଜୁଥିବା ଅସୁବିଧା ସମାପ୍ତ ହୋଇଥାଏ ।

ଟେନସନ ଦୂର କରେ:- ରାତିରେ ଶୋଇବା ପୂର୍ବରୁ ଏକ ତମ୍ବା ପାତ୍ରରେ ପାଣି ରଖି ତାକୁ ସକାଳେ ଉଠିବା ପରେ କାହାସହ କଥା ନ ହୋଇ ସେହି ପାଣିକୁ ନେଇ କାକଟସ ଗଛରେ ଢ଼ାଳି ଦିଅନ୍ତୁ । ଏହାଦ୍ୱାରା ଆପଣ ଦୁର୍ଭାଗ୍ୟ ଦୂର ହୋଇଥାଏ।




## ବଦହଜିମର ଉପଚାର

**କର୍ମମୟ ଜୀବନରେ ଖାଦ୍ୟ ପାନୀୟରେ ବହୁବିଧ ସମସ୍ୟା ଭୋଗ କରିବାକୁ ପଡ଼ିଥାଏ । ଯାହାଦ୍ୱାରା ପେଟଜନିତ ଯନ୍ତ୍ରଣା ଭୋଗ କରିବାକୁ ପଡ଼ିଥାଏ ସେଥିପାଇଁ ଡାକ୍ତରଖାନାରେ ସମୟ ଦେବାକୁ ପଡ଼ିଥାଏ । ଭଲ ନହେଲେ ବହୁ ଦିନ ପର୍ଯ୍ୟନ୍ତ କଷ୍ଟ ଲାଗିରହିଥାଏ । ସେଥିରୁ ରକ୍ଷା ପାଇବପା ପାଇଁ କିଛି ଘରୋଇ ଉପଚାର:**







ଡାଲଚିନି- ଡାଲଚିନି ବହୁ ଉପକାରୀ ମସଲା ମଧ୍ୟରେ ଗୋଟିଏ ହୋଇଥାଏ । ଯାହାକୁ ଗୁଣ୍ଡ କରି ଉଷୁମ ପାଣିରେ ମିଶାଇ ପିଇବା ଦ୍ୱାରା ପେଟରେ ବଦଳହଜମୀ ଜନିତ ସମସ୍ୟାକୁ ରୋକାଯାଇ ପାରିବ । ଏଥିରେ ମହୁ ମିଶାଇ ଖାଇଲେ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ ।



ଅଦା - ବଦହଜମୀ ଜନିତ ସମସ୍ୟା ପାଇଁ ଅଦା ମଧ ବହୁ ଉପକାରୀ ହୋଇଥାଏ । ଅଦା ସହ ପାନ ମଧୁରୀ, ଗୁଜୁରାତି ଓ ଅଳ୍ପ ହେଙ୍ଗୁ ପାଣିରେ ମିଶାଇ ପିଇଲେ ଏହି ସମସ୍ୟା ରହେ ନାହିଁ ।





ଲେମ୍ବୁ ରସ ଓ ବେକିଙ୍ଗ ସୋଡ଼ା - ଲେମ୍ବୁ ରସ ଓ ବେକିଙ୍ଗ ସୋଡ଼ା ଏହି ସମସ୍ୟା ପାଇଁ ଉପକାରୀ ଔଷଧ ରୂପେ କାର୍ଯ୍ୟ କରିଥାଏ । ଅଳ୍ପ ପାଣିରେ ଲେମ୍ବୁ, ବେକିଙ୍ଗ ସୋଡ଼ା ମିଶାଇ ସେବନ କରିବା ଦ୍ୱାରା ବଦହଜମୀ ଜନିତ ସମସ୍ୟାକୁ ଦୂର କରାଯାଇପାରିବ ।

ରସୁଣ- ଏହି ପେଟ ଜନିତ ସମସ୍ୟା ପାଇଁ ରସୁଣ ଔଷଧ ପରି କାର୍ଯ୍ୟ କରିଥାଏ । ରସୁଣ ଡେମ୍ଫ ସହ କିଛି ଜିରାକୁ ପାଣିରେ ଫୁଟାଇ ଥଣ୍ଡା କରି ପିଇଲେ କଷ୍ଟ କମିଯାଇଥାଏ ।



ହେଙ୍ଗୁ- ହେଙ୍ଗୁ ଖାଇଲେ ମଧ ବଦହଜମୀରୁ ଆରାମ ମିଳିଥାଏ । ହେଙ୍ଗୁକୁ ଗୁଣ୍ଡ କରି ପାଣିରେ ମିଶାଇ ଦିନକୁ ଦୁଇ ତିନିଥର ପାନ କରିବା ଦ୍ୱାରା ଗ୍ୟାଷ୍ଟ୍ରିକ୍ ସମସ୍ୟା ରହେନାହିଁ ।

ପାନ ମଧୁରୀ- ଗ୍ୟାଷ୍ଟ୍ରିକ୍ ସମସ୍ୟା ପାଇଁ ପାନ ମଧୁରୀକୁ ଗରମ ପାଣିରେ ପକାଇ ସେବନ କଲେ ମଧ ଏହାକୁ ଏଡାଯାଇପାରିବ । ପାନମଧୁରୀ ପତ୍ରକୁ ଚୋବାଇଲେ ମଧ ଏହି ସମସ୍ୟା ରହିବନାହିଁ ।

## ରଙ୍ଗ ବଦଳୁଥିବା କୃତ୍ରିମ ଚର୍ମ

ଲଣ୍ଡନର କ୍ୟାମ୍ବ୍ରିଜ ବିଶ୍ୱବିଦ୍ୟାଳୟର ଦଳେ ଗବେଷକ- ବିଜ୍ଞାନୀ କୃତ୍ରିମ ଚର୍ମ ବିକଶିତ କରିଛନ୍ତି। ଏହି ଚର୍ମର ବିଶେଷତ୍ୱ ହେଲା, ଆଲୋକ ଓ ଉତ୍ତାପ ସଂସ୍ପର୍ଶରେ ଆସିଲେ ଏହାର ରଙ୍ଗ ବଦଳିଯାଏ । ପଲିମର ଉପରେ ସୁନା ଆସ୍ତରଣ ସହାୟତାରେ ଏପରି ଚର୍ମ ପ୍ରସ୍ତୁତ ସମ୍ଭବ ହୋଇପାରିଛି । ଋତୁ ଅନୁସାରେ ରଙ୍ଗ ବଦଳାଉଥିବା ଏକାଧିକ ପ୍ରଜାତିର ଏଣ୍ଡୁଅର ପରୀକ୍ଷଣ ଓ ଅଧ୍ୟୟନ ପରେ ଏପରି ଚର୍ମ ବିକଶିତ ପାଇଁ ଗବେଷକମାନେ ଉତ୍ସାହିତ ହୋଇଥିଲେ । ଏ ବାବଦରେ ବିସ୍ତୃତ ରିପୋର୍ଟ 'ଆଡଭାନସ ଅପଟିକାଲ ମ୍ୟାଟେରିଆଲ' ପତ୍ରିକାରେ ପ୍ରକାଶ ପାଇଛି ।

## ଉପକାରୀ ଖାଦ୍ୟ

ବ୍ୟସ୍ତ ମଣିଷ ସମୟ ସହିତ ତାଳ ଦେଇ ଧାଉଁଛି । ଏସବୁ ଭିତରେ ଖାଦ୍ୟପେୟ ଉପରେ ଅଧିକାଂଶ ଧ୍ୟାନ ଦେଇପାରୁନାହାନ୍ତି । କାନାଡାର ଏକ ଗବେଷକ ଦଳ ଏସବୁ ଉପରେ ଅନୁଧ୍ୟାନ କରି କିଛି ତଥ୍ୟ ପ୍ରକାଶ କରିଛନ୍ତି ।

ମକା ଖଇ ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ । ମୁଠାଏ ମକାଖଇ ଖାଇଲେ ୩୧ ଖାଦ୍ୟଜ ଶକ୍ତି ଓ ୬ ଗ୍ରାମ କାର୍ବୋହାଇ ଡ୍ରେଟ୍ ମିଳେ ।

ଗୋଟିଏ କଦଳୀ ସକାଳ ଜଳଖିଆରେ ଖାଇଲେ ପୂରା ଦିନ ଶରୀରକୁ ଶକ୍ତିଦିଏ । ଏଥିରେ ଫାଇବର ଓ ଭିଟାମିନ-୬ ଅଛି, ଯାହା ବିଭିନ୍ନ ପ୍ରକାର କାର୍ଯ୍ୟ କରିବାକୁ ବଳ ଦେଇଥାଏ ।

ବିନ୍ସ ଭଜା କିମ୍ବା ସାଲାଡରେ ଖାଇଲେ ଓଜନରେ ସମତା ରହିବା ସହ ଶରୀରକୁ ପ୍ରୋଟିନ ମିଳେ।

ଷ୍ଟ୍ରବେରୀ ଖାଇବା ଦ୍ୱାରା ଶରୀରକୁ ଭିଟାମିନ ଓ ଫାଇବର ମିଳିଥାଏ ସପ୍ତାହକୁ ଏହା ଥରେ ମଧ ଖାଇଲେ ଭଲ ।

## ଭିଟାମିନ୍-ଇ ତେଲର ଉପକାରିତା

ଆମ ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ନିମନ୍ତେ ଭିଟାମିନ୍-ଇ ତେଲ ଖୁବ୍ ହିତକାରୀ । ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତରେ ରୂପଚର୍ଯ୍ୟାରେ ପ୍ରତ୍ୟହ ଭିଟାମିନ୍-ଇ ତେଲର ବ୍ୟବହାର କଲେ ତାହାର ଉତ୍ତମ ପ୍ରଭାବ ପଡ଼େ । ଆଣ୍ଟି-ଅକ୍ସିଡାଣ୍ଟ ଭରପୂର ଏହି ତେଲ ତ୍ୱଚାର ରଙ୍ଗ ସଫା କରିବାରେ ମଧ ସହାୟକ ହୋଇଥାଏ । ତ୍ୱଚାର ମାଲିସ୍ କରିବା ଅତି ଉତ୍ତମ । ୨ ମିନିଟ୍ ମାଲିସ୍ କରିବା ପରେ ତ୍ୱଚାକୁ ନଖ ଉଷୁମ ପାଣିରେ ଧୋଇ ମଏଶ୍ଚରାଇଜର୍ ପ୍ରୟୋଗ କରନ୍ତୁ ।

୧ ଚାମଚ ବାଦାମ ତେଲରେ ଅଧ ଚାମଚ ଭିଟାମିନ୍-ଇ ତେଲ ମିଶାଇ ଆଖି ଚାରିପାଖେ ମାଲିସ୍ କଲେ, କଳାଦାଗ ୧ ମାସ ମଧ୍ୟରେ ଦୂର ହୋଇଥାଏ ।

ଘନ କେଶ ନିମନ୍ତେ ମଧ ଭିଟାମିନ୍-ଇ ତେଲ ଖୁବ୍ ଲାଭକାରୀ । କେଶର ଘନତ୍ୱ ବଢ଼ାଇବା ନିମନ୍ତେ କେଶମୂଳରେ ଭିଟାମିନ୍-ଇ ତେଲକୁ ନଖ ଉଷୁମ କରି ମାଲିସ୍ କରନ୍ତୁ । ୨୦ ମିନିଟ୍ ପରେ ଶ୍ୟାମ୍ପୁ କରିନିଅନ୍ତୁ ।




## କାରକୁ କରନ୍ତୁ କଳଙ୍କମୁକ୍ତ

ଏପରି ଦେଖାଯାଇଥାଏ ଯେ ଯଦି ଆପଣ କାରକୁ ବେଶି ବ୍ୟବହାର କରୁନାହାନ୍ତି ବା କାରକୁ ବାହାରେ ପାର୍କ କରୁଛନ୍ତି, ତେବେ କାର ଲୁହା ଅଂଶ ପାଣି ବା ପବନ ସଂସ୍ପର୍ଶରେ ଆସି ଧୀରେ ଧୀରେ ସେଥିରେ କଳଙ୍କି ଲାଗିବାକୁ ଆରମ୍ଭ କରିଥାଏ । ପୁନଃ ଏହି କଳଙ୍କିକୁ ମରାମତି କରିବାକୁ ହେଲେ ବହୁତ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାଏ । ଏବେ ଏହା ଲୋକମାନଙ୍କର ଏକ ବଡ଼ ସମସ୍ୟାରେ ପରିଣତ ହେଉଛି କିପରି ଗାଡ଼ିକୁ କଳଙ୍କି ଲାଗିବାରୁ ବଞ୍ଚାଇବେ ଆସନ୍ତୁ ଜାଣିବା କେତୋଟି ଉପାୟ ।

କାର ରଖିବା ସମୟରେ ଏହାକୁ ଜରି ଘୋଡାଇ ବା କାର କଭରରେ ଘୋଡାଇ ରଖନ୍ତୁ ।

ଯଥା ସମ୍ଭବ କାରକୁ ବାହାରେ ରଖନ୍ତୁ ନାହିଁ ।

କାର ରଖିବା ସମୟରେ ଏହା ଚାରିପଟେ ଗ୍ରାମାସିନ ପାଉଡର ଛିଞ୍ଚନ୍ତୁ ।

ସିଲିକା ଫଏଲ କୋଟିଙ୍ଗର ବ୍ୟବହାର କରନ୍ତୁ। ଏହାଦ୍ୱାରା କାରରେ କଳଙ୍କି ଲାଗିବ ନାହିଁ ।



## ଶ୍ମଶାନ ଜାଗା ବିବାଦରୁ ହୋଇପାରୁନି ଶବଦାହ : ଦୁଇ ଦିନ ହେଲା ପଡିରହିଛି ମୃତଦେହ

ନୟାଗଡ଼,୨୨।୧୧ (ନି.ପ୍ର): ଶ୍ମଶାନ ଜାଗା ବିବାଦରୁ ହୋଇପାରୁନି ଶବଦାହ । ଦୁଇ ଗାଁ ଭିତରେ ଲାଗି ରହିଛି ବିବାଦ । ଫଳରେ ଦୁଇ ଦିନ ହେଲା ମୃତକଙ୍କ ଶବ ସତ୍କାର ହୋଇପାରୁନି ପଡି ରହିଛି ମୃତଦେହ । ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନୟାଗଡ଼ ଜିଲ୍ଲା ଶରଣକୂଳ ଥାନା ଅନ୍ତର୍ଗତ ଭାଲିଆଡ଼ିହି ଗ୍ରାମରେ । ଘଟଣାର ପ୍ରତିବାଦ କରିବା ସହ ଗ୍ରାମବାସୀଙ୍କ ପକ୍ଷରୁ ଧାରଣା ଦିଆଯାଇଛି । ଖବର ପାଇ ଶରଣକୂଳ ଏସଡ଼ିପିଓ ଓ ଥାନା ଅଧିକାରୀ ଘଟଣାସ୍ଥଳରେ ପହଂଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପାଇଁ ଉଦ୍ୟମ ଚଳାଇଛନ୍ତି । ଦୁଇ ସାହିର ଲୋକଙ୍କୁ ନେଇ ଏକ ସଭାର ଆୟୋଜନ କରିବା ସହ ଘଟଣାର ସମାଧାନ ପାଇଁ ପୋଲିସ ପକ୍ଷରୁ ଉଦ୍ୟମ ଜାରୀ ରହିଛି । ପ୍ରକାଶ ଥାଉ କି, ଗତକାଲି ଅପରାହ୍ନ ପ୍ରାୟ ୩ଟା ସମୟରେ ନାଥ ପ୍ରଧାନଙ୍କ ବାର୍ଦ୍ଧକ୍ୟଜନିତ ମୃତ୍ୟୁ ଘଟିଥିଲା ।

## ବିଶ୍ୱ ମତ୍ସ୍ୟ ଦିବସ ପାଳିତ : ରାଜ୍ୟରେ ଦ୍ୱିତିୟ ସ୍ଥାନ ଅଧିକାର କରି କୋରାପୁଟ ଜିଲା ପୁରସ୍କୃତ

ଜୟପୁର,୨୨।୧୧ (ନି.ପ୍ର): ବିଶ୍ୱ ମତ୍ସ୍ୟ ଦିବସ ଜିଲା ମତ୍ସ୍ୟ ଅଧିକାରୀ କୋରାପୁଟ ଜୟପୁରଙ୍କ ଦ୍ୱାରା ଏମ୍.ଏସ୍. ସ୍ୱାମୀନାଥନ ସଭାଗୃହରେ ଆୟୋଜିତ ହୋଇଯାଇଛି । ଏହି ସଭାକୁ ଜିଲା ମତ୍ସ୍ୟ ଅଧିକାରି ଅରୁଣ କୁମାର ବେହେରା ପରିଚାଳନା କରିଥିବା ବେଳେ କୋରାପୁଟ ଜୋନ୍ ର ଉପ ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ । ଜି. ଜଗଦିଶ ରାଓ, ସୁଶାନ୍ତ କୁମାର ଗୌଡ, ବିଶ୍ୱ ରଞ୍ଜନ ରଥ ପ୍ରମୁଖ ବିଭାଗୀୟ ଅଧିକାରି ମାନେ ଉପସ୍ଥିତ ଥିଲେ । କୋରାପୁଟ ଜିଲାର ବିଭିନ୍ନ ଗ୍ରାମର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଅପର କୋଲାବ ସ୍ଥିତ ମିନାକ୍ଷୀ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସଂସ୍ଥାର ସଦସ୍ୟ ଏବଂ ଅନ୍ୟାନ୍ୟ ଅଗ୍ରଣି ଚାଷୀ ମାନେ ଅଂଶଗ୍ରହଣ କରିଥିଲେ । ଏହି ବିଶ୍ୱ ମତ୍ସ୍ୟ ଦିବସ ଅବସରରେ ରାଜ୍ୟ ସ୍ତରରେ କୋରାପୁଟ ଜିଲା ଦ୍ୱିତିୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛି । ଏହି ଅବସରରେ ଜିଲା ମତ୍ସ୍ୟ ଅଧିକାରି ଅଗ୍ରଣି ମତ୍ସ୍ୟ ଚାଷି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏବଂ ପ୍ରାଥମିକ ମତ୍ସ୍ୟ ସମବାୟ ସମିତିର ସଦସ୍ୟା ଚାରି ଜଣଙ୍କୁ ପୁରସ୍କୃତ କରି କରିଥିଲେ ।

### ରାଜ୍ୟସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳିତ

## ‘ମତ୍ସ୍ୟ ରପ୍ତାନୀକୁ ୨୦ ହଜାର କୋଟି ଟଙ୍କାରେ ପହଂଚିବ : ମନ୍ତ୍ରୀ

ଭୁବନେଶ୍ୱର,୨୨।୧୧ (ନି.ପ୍ର): ମାଛ ସହଜରେ ଉପଲବ୍ଧ ଏକ ସ୍ୱାଦଯୁକ୍ତ ଓ ପୁଷ୍ଟିକର ଖାଦ୍ୟ ହୋଇଥିବାବେଳେ ମତ୍ସ୍ୟଚାଷ ରାଜ୍ୟ ଅର୍ଥନୀତିରେ ଏକ ମହତ୍ୱପୂର୍ଣ୍ଣ ଯୋଗଦାନ କରିଥାଏ । ରାଜ୍ୟରେ ମତ୍ସ୍ୟଚାଷର ବିକାଶ କରି ମତ୍ସ୍ୟ ଉତ୍ପାଦନକୁ ଦ୍ୱିଗୁଣିତ କରିବା ସହିତ ମତ୍ସ୍ୟ ରପ୍ତାନୀକୁ ୨୦ ହଜାର କୋଟି ଟଙ୍କାରେ ପହଂଚାଇବାକୁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି । ଶନିବାର ପୂର୍ବାହ୍ନରେ କୃଷି ଭବନଠାରେ ବିଶ୍ୱ ମତ୍ସ୍ୟ ଦିବସ ପାଳନ ଅବସରରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଡ. ସାହୁ କହିଲେ ବିଗତ ବର୍ଷଗୁଡ଼ିକରେ ରାଜ୍ୟରେ ମାଛର ଆହରଣ, ଚାହିଦା, ଉତ୍ପାଦନ ଓ ରପ୍ତାନୀ ବୃଦ୍ଧିପାଇଛି । ଗତ ଆର୍ଥିକ ବର୍ଷ ୨୦୧୯-୨୦ରେ ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ୮.୧୬ ଲକ୍ଷ ମେଟ୍ରିକ୍ ଟନ୍ ହୋଇପାରିଛି । କୋଭିଡ୍-୧୯ ସ୍ଥିତିରେ ରାଜ୍ୟକୁ ଫେରିଥିବା ପ୍ରବାସୀମାନେ ସରକାରଙ୍କ ଦ୍ୱାରା ପ୍ରଣିତ ଯୋଜନା ଓ ରିହାତିର ଲାଭ ଉଠାଇ ଆତ୍ମନିଯୁକ୍ତ ହେବା ସହିତ ନୀଳବିପ୍ଳବକୁ ସାକାର କରିବା ପାଇଁ ଆଗେଇ ଆସନ୍ତୁ ବୋଲି ମନ୍ତ୍ରୀ ଡ. ସାହୁ କହିଥିଲେ । ଚଳିତ ବର୍ଷ ବିଶ୍ୱ ମତ୍ସ୍ୟ ଦିବସ ପାଳନ ଅବସରରେ ଓଡ଼ିଶାକୁ ଜାତୀୟ ସ୍ତରରେ ସମ୍ମାନଜନକ ଦୁଇଟି ‘ମତ୍ସ୍ୟ ପୁରସ୍କାର’ ମିଳିଛି । ଓଡ଼ିଶା ଶ୍ରେଷ୍ଠ ସାମୁଦ୍ରିକ ରାଜ୍ୟ ଏବଂ କଳାହାଣ୍ଡି ଜିଲ୍ଲାକୁ ଶ୍ରେଷ୍ଠ ଆଭ୍ୟନ୍ତରିଣ ମତ୍ସ୍ୟ ଜିଲ୍ଲା ଭାବରେ ପୁରସ୍କୃତ କରାଯାଇଥିବାରୁ ମନ୍ତ୍ରୀ ଡ. ସାହୁ ସମସ୍ତ ମତ୍ସ୍ୟଜୀବୀ, ମତ୍ସ୍ୟଚାଷୀ ଏବଂ ବିଭାଗୀୟ ଅଧିକାରୀ, କର୍ମଚାରୀ ତଥା ମତ୍ସ୍ୟ ଉଦ୍ୟୋଗୀ ଓ ମତ୍ସ୍ୟଚାଷ ସହ ଜଡ଼ିତ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ । ଉତ୍ସବରେ କୃଷି ଉତ୍ପାଦନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ରାଜକୁମାର ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଉପକୂଳ ରାଜ୍ୟ ଭାବେ ଓଡ଼ିଶାରେ ପ୍ରାକୃତିକ ସଂପଦ ଭରପୂର ରହିଛି ଏବଂ ରାଜ୍ୟରେ ମତ୍ସ୍ୟ ସଂପଦ ବିକାଶର ପ୍ରଚୁର ସମ୍ଭାବନା ରହିଛି । ବିଗତ ଦୁଇଦଶନ୍ଧିରେ ରାଜ୍ୟରେ ମତ୍ସ୍ୟ ଉତ୍ପାଦନରେ ଉଲ୍ଲେଖନୀୟ ବୃଦ୍ଧି ଘଟିଥିବାବେଳେ ରୋଜଗାର ସୃଷ୍ଟି ଓ ଆୟ ବୃଦ୍ଧି ଦିଗରେ ଏହା ଏକ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି କହିଥିଲେ । ଉତ୍ସବରେ ମତ୍ସ୍ୟ ନିର୍ଦ୍ଦେଶକ ଶ୍ରୀ ସ୍ମୃତିରଞ୍ଜନ ପ୍ରଧାନ ବିଶ୍ୱ ମତ୍ସ୍ୟ ଦିବସ ପାଳନର ଗୁରୁତ୍ୱ ସଂପର୍କରେ ଆଲୋକପାତ କରିବା ସହ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା ସଂପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ରାଜ୍ୟର ମତ୍ସ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଦେଇଥିବା ଦୁଇଟି ଜିଲ୍ଲା, ଅନ୍ତର୍ଦେଶୀୟ ଓ ଖାରିଜଳ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଦୁଇଜଣ ମତ୍ସ୍ୟଚାଷୀ, ଦୁଇଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଦୁଇଟି ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ଓ ଦୁଇଜଣ ସଫଳ ମତ୍ସ୍ୟ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥି ସହିତ ମାଛ ଯାଆଁଳ ଉତ୍ପାଦନରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିବା କୌଶଲ୍ୟାଗଙ୍ଗ ମତ୍ସ୍ୟ ଫାର୍ମର ମତ୍ସ୍ୟ ଅଧିକାରୀଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ମନ୍ତ୍ରୀ ଡ. ସାହୁ ମତ୍ସ୍ୟ ନିର୍ଦ୍ଦେଶାଳୟ ଦ୍ୱାରା ପ୍ରକାଶିତ ମୁଖପତ୍ର ‘ମତ୍ସ୍ୟଦର୍ପଣ’ର ସ୍ୱତନ୍ତ୍ର ସଂଖ୍ୟା ଓ ପ୍ରଧାନମନ୍ତ୍ରୀ ମତ୍ସ୍ୟସଂପଦ ଯୋଜନାର ମାର୍ଗଦର୍ଶିକା ପୁସ୍ତିକାର ଶୁଭ ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗର ସ୍ୱତନ୍ତ୍ର ଶାସନ ସଚିବଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିବାବେଳେ ଭିଡ଼ିଓ କନ୍‌ଫରେନ୍ସ ଓ ସୋସିଆଲ୍ ମିଡ଼ିଆ ମାଧମରେ ସମସ୍ତ ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ବିଭାଗର ଅଧିକାରୀ ଓ ମତ୍ସ୍ୟଜୀବୀ ତଥା ମତ୍ସ୍ୟଚାଷୀମାନେ ଯୋଗଦେଇଥିଲେ ।

## ଡଃ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର,୨୨।୧୧ (ନି.ପ୍ର): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନବ ଉତ୍କଳର ନିର୍ମାତା ଡଃ. ହରେକୃଷ୍ଣ ମହତାବଙ୍କର ୧୨୧ତମ ପୂଣ୍ୟଜନ୍ମତିଥି ରାଜ୍ୟସ୍ତରୀୟ ଡଃ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ କମିଟି ପକ୍ଷରୁ ଲୋୟର ପିଏମଜି ଏବଂ ଏକାମ୍ର ନିବାସରେ ପାଳିତ ହୋଇଯାଇଛି । ଏହି କମିଟିର ସ୍ଥାୟୀ ସାଧାରଣ ସଂପାଦକ ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କମିଟିର ସ୍ଥାୟୀ ସଭାପତି ତଥା ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଭିଡିଓବାର୍ତା କହିଥିଲେ ଯେ ଓଡ଼ିଶା ସ୍ୱାଧୀନତା ଆନ୍ଦୋଳନ ତଥା ଓଡ଼ିଶା ବିକାଶର ପ୍ରାଣକେନ୍ଦ୍ର ଥିଲେ ଡଃ. ମହତାବ । ଭୁବନେଶ୍ୱର ରାଜଧାନୀ ସହ ସାରା ରାଜ୍ୟରେ ଶିକ୍ଷାର ବିକାଶ, କୃଷି ଏବଂ ବିଶେଷକରି ଗମନାଗମନର ବିକାଶ ଉପରେ ତାଙ୍କ ଶାସନ ସମୟରେ ସେ ଅଧିକ ଗୁରୁତ୍ୱ ଦେଇଥିଲେ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ ଭିଡିଓ ବାର୍ତାରେ ଡଃ. ମହତାବଙ୍କର ସ୍ମୃତିଚାରଣ କରିବା ସହ ଗଡ଼ଜାତ ମିଶ୍ରଣରେ ମହତାବଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଓଡ଼ିଶା ବିଧାନସଭାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ମୁଖ୍ୟ ଅତିଥିଭାବରେ ଯୋଗଦେଇ କହିଥିଲେ ଯେ ଆଜିର ବିଶାଳ ଭୁବନେଶ୍ୱରରେ ମହତାବଙ୍କ ସ୍ୱପ୍ନସାଧିତ ହୋଇଛି । ଉଚ୍ଚଶିକ୍ଷାମନ୍ତ୍ରୀ ଅରୁଣ ସାହୁ ଜାତୀୟସ୍ତରରେ ମହତାବଙ୍କର ଉପସ୍ଥିତି ସମ୍ପର୍କରେ ବର୍ଣ୍ଣନା କରିବା ସହ ସ୍ୱାଧୀନତା ପୂର୍ବ ଓ ପରବର୍ତୀ ମହତାବ ଯୁଗର ଘଟଣାବଳୀ ସମ୍ପର୍କରେ ଉପସ୍ଥାପନ କରିଥିଲେ । ବରିଷ୍ଠ ସାମ୍ବାଦିକ ଶ୍ରୀ ପ୍ରଶ୍ମନ ମହାନ୍ତି ମହତାବଙ୍କର ଉତ୍ତୁଙ୍ଗ ନେତୃତ୍ୱ ଏବଂ ବ୍ୟକ୍ତିତ୍ୱ ଉପରେ ଉପରେ କହିଥିଲେ । ସୁରେଶ କୁମାର ରାଉତରାୟ କହିଥିଲେ ଯେ ମହତାବଙ୍କ ଅବଦାନର ଉପଯୁକ୍ତ ମୂଲ୍ୟାୟନ ହୋଇନାହିଁ । ଓଡ଼ିଶା ସରକାର ମହତାବଙ୍କୁ ମରୋଣତର ଭାରତରତ୍ନ ସମ୍ମାନ ପାଇଁ କେନ୍ଦ୍ର ନିକଟରେ ଦାବି କରିବାପାଇଁ ଶ୍ରୀ ରାଉତରାୟ ବାଚସ୍ପତିଙ୍କ ଦୃଷ୍ଟିଆକର୍ଷଣ କରିଥିଲେ । ସମାଜସେବୀ କ୍ୟାପ୍‌ଟେନ ମନ୍ମଥ ରାଉତରାୟ ମହତାବ ଜୟନ୍ତୀର ଧାରା ଅବ୍ୟାହତ ରହିବ ବୋଲି କହିଥିଲେ । ଏହି ଅବସରରେ ରାଜ୍ୟର ବିଶିଷ୍ଟ ସାମ୍ବାଦିକ, ସମାଜସେବୀ, ଚିକିତ୍ସକ ମାନଙ୍କୁ ଭୟାବହ କରୋନା ମହାମାରୀ ସମୟରେ ସେମାନଙ୍କର ଉଲ୍ଲେଖନୀୟ ଭୂମିକା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାପରେ ଏକ ମୋଟର ସାଇକେଲ ରାଲି ଲୋୟର ପିଏମଜି ଠାରୁ ବାହାରି ପୁରୁଣା ଭୁବନେଶ୍ୱରରେ ଥିବା ମହତାବାଙ୍କର ବାସସ୍ଥାନ ଏକାମ୍ର ନିବାସ ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ଆୟୋଜିତ ସଭାରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ ଯେ ଡଃ. ମହତାବ ଜାତୀୟ ସ୍ତରରେ ଓଡ଼ିଆଜାତିର ଟେକ ରଖିଥିଲେ । ରାଜ୍ୟ ବିଜେପି ସଭାପତି ଶ୍ରୀ ସମୀର ମହାନ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ ଯେ ସ୍ୱାଧୀନତା ଆନ୍ଦୋଳନ ଏବଂ ନବଉତ୍କଳ ଗଠନରେ ମହତାବଙ୍କର ଅବଦାନ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିଖିତ । ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ପ୍ରସାଦ ହରିଚନ୍ଦନ ମହତାବ ଜୀବନ ଦର୍ଶନ, ମୂଲ୍ୟବୋଧ ରାଜନୀତି, ସୃଜନୀ ଏବଂ ରାଷ୍ଟ୍ରଗଠନର ଭୂମିକା ସଂପର୍କରେ ଆଲୋକପାତ କରିଥିଲେ । ପୂର୍ବତନ ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ଘଡ଼େଇ କହିଥିଲେ ଯେ ସେ ଛାତ୍ର ଅବସ୍ଥାରେ ମହତାବଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବା ସହ ମହତାବଙ୍କୁ ଜୀବନରେ ନେତା, ଗୁରୁ ଏବଂ ଅଭିଭାବକ ଭାବେ ଗ୍ରହଣ କରିଥିଲେ ।

## ଓଡ଼ିଶାକୁ ଜାତୀୟ ସ୍ତରରେ ଦୁଇଟି ମତ୍ସ୍ୟ ପୁରସ୍କାର : ଓଡିଶା ଶ୍ରେଷ୍ଠ ସାମୁଦ୍ରିକ ରାଜ୍ୟ ଏବଂ କଳାହାଣ୍ଡି ଶ୍ରେଷ୍ଠ ଆଭ୍ୟନ୍ତରୀଣ ମତ୍ସ୍ୟ ଜିଲ୍ଲା

ଭୁବନେଶ୍ୱର,୨୨।୧୧ (ନି.ପ୍ର): ନୂଆଦିଲ୍ଲୀଠାରେ ଭାରତ ସରକାରଙ୍କ ମତ୍ସ୍ୟ, ପଶୁ ସମ୍ପଦ ଏବଂ ଗୋପାଳନ ବିଭାଗ ଆନୁକୂଲ୍ୟରେ ଆୟୋଜିତ ବିଶ୍ୱ ମତ୍ସ୍ୟ ଦିବସ ଅବସରରେ ଓଡ଼ିଶା ରାଜ୍ୟକୁ ଦୁଇଟି ସମ୍ମାନ ଜନକ ଜାତୀୟ ସ୍ତରର ମତ୍ସ୍ୟ ସମ୍ପଦ ପୁରସ୍କାରରେ ସମ୍ମାନିତ କରାଯାଇଛି । ଏହା ଦ୍ୱାରା ଓଡ଼ିଶା ରାଜ୍ୟ ଅନ୍ୟ ଏକ ମାଇଲଖୁଂଟ ଅତିକ୍ରମ କରିଛି । ଓଡ଼ିଶାକୁ ଶ୍ରେଷ୍ଠ ସାମୁଦ୍ରିକ ରାଜ୍ୟ ପୁରସ୍କାର ଏବଂ କଳାହାଣ୍ଡି ଜିଲ୍ଲାକୁ ଆଭ୍ୟନ୍ତରୀଣ ମତ୍ସ୍ୟ ଜିଲ୍ଲା ରୂପେ ଶ୍ରେଷ୍ଠ ଜିଲ୍ଲା ପୁରସ୍କାର ମିଳିଛି । କେନ୍ଦ୍ର ସରକାରଙ୍କ ମତ୍ସ୍ର, ପଶୁପାଳନ ଓ ଗୋପାଳନ ବିଭାଗର କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହଙ୍କ ଦ୍ୱାରା କେନ୍ଦ୍ର ସରକାରଙ୍କ ରାଜ୍ୟ ମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ସଞ୍ଜିବ କୁମାର ବଲ୍ୟାନ ଏବଂ ଭାରତ ସକରାରଙ୍କ ଅନ୍ୟାନ୍ୟ ଉଚ୍ଚ ପଦାଧିକାରୀଙ୍କ ଉପସ୍ଥିତିରେ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଶ୍ରେଷ୍ଠ ସାମୁଦ୍ରିକ ରାଜ୍ୟ ପୁରସ୍କାର ସହିତ ଦଶ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ଏବଂ ଶ୍ରେଷ୍ଠ ଆଭ୍ୟନ୍ତରୀଣ ମତ୍ସ୍ୟ ଜିଲ୍ଲା ପୁରସ୍କାର ସହିତ କଳାହାଣ୍ଡି ଜିଲ୍ଲାକୁ ତିନି ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି । ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କର ଏହି ବାର୍ତାରେ ଜଣାଇଛନ୍ତି ଯେ, ଓଡ଼ିଶା ରାଜ୍ୟ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ରୂପେ ପରିଗଣିତ ହେବା ସହିତ ଖାଦ୍ୟ ସୁରକ୍ଷା ଓ ଉନ୍ନତ ଜୀବନ ଜୀବିକା ନିମନ୍ତେ ସଂକଳ୍ପବଦ୍ଧ । ଏଥି ସହିତ ମତ୍ସ୍ର ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଏବଂ କଳାହାଣ୍ଡି ଜିଲ୍ଲା ପ୍ରଶାସନକୁ ପୁରସ୍କାର ଗ୍ରହଣ ନିମନ୍ତେ ଶୁଭେଚ୍ଛା ଜଣାଇଛନ୍ତି । ଓଡ଼ିଶାରେ ମତ୍ସ୍ୟ ଓ ଜଳକୃଷି କ୍ଷେତ୍ରରେ ୨୦୧୯-୨୦ ବର୍ଷରେ ୧୮.୯୮% ଅଭିବୃଦ୍ଧି ସହିତ ମୋଟ୍ ପ୍ରାୟ ୮.୧୬ ଲକ୍ଷ ମେଟ୍ରିକ୍ ଟନ୍ ମାଛ ଉତ୍ପାଦନ ଏକ ଉଲ୍ଲେଖନୀୟ ସଫଳତା । ଏଥି ସହିତ ବିଗତ ୫ ବର୍ଷ ମଧ୍ୟରେ ରାଜ୍ୟରେ ହାରାହାରି ବାର୍ଷିକ ମାଛ ଉତ୍ପାଦନ ୧୪%ରୁ ଅଧିକ ହୋଇଛି । ଯାହାକି କୃଷି ଓ ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ଅତି ଉତମ ଅଟେ । ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟକ୍ରମଙ୍କ ଏକ ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ପ୍ରାଣୀ ସମ୍ପଦ ଓ ମତ୍ସ୍ୟ ସମ୍ପଦ ଭଳି ଆନୁସଙ୍ଗିକ କୃଷି କ୍ଷେତ୍ରରେ ଗତ ଦୁଇ ଦଶନ୍ଧି ମଧ୍ୟରେ ଚାଷୀଙ୍କର ଆୟର ଅଂଶଧନ ୧.୫%ରୁ ୨୬%କୁ ତାତ୍ପର୍ଯ୍ୟପୂର୍ଣ୍ଣ ଭାବେ ବୃଦ୍ଧି ପାଇଛି । ରାଜ୍ୟ ସରକାର ରାଜ୍ୟରେ ଉନ୍ନତ ମାଛ ଯାଆଁଳ ଉତ୍ପାଦନ ବୃଦ୍ଧି ନିମନ୍ତେ ଏକ ଉତ୍ସାହପ୍ରଦ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି । ରାଜ୍ୟରେ ବର୍ଷସାରା ନିୟମିତ ଭାବେ ଯାଆଁଳ ଉତ୍ପାଦନ ନିମନ୍ତେ କୌଶଲ୍ୟାଗଙ୍ଗ, ସରମଙ୍ଗା, ଚିପିଲିମା ଏବଂ ଭଞ୍ଜନଗରଠାରେ ବୃହତ ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ର ସ୍ଥାପନ କରାଯାଇଛି । ରାଜ୍ୟ ସରକାର ସୀମିତ ସ୍ଥାନ, ଜଳ ଓ ମାଛ ଖାଦ୍ୟ ଉପଯୋଗ ଦ୍ୱାରା ବାୟୋଫ୍ଲକ୍ ପଦ୍ଧତିରେ ମାଛ ଓ ଚିଙ୍ଗୁଡ଼ି ଉତ୍ପାଦନ ଆରମ୍ଭ କରିଛନ୍ତି । ଏହା ବ୍ୟତୀତ ରାଜ୍ୟରେ ପ୍ରଥମ ଥର ପାଇଁ ଗଭୀର ସମୁଦ୍ରରେ ମାଛଧରା ପୋତ ମାଧ୍ୟମରେ ସ୍ୱତନ୍ତ୍ର ଅର୍ଥନୈତିକ ଜୋନରେ ମାଛ ଉତ୍ପାଦନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି । ରାଜ୍ୟ ସରକାରଙ୍କ ତରଫରୁ ୨୧ ନଭେମ୍ବର ୨୦୨୦ ଦିନ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ କମିଶନର ତଥା ଶାସନ ସଚିବ ଆର୍ ରଘୁପ୍ରସାଦ ଶ୍ରେଷ୍ଠ ସାମୁଦ୍ରିକ ରାଜ୍ୟ ପୁରସ୍କାର ଗ୍ରହଣ କରିଛନ୍ତି ଏବଂ ବିଭାଗର ଉପମତ୍ସ୍ୟ ନିର୍ଦ୍ଦେଶକ ଶଶିକାନ୍ତ ଆଚାର୍ଯ୍ୟ ଶ୍ରେଷ୍ଠ ଆଭ୍ୟନ୍ତରୀଣ ମତ୍ସ୍ୟ ଜିଲ୍ଲା ପୁରସ୍କାର ଗ୍ରହଣ କରିଛନ୍ତି ।

## ବୈଦେଶିକ କମିଟିରେ କୋରାପୁଟ ସାଂସଦ ସପ୍ତଗିରୀ, କଂଗ୍ରେସ ଦଳର ଗୁରୁ ଦାୟିତ୍ୱ ବହନ କରିଛନ୍ତି



ରାୟଗଡ଼ା,୨୨।୧୧ (ନି.ପ୍ର): ଜାତୀୟ କଂଗ୍ରେସ ରାଜନୀତିରେ ବଢ଼ୁଛି କୋରାପୁଟ୍ ସାଂସଦ ସପ୍ତଗିରି ଉଲାକାଙ୍କ ଗୁରୁତ୍ୱ । ଜାତୀୟ କଂଗ୍ରେସର ଏବେ ସେ ବେଶ୍ ଗୁରୁତ୍ୱବହନ କରିଛନ୍ତି । ଦଳରେ ଗୋଟିଏ ପରେ ଗୋଟିଏ ଗୁରୁଦାୟିତ୍ୱ ମଣ୍ଡଳରଥିବାରୁ ରାୟଗଡ଼ଣ ଜିଲ୍ଲା କଂଗ୍ରେସକର୍ମୀଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଚି । କମ୍ ବୟସରଙ୍କ ସାଂସଦ ହେବା ଓ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହିବା ଯୋଗୁଁ ଆଗକୁ ଦଳରେ ସକ୍ରିୟ ଭୂମିକା ନେବେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଧରିଛି । ସର୍ବଭାରତୀୟ କଂଗ୍ରେସ ସୁପ୍ରିମୋ ସୋନିଆ ଗାନ୍ଧୀ ଏବେ ତାଙ୍କୁ ନୂଆ ଦାୟିତ୍ୱ ଦେଇଛନ୍ତ । ବିଭିନ୍ନ ପ୍ରସଙ୍ଗକୁ ନେଇ ୩ଟି ଦଳୀୟ କମିଟି ଗଠନ କରାଯାଇଥିବା ବେଳେ ଦଳର ବୈଦେଶିକ ବ୍ୟାପାର କମିଟିରେ ସ୍ଥାନ ପାଇଛନ୍ତି ସାଂସଦ ଉଲ୍ଲାକା । ଏହି ବୈଦେଶିକ ବ୍ୟାପାର କମିଟି ବିଭିନ୍ନ ଦେଶର ରାଜନୈତିକ ନୀତି ଉପରେ ତର୍ଜମା କରି ହାଇକମାଣ୍ଡଙ୍କୁ ରିପୋର୍ଟ ଦେବେ । ପରେ ଦେଶରେ କଂଗ୍ରେସର ରଣନୀତି କ’ଣ ରହିବ ତାକୁ କାର୍ଯ୍ୟକାରୀ କରାଯିବ ବୋଲି କୁହାଯାଇଚି । ପୂର୍ବରୁ ସାଂସଦ ଉଲ୍ଲାକାଙ୍କୁ କେନ୍ଦ୍ର ସରକାରଙ୍କ ଦୁଇଟି ମନ୍ତ୍ରାଳୟରେ ସଦସ୍ୟତା ପଦ ମିଳିଛି । କେନ୍ଦ୍ର ସରକାରଙ୍କ ଖାଉଟି କଲ୍ୟାଣ ଓ ମିନିଷ୍ଟ୍ରି ଅଫ୍ ଷ୍କିଲ୍ ବିଭାଗରେ କନସେଲଟିଭ୍ ସଦସ୍ୟତା ମିଳିଛି । ଜାତୀୟ ଦଳରେ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦ ମିଳିଥିବାରୁ ରାୟଗଡ଼ା ଜିଲ୍ଲା କଂଗ୍ରେସ କମିଟି ସଭାପତି ଦୁର୍ଗାପ୍ରସାଦ ପଣ୍ଡା କଂଗ୍ରେସ ମରକ୍ଷକ୍ଷଙ୍କଆଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଗୋଷ୍ଠୀ ସଂଘର୍ଷରେ ଜଣେ ମୃତ

ଆନନ୍ଦପୁର,୨୨।୧୧ (ନି.ପ୍ର): ନ୍ୟାୟ ନିଶାପ ନେଇ ଗ୍ରାମ ସଭା ଚାଲିଥିବା ବେଳେ ଗୋଷ୍ଠୀ ସଂଘର୍ଷ ଘଟି ଜଣକର ମୃତ୍ୟୁ ଘଟିଛି । ମୃତକଙ୍କ ନାମ ଆନନ୍ଦ ନାୟକ ବୋଲି ଜଣାପଡିଛି । ଗୁରୁତର ଅବସ୍ଥାରେ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି । କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ଅନ୍ତର୍ଗତ ଅଁରା ଗ୍ରାମରେ ଏହି ବୈଠକ ଚାଲିଥିବା ବେଳେ ଘଟିଛି ଅଘଟଣ । ବାଡ଼ିରେ କୁକୁଡ଼ା ପଶିବା ଘଟଣାକୁ ନେଇ ବିବାଦର ନ୍ୟାୟ ନିଶାପ ଚାଲିଥିଲା । ଏତିକି ବେଳେ ଅପରପକ୍ଷର ଗୋଷ୍ଠୀ ଆନନ୍ଦଙ୍କ ଉପରେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ । ଫଳରେ ତାଙ୍କର ମୃତ୍ୟୁ ଘଟିଛି । ଘଟଣାକୁ ନେଇ ଗାଁରେ ଚାପା ଉତେଜନା ପ୍ରକାଶ ପାଇଛି ।

## ନୂତନ ନିର୍ବାହୀ ଯନ୍ତ୍ରୀଙ୍କୁ ସ୍ୱାଗତ ଜଣାଇଲା ଠିକାଦାର ସଂଘ



ବାରିପଦା,୨୨।୧୧ (ନି.ପ୍ର): ପୂର୍ତ୍ତବିଭାଗ ବାରିପଦା ଡିଭିଜନର ନିର୍ବାହୀ ଯନ୍ତ୍ରୀ ଭାବରେ ନୂତନ ଭାବରେ ଯୋଗ ଦେଇଥିବା ଇଂ ନନ୍ଦଦୁଲାଲ ଘଡେଇଙ୍କୁ ତାଙ୍କ କାର୍ଯ୍ୟାଳୟରେ ମୟୂରଭଞ୍ଜ ଠିକାଦାର ସଂଘର କର୍ମକର୍ତ୍ତା ମାନେ ସାକ୍ଷାତ କରି ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ଜଣାଇଛଁ । ଠିକାଦାର ସଂଘର ସଭାପତି ପରେଶ ଚନ୍ଦ୍ର ମହା‘, ସମ୍ପାଦକ ସଂ‘ୋଷ କୁମାର ଖଣ୍ଡେଲୱାଲ, ମୁଖପାତ୍ର ସତ୍ୟ ରନ ପଟ୍ଟନାୟକ, ସୟ ଅଗ୍ରୱାଲ, ସଂ‘ୋଷ କୁମାର ସାହୁ, ତ୍ରିଲୋଚନ ଗିରି, ସଜଳ ମଲ୍ଲିକ, ପ୍ରିୟବ୍ରତ ଦାସ, ନନ୍ଦଲାଲ ମିଶ୍ର, ସୁବ୍ରତ ପାତ୍ର, ସନ୍ଦିପ ପତି ପ୍ରମୁଖ ବହୁ କର୍ମକର୍ତ୍ତା ଉପସ୍ଥିତ ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

## ଚତୁର୍ଥ ଜାତୀୟ ମିଡ଼ିଆ କନକ୍ଲେଭରେ କେନ୍ଦ୍ରମନ୍ତ୍ରୀ

### ଜଣେ ସଫଳ ବ୍ୟକ୍ତିତ୍ୱ ଓ ରାଷ୍ଟ୍ରବାଦୀ ବିଚାରଧାରାର ପୃଷ୍ଠପୋଷକ ଥିଲେ ଡା. ମହତାବ -ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର,୨୨।୧୧ (ନି.ପ୍ର): ନବଉତ୍କଳର ନିର୍ମାତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଉତ୍କଳ କେଶରୀ ଡା.ହରେକୃଷ୍ଣ ମହତାବଙ୍କ ବିଚାରଧାରା ଏବଂ ବ୍ୟକ୍ତିତ୍ୱ ଆଜିର ସମୟରେ ମଧ ପ୍ରାସଙ୍ଗିକ ହୋଇଛି । ସେ ଜଣେ ଜଣେ ସଫଳ ବ୍ୟକ୍ତିତ୍ୱ ଓ ରାଷ୍ଟ୍ରବାଦୀ ବିଚାରଧାରାର ପୃଷ୍ଠପୋଷକ ଥିଲେ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଡା.ହରେକୃଷ୍ଣ ମହତାବଙ୍କ ୧୨୧ତମ ଜୟନ୍ତୀ ଅବସରରେ ଶନିବାର ଆଇଏମଏସ ଦ୍ୱାରା ଆୟୋଜିତ ଚତୁର୍ଥ ଜାତୀୟ ମିଡ଼ିଆ କନକ୍ଲେଭର ‘ସାମାଜିକ ପରିବର୍ତନ ପାଇଁ ସମ୍ବାଦ’ ଶୀର୍ଷକ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ଡା.ମହତାବଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ଶ୍ରୀ ପ୍ରଧାନ । ବର୍ତମାନ ସମୟରେ ଜାତୀୟ ମିଡ଼ିଆ କନକ୍ଲେଭ ଭଳି ପ୍ଲାଟଫର୍ମରେ ସମାଜ ଜୀବନର ଅନେକ ପ୍ରାସଙ୍ଗିକ ବିଷୟ ତଥା ବିଶେଷ ଭାବରେ ସମାଜର କଲ୍ୟାଣ ପାଇଁ ତର୍କବିତର୍କ ହେବା ଦରକାର । ଡା. ମହତାବ ହେଉଛନ୍ତି ଓଡ଼ିଆ ଲୋକଙ୍କ ପରିଚୟ । ଓଡ଼ିଶାକୁ ବୁଝିବାକୁ ହେଲେ ତାଙ୍କର ଜୀବନ ଓ ବିଚାରଧାରାକୁ ବୁଝିବାକୁ ପଡ଼ିବ । ବାଲ୍ୟ କାଳରୁ ଜୀବନର ଅନ୍ତିମ ସମୟ ପର୍ଯ୍ୟନ୍ତ ଡା. ମହତାବ ଓଡିଶା ଭାଷା, ସାହିତ୍ୟର ପୁନରୁଦ୍ଧାର ଓ ସାମାଜିକ କ୍ଷେତ୍ରରେ ମଧ ଯୋଗଦାନ ଦେଇଥିଲେ । ୨୦୩୬ ମସିହାରେ ଭାଷା ଆଧାରିତ ରାଜ୍ୟ ଗଠନ ହେବାରେ ଓଡ଼ିଶାକୁ ୧୦୦ ବର୍ଷ ପୂରିବ । ଓଡ଼ିଶାକୁ ଭାଷା ଆଧାରିତ ରାଜ୍ୟ ଭାବେ ଗଠନ କରିବା ପାଇଁ ଡା. ମହତାବ ଯୁବ ସମୟରେ ମଧ ନେତୃତ୍ୱ ନେଇଥିଲେ । ସେହିପରି ଡା. ମହତାବଙ୍କ କୁଶଳୀ ନୀତି ଯୋଗୁଁ ଗଡ଼ଜାତ ମିଶ୍ରଣରେ ବାଲେଶ୍ୱର ଜିଲ୍ଲାର ନୀଳଗିରି ଓଡ଼ିଶାରେ ମିଶି ପାରିଥିଲା । ଡ. ମହତାବ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ । ସେ ସାମ୍ବାଦିକତା, ସାହିତ୍ୟ, ବୈଦେଶିକ ନୀତି, କୃଷି, ଉଦ୍ୟୋଗ ତଥା ସମସ୍ତ କ୍ଷେତ୍ର ସହ ଜଡ଼ିତ ଥିଲେ । ରାଷ୍ଟ୍ରୀୟ ସ୍ତରରେ ଓଡିଶାର ନେତୃତ୍ୱକୁ ସ୍ଥାପିତ କରିବାରେ ଅଗ୍ରଣୀ ଭୂମିକା ନେଇଥିଲେ ଡା. ମହତାବ । ରାଷ୍ଟ୍ରୀୟ ସମସ୍ୟାର ସମାଧାନ ପାଇଁ ଡା. ମହତାବଙ୍କ ମୂଲ୍ୟବୋଧକୁ ସମସ୍ତେ ଆପଣାଇବା ଦରକାର ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ବିନିକା ଅଂଚଳରେ ହାତୀ ପଲର ଉପଦ୍ରବ

ବିନିକା,୨୨।୧୧ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ବିନିକା ଅଂଚଳର ସିନ୍ଦୁରପୁର, ଗଣେଷପୁର, ଗୁଲାପଡାରେ ୨୪ ଟିକିଆ ହାତୀ ପଲଙ୍କ ଉପଦ୍ରବ ଦେଖିବାକୁ ମିଳିଛି । ଏହି ହାତୀ ପଲ ଖାଦ୍ୟ ଅନ୍ୱେଷଣରେ ରାତିରେ ଜନବସତି ଆଡକୁ ମାଡି ଆସିବା ସହ ଦଳିଚକଟି ଶହ ଶହ ଏକର ପରିବା ଚାଷ ନଷ୍ଟ କରିଛନ୍ତି । ଫଳରେ ଲୋକେ ଆତଙ୍କିତ ହୋଇପଡିଛନ୍ତି । ଅନ୍ୟପକ୍ଷରେ ହାତୀ ଘଉଡାଇବାକୁ ବନ ବିଭାଗ ପକ୍ଷରୁ ଉଦ୍ୟମ ଜାରୀ ରହିଛି ।

## ଉପେନ୍ଦ୍ର ପାଢ଼ୀଙ୍କୁ ଚଳିତ ବର୍ଷର ମହତାବ ସମ୍ମାନ

ଭୁବନେଶ୍ୱର,୨୨।୧୧ (ନି.ପ୍ର): ପୂର୍ବତନ ମୁଖ୍ୟମନ୍ତ୍ରୀ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୧ତମ ଜୟନ୍ତୀ ଉତ୍ସବ ଜୁମ୍ ଭିଡିଓ ଯୋଗେ ମହତାବ ଏକାଡେମୀ ପକ୍ଷରୁ ଅଧ୍ୟକ୍ଷ ଡକ୍ଟର ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଛି । ଡକ୍ଟର ମହତାବଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ବିଶିଷ୍ଟ ସନ୍ଥ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କହିଲେ ଯେ ଡ. ହରେକୃଷ୍ଣ ମହତାବଙ୍କ ତ୍ୟାଗର ପଟାନ୍ତର ନାହିଁ । ଓଡିଶାରେ ଯଦି କେହି ଜଣେ ଭାରତରତ୍ନ ପାଇବା ପାଇଁ ଯୋଗ୍ୟ ସେ ହେଲେ ସ୍ୱର୍ଗତ ମହତାବ । ଜୀବିତାବସ୍ଥାରେ ତାଙ୍କର ସ୍ୱପ୍ନକୁ ସାକାର କରିବା ପାଇଁ ସେ ଓଡିଶାକୁ ଏକ ଉନ୍ନତ ରାଜ୍ୟରେ ପହଂଚାଇବା ପାଇଁ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଚେଷ୍ଟା କରିଥିଲେ । ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ କୁଳପତି ଡ. ବିମଳେନ୍ଦୁ ମହାନ୍ତି କହିଲେ ଯେ ଭୁବନେଶ୍ୱରରେ ରାଜଧାନୀ ପ୍ରତିଷ୍ଠା ଡ. ମହତାବଙ୍କ ଦୂରଦୃଷ୍ଟିର ଏକ ଉଦାହରଣମାତ୍ର । ଓଡିଶା ଓ ଓଡିଶାବାସୀଙ୍କୁ ସର୍ବତ୍ର ଭାବେ ସୁରକ୍ଷିତ ରଖିବା ପାଇଁ ହୀରାକୁଦ ବନ୍ଧ ଥିଲା ତାଙ୍କର ଏକ ଅଭିନବ ପରିକଳ୍ପନା । ଅନ୍ୟତମ ଅତିଥି କିସ୍ ବିଶ୍ୱବିଦ୍ୟାଳୟର ଉପଦେଷ୍ଟା ଡ. ହରେକୃଷ୍ଣ ଶତପଥି କହିଲେ ଯେ ଓଡିଶାର ଯୁବଶକ୍ତିକୁ ଉପଯୋଗ କରିବା ପାଇଁ ରାଉରକେଲା ଇସ୍ପାତ କାରଖାନା ଭଳି ପ୍ରକଳ୍ପର ପ୍ରତିଷ୍ଠା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଡ. ବଦ୍ରିନାଥ ପଟ୍ଟନାୟକ, ଡ. ସୌରେନ୍ଦ୍ର କୁମାର ମହାପାତ୍ର, ଡ. ଯୁଧିଷ୍ଠିର ଖଟୁଆ, ଅଧ୍ୟାପକ ପ୍ରଣବ ପାଟଯୋଶୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ ଡ. ମହତାବଙ୍କୁ ଓଡିଆ ଜାତି ଯଥୋଚିତ ସମ୍ମାନ ଦେବାରେ ଅବହେଳା କରିଛି । ଏଥିପାଇଁ ଓଡିଶାର ଉତରପୀଢ଼ୀ ଓଡିଆ ଜାତିକୁ କ୍ଷମା ଦେବେ ନାହିଁ । ଶ୍ରଦ୍ଧାଞ୍ଜଳି ଜଣାଇ ସମାଜସେବୀ ନିବେଦିତା ଭଞ୍ଜ, ତନୁଜା ରଥ, ଦେବଜାନୀ ରାଉତରାୟ, ଚିତ୍ରଲେଖା ମହାନ୍ତି ପ୍ରମୁଖ ମହାନ୍ ଜନନେତା ଡ. ମହତାବଙ୍କ କାର୍ଯ୍ୟର ଭୁରି ଭୁରି ପ୍ରଶଂସା କରିଥିଲେ । ଚଳିତ ବର୍ଷ ମହତାବ ଏକାଡେମୀ ପକ୍ଷରୁ ମହତାବ ସମ୍ମାନ ଓଡିଶାର ବିଶିଷ୍ଟ ସାମ୍ବାଦିକ ତଥା ଡ. ହରେକୃଷ୍ଣ ମହତାବଙ୍କ ପ୍ରତି ସମର୍ପିତ ବ୍ୟକ୍ତିତ୍ୱ ଉପେନ୍ଦ୍ର କୁମାର ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଡ. ଜ୍ଞାନେନ୍ଦ୍ର ଘୋଷଣା କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ବେଦପାଠ କରିଥିଲେ ଏବଂ ଇଂ. ବିବେକାନନ୍ଦ ପାତ୍ର ସ୍ୱାଗତ ଭାଷଣ ଓ ବାସ୍ତୁବିତ୍ ଡ. ମନୋଜ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜ୍ୟରେ ସ୍କୁଲ ବନ୍ଦ ହେବାକୁ ନେଇ ବିଧାନସଭାରେ ମୋସନ ଜରିଆରେ ଆଲୋଚନା

ଭୁବନେଶ୍ୱର,୨୨।୧୧ (ନି.ପ୍ର): ରାଜ୍ୟରେ ସ୍କୁଲ ବନ୍ଦ ହେବାକୁ ନେଇ ବିଧାନସଭାରେ ମୋସନ ଜରିଆରେ ଆଲୋଚନା ଆରମ୍ଭ ହୋଇଛି । ବିରୋଧୀ ଦଳ ମାନେ ଏହି ନିଷ୍ପତିକୁ ପ୍ରତ୍ୟାହାର କରିବା ଓ ଏହା ଉପରେ ପୁନର୍ବିଚାର କରିବାକୁ ଦାବି କରିଥିବା ବେଳେ ସରକାରୀ ଦଳର ସଦସ୍ୟ ମାନେ ପ୍ରାଥମିକ ଶିକ୍ଷାର ଏକତ୍ରୀକରଣ ଓ ସୁବ୍ୟବସ୍ଥିକରଣ ପାଇଁ ଆବଶ୍ୟକ ପଦକ୍ଷେପ ନେବା ଜରୁରୀ ବୋଲି କହିଥିଲେ । ସରକାରୀ ଦଳର ସଦସ୍ୟ ମାନେ ଏହାକୁ ସ୍ୱାଗତ କରିଥିଲେ ହେଁ କାର୍ଯ୍ୟକାରିତାରେ ଯେଉଁ ଦୋଷ ତ୍ରୁଟି ରହିଛି ତାହାକୁ ଜନ ପ୍ରତିନିଧି ମାନଙ୍କୁ ସାମିଲ କରି ସେଥିରେ ସଂଶୋଧନ କରିବାକୁ ପ୍ରସ୍ତାବ ଦେଇଥିଲେ । ସରକାରୀ ଦଳର ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲିକ ରାଜ୍ୟରେ ପ୍ରାଥମିକ ଶିକ୍ଷାର ଏକତ୍ରୀକରଣ ଏବଂ ସୁବ୍ୟବସ୍ଥିକରଣ ନୀତି, ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ନିମନ୍ତେ ଏକ ପ୍ରୟାସ ସମ୍ପର୍କରେ ଆଲୋଚନା କରା ଯାଉ ବୋଲି ଏକ ମୋସନ ଆଣିଥିଲେ । ଶ୍ରୀମତୀ ମଲ୍ଲିକ କହିଥିଲେ ଯେ ଅନେକ ଅଂଚଳରେ ସ୍କୁଲ ଖୋଲିଛି । ହେଲେ ରାସ୍ତା ଘାଟ ଓ ଗାଡି ଘୋଡାର ବ୍ୟବସ୍ଥା ହେବା ପରେ ଅନେକ ସ୍କୁଲରେ ପିଲା ହେଉ ନାହାନ୍ତି । ସମସ୍ତଙ୍କ ମନରେ ସରକାରୀ ବଦଳରେ ବେସରକାରୀ ବିଦ୍ୟାଳୟରେ ଭଲ ପାଠ ପଢା ହେଉଛି ବୋଲି ଧାରଣା ତିଆରି ହେବା ଦ୍ୱାରା ସେମାନେ ନିଜର ପିଲା ମାନଙ୍କୁ ଗାଁ ସରକାରୀ ସ୍କୁଲରେ ପାଠ ପଢାଉ ନାହାନ୍ତି । ଏଭଳି ସ୍କୁଲେ ଅନେକ ବିଦ୍ୟାଳୟରେ ଛାତ୍ର ଛାତ୍ରୀ ଖୁବ କମ ରହୁଛନ୍ତି । ଏପରି ସ୍କୁଲେ ଏହି ସ୍କୁଲ ମାନଙ୍କୁ ଅନ୍ୟ ସ୍କୁଲ ସହ ଯୋଡା ଯାଇ ଶିକ୍ଷାର ସୁଦୃଢୀକରଣ କରା ଯିବା ପାଇଁ ପ୍ରୟାସ ଚାଲିଛି । ବିରୋଧୀ ଦଳର ଉପନେତା ବିଷ୍ଣୁ ସେଠୀ ଆଲୋଚନାରେ ଭାଗ ନେଇ କହିଥିଲେ ଯେ ସରକାରଙ୍କ ନିଷ୍ପତି ପ୍ରତ୍ୟାହାର ନ କଲେ ଅନେକ ଗରୀବ ଆଦିବାସୀ ପିଲା ପାଠପଢାରୁ ବଂଚିତ ହେବେ । ଯଦି ଏହାକୁ ବନ୍ଦ କରା ଯାଏ ତେବେ ଏହା ଆତ୍ମଘାତୀ ହେବ । ପିଲା ମାନେ ଦୂରକୁ ପଢିବା ପାଇଁ ଯିବେ ନାହିଁ ଓ ପିଲା ମାନେ ସ୍କୁଲ ଛାଡି ଦେବେ । ଏହି ନିଷ୍ପତି ଲାଗୁ ହେଲେ ରାଜ୍ୟରେ ନିଆଁ ଜଳିବ । ବିଧାନସଭାରେ ବସିଥିବା ଲୋକ ମାନେ ଏହି ପ୍ରସଙ୍ଗର ସମ୍ବେଦନଶୀଳତାକୁ ବୁଝି ପାରୁ ନାହାନ୍ତି କାରଣ ସେମାନଙ୍କ ପିଲା ମାନେ ଘରୋଇ ସ୍କୁଲ ମାନଙ୍କରେ ପଢିଛନ୍ତି । ସେ କହିଥିଲେ ଯେ ଏ ସମ୍ପର୍କରେ ନିଷ୍ପତି ନେବାର କାମ ଜିଲ୍ଲାପାଳ ମାନଙ୍କୁ ଦିଆ ଯାଇ ପାରିବ ନାହିଁ କାରଣ ଏହା ଶିକ୍ଷାର ବିଷୟ । ଜିଲ୍ଲାପାଳ କୋବିଡର ହିସାବ ଦେବାରେ ବ୍ୟସ୍ତ । ତେଣୁ ଜନ ପ୍ରତିନିଧି ମାନଙ୍କୁ ସାମିଲ କରି ଏହାର ପୁନଃ ସର୍ବେକ୍ଷଣ କରି ଏହାକୁ ନମନୀୟ କରା ଯାଉ ବୋଲି ସେ ପରାମର୍ଶ ଦେଇଥିଲେ । ବିଜେଡି ବିଧାୟକ ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ ସରକାର ଏକ ପାଖିଆ ଭାବେ କୌଣସି ନିଷ୍ପତି ନେଇ ନାହାନ୍ତି । ଏକତ୍ରୀକରଣ ସରକାରଙ୍କର ଏକ ସକାରାତ୍ମକ ଆଭିମୁଖ୍ୟ । ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ଏହା ହେଉଛି ପ୍ରୟାସ । କେତେକ ସ୍କୁଲରେ ମିଶ୍ରଣ ସଠିକ ଭାବେ ହୋଇ ପାରି ନାହିଁ । ତେଣୁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଯେଉଁ କମିଟି କରା ଯାଇଛି ତାକୁ ଭାଙ୍ଗି ଆଉ ଏକ କମିଟି କରା ଯାଉ । ସ୍କୁଲ କମିଟି ଗୁଡିକ ଅଧିକ ଶକ୍ତିଶାଳୀ କରାଯାଉ । ନୀତି ଆୟୋଗ ଓ ଜାତୀୟ ଶିକ୍ଷା ନୀତିର ପ୍ରସ୍ତାବ କ୍ରମେ ଏହାକୁ କାର୍ଯ୍ୟାନ୍ୱୟନ କରା ଯାଉଛି । ଗ୍ରାମାଂଚଳରେ ଖୋଲା ଯାଇଥିବା ସ୍କୁଲରେ ତାଲିମ ପ୍ରାପ୍ତ ଶିକ୍ଷକ ନାହାନ୍ତି । ସେଗୁଡିକୁ ବନ୍ଦ କରା ଯାଉ । ବିଜେଡି ବିଧାୟକ ପ୍ରତାପ ଦେବ କହିଥିଲେ ଯେ ଉଦ୍ଦେଶ୍ୟମୂଳକ ବା ଅବିଚାରିତ ଭାବେ ସ୍କୁଲକୁ ସରକାର ବନ୍ଦ କରି ନାହାନ୍ତି । ଶିକ୍ଷକ ମାନଙ୍କୁ ବିଭିନ୍ନ କାମରେ ନିୟୋଜିତ କରା ଯାଉଥିବାରୁ ସ୍କୁଲରେ ଗୁଣାତ୍ମକ ଶିକ୍ଷା ପ୍ରଭାବିତ ହେଉଛି । ଏକତ୍ରୀକରଣ ଦ୍ୱାରା ପିଲା ମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ସହାୟକ ହେବ । ଜନ ପ୍ରତିନିଧି ମାନଙ୍କ ସହ ଆଲୋଚନା କରି ଏ ଦିଗରେ କାମ କରିବାକୁ ସେ ପରାମର୍ଶ ଦେଇଥିଲେ । କଂଗ୍ରେସ ବିଧାୟକ ସୁରେଶ ରାଉତରାୟ କହିଥିଲେ ଯେ ସଠିକ ଭାବେ ସର୍ଭେ ନ କରି ସ୍କୁଲ ଗୁଡିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆ ଯାଇଛି । ପୁଣି ଥରେ ସର୍ଭେ ପାଇଁ ନିର୍ଦ୍ଦେଶ ଦିଆ ଯାଉ । ଅନେକ ସ୍ଥାନରେ ଏପରିକି ଭୁବନେଶ୍ୱର ଉପକଣ୍ଠରେ ଥିବା ସ୍କୁଲ ଗୁଡିକ ବନ୍ଦ ହୋଇ ଗଲାଣି ଓ ଭୂତଖାନାରେ ପରିଣତ ହେଲାଣି । ଘରୋଇ ଇଂରାଜୀ ମିଡିୟମ ସ୍କୁଲର ଫିସ ଉପରେ ରୋକ ଲଗା ଯାଉ । ସାଂସଦ, ବିଧାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷ, ମ୍ୟୁନିସିପାଲିଟି , ବ୍ଲକର ଅଧ୍ୟକ୍ଷଙ୍କ ସହ ଆଲୋଚନା କରି ନିଷ୍ପତି ନିଆ ଯାଉ । ବିଜେଡି ବିଧାୟକ ଅମର ପ୍ରସାଦ ସତପଥୀ କହିଛନ୍ତି ଯେ ଗୁଣାତ୍ମକ ମାନ ବୃଦ୍ଧି ପାଇଁ ସଂସ୍କାରର ଆବଶ୍ୟକତା ରହିଛି । ଶିକ୍ଷକ ମାନଙ୍କୁ ବିଭିନ୍ନ କାମରେ ନିୟୋଜିତ କରା ଯାଉଥିବାରୁ ସେମାନେ ମୂଳ କାମ କରି ପାରୁ ନାହାନ୍ତି । ଗୁଣାତ୍ମକ ଶିକ୍ଷା ପାଇଁ ସରକାରଙ୍କ ପକ୍ଷରୁ ଯେଉଁ ଉଦ୍ୟମ ଆରମ୍ଭ ହୋଇଛି ତାହା ସାଧୁ ପ୍ରୟାସ । ଶିକ୍ଷାକୁ ସାର୍ବଜନୀନ କରାଯିବା ସହ ନୀରିକ୍ଷଣ କାମକୁ ନିୟମିତ କରିବାକୁ ଓ ଭିତିଭୂମି ବ୍ୟବସ୍ଥାରେ ଗୁରୁତ୍ୱ ଦେବାକୁ ସେ ପ୍ରସ୍ତାବ ଦେଇଥିଲେ । ବିଜେଡି ବିଧାୟକ ଶଶିଭୂଷଣ ବେହେରା କହିଛନ୍ତି ଯେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବ୍ୟାପକ ହେଲେ ମଧ୍ୟ ଗୁଣାତ୍ମକ ଶିକ୍ଷାରୁ ଦୂରେଇ ଯାଇଛି । ଏକତ୍ରୀକରଣ ବା ସମ୍ମିଶ୍ରଣ ହେଲେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରା ଯାଇ ପାରିବ । ସରକାର ଏ କ୍ଷେତ୍ରରେ ନେଇଥିବା ପଦକ୍ଷେପ ପ୍ରଶଂସନୀୟ । ଜନ ପ୍ରତିନିଧି ମାନଙ୍କ ସହ ଆଲୋଚନା କରି ଏ ଦିଗରେ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଛନ୍ତି । କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର କହିଲେ ଯେ, ସ୍କୁଲ ବନ୍ଦ ଉପରେ ଉଭୟେ ବିରୋଧି ଏବଂ ଶାସକ ଦଳର କିଛି ସଦସ୍ୟ ଉଦ୍‌ବେଗ ପ୍ରକାଶ କରିଛନ୍ତି । କଣ ପାଇଁ ସ୍କୁଲ ଗୁଡ଼ିକ ବନ୍ଦ କରାଯାଉଛି ତାର ସ୍ୱଷ୍ଟ ଚିତ୍ର ଆମ ପାଖରେ ନାହିଁ । ସରକାର ଯେଉଁଭଳି ପ୍ରାଥମିକ ଶିକ୍ଷା ଉପରେ ପ୍ରାଥମିକତା ଦେବା କଥା ତାହା ଦେଉନାହାନ୍ତି । ଶିକ୍ଷାର ବିକାଶ ନ ନହେଲେ ଦାରିଦ୍ର୍ୟ କମିବ ନାହିଁ । ସୁପ୍ରିମ କୋର୍ଟ ଶିକ୍ଷାର ଅର୍ଥ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା, ଏଥିପାଇଁ ଉତମ ଶିକ୍ଷକ, ଉତମ ଦରମା ଦେବାପାଇଁ ମତ ଦେଇଛନ୍ତି । କିନ୍ତୁ ସରକାର ଏହାକୁ ବେଖାତିର କରି ଚାଲିଛନ୍ତି । ଶିକ୍ଷା ଅଧିକାର ଆଇନ ଅନୁଯାୟୀ ୧୪ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ମାଗଣାରେ ଶିକ୍ଷା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଥିଲା ବେଳେ କିନ୍ତୁ ତାହା କାର୍ଯ୍ୟକାରୀ ହେଉନାହିଁ । ଶିକ୍ଷା ହେଉଛି ରାଜ୍ୟର ବିଷୟ । ସରକାର ଏହାକୁ ବୁଝିବା ଦରକାର । ସୁପ୍ରିମକୋର୍ଟର ଥିବା ନିର୍ଦ୍ଦେଶକୁ ସରକାର ଉଲ୍ଲଘନ କରୁଛନ୍ତି । ସ୍କୁଲ ମିଶ୍ରଣ ନେଇ ବିଧାୟକ ମାନଙ୍କ ସହିତ ପରାମର୍ଶ କରାଯାଇଛି ବୋଲି ଯାହା କୁହାଯାଇଛି ତାହା ଠିକ୍ ନୁହେଁ । ତାଙ୍କ ସହିତ ଏ ସମ୍ପର୍କରେ କୌଣସି ପରାମର୍ଶ କରାଯାଇ ନାହିଁ । ଜିଲ୍ଲା ଶିକ୍ଷା କମିଟି ମାନଙ୍କରେ ବିଧାୟକ ମାନଙ୍କୁ ସାମିଲ କରାନଯିବା କାରଣ କଣ ବୋଲି ପ୍ରଶ୍ନ କରିଥିଲେ । ଅନୁସୂଚିତ ଅଂଚଳରେ ଏକତ୍ରିକରଣ ନିଷ୍ପତିକୁ କାର୍ଯ୍ୟକାରୀ ନ କରିବା ପାଇଁ ଶ୍ରୀ ମିଶ୍ର ଦାବି କରିଥିଲେ । ଶିକ୍ଷା ବର୍ଷ ଆରମ୍ଭ ହେବା ପୂର୍ବରୁ ଜିଲ୍ଲା କମିଟି ଡାକିବା ପାଇଁ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆଯାଉ । ବିଧାୟକ ମାନଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇ ଏ ସମ୍ପର୍କରେ ବିଶେଷ ଭାବେ ଆଲୋଚନା କରିବା ପାଇଁ ଦାବି କରିଛନ୍ତି । ବିଧାୟକ ତାରାପ୍ରସାଦ ବାହିନୀପତି କ୍ଷୋଭ ପ୍ରକାଶ କରି କହିଥିଲେ ଯେ, ସରକାରଙ୍କ ନିଷ୍ପତି ଅହିତକର କାର୍ଯ୍ୟ । ଅନୁସୂଚିତ ଏବଂ ଆଦିବାସୀ ଅଧୁଷିତ ଅଂଚଳରେ ଗୋଟିଏ ପିଲା ଥିଲେ ବି ସେ ସ୍କୁଲକୁ ବନ୍ଦ କରା ନଯାଉ । ସହରାଂଚଳରେ ବନ୍ଦ କରାଯାଇପାରେ । ବିରୋଧି ଦଳର ନେତା ପ୍ରଦୀପ ନାୟକ କହିଥିଲେ ଯେ, ଶିକ୍ଷା ପାଇବାରେ ଶିଶୁ ମାନଙ୍କର ମୌଳିକ ଅଧିକାର ରହିଛି । ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ୀକରଣ କରିବା ଆବଶ୍ୟକତା ରହିଛି । କେବିକେ ଜିଲ୍ଲା ମାନଙ୍କରେ ସରକାର ନେଇଥିବା ନିଷ୍ପତିକୁ କାର୍ଯ୍ୟକାରୀ କରାନଯାଉ । ଏହାର ପୁନର୍ବିଚାର କରିବା ପାଇଁ ସେ ଦାବି କରିଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ମୁକେଶ ମହାଲିଙ୍ଗ, ସୁବାଷ ପାଣିଗ୍ରାହୀ ଗୁଣାତ୍ମକ ଶିକ୍ଷା ନାମରେ ସ୍କୁଲ ବନ୍ଦ କରିବା ଦୁର୍ଭାଗ୍ୟଜନକ ବୋଲି କହିଥିଲେ । ବିଧାୟକ ପ୍ରଫୁଲ ସାମଲ, ବ୍ୟୋମକେଶ ରାୟ ସରକାରଙ୍କର ପଦକ୍ଷେପକୁ ପ୍ରଶଂସା କରିବା ସହ ଭବିଷ୍ୟତରେ ଏହା ଶିଶୁ ମାନଙ୍କ ପାଇଁ ବିଶେଷ ସହାୟକ ହେବ ବୋଲି କହିଥିଲେ । ଏହା ବ୍ୟତୀତ ସ୍କୁଲ ମାନଙ୍କୁ ଆବଶ୍ୟକ ଭିତିଭୂମି ଯୋଗାଇ ଦେବାକୁ ଦାବ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ନିଷ୍ପତ୍ତି ବଦଳାଇଲେ ...

ମିଶ୍ରଣ କରିବାକୁ ନିଷ୍ପତି ନେଇଛନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଶିକ୍ଷାଦାନର ମାନବୃଦ୍ଧି ଏବଂ ଉତମ ଶୈକ୍ଷିକ ପରିବେଶ ସୃଷ୍ଟି ସହ ବିଦ୍ୟାର୍ଥି ମାନଙ୍କର ସର୍ବାଙ୍ଗୀନ ଉନ୍ନତି ସାଧନ କରିବା । ଏକତ୍ରୀକରଣ ଅର୍ଥ ବିଦ୍ୟାଳୟ ବନ୍ଦ କରିବା ନୁହେଁ, ବୃହତର ବିଦ୍ୟାଳୟ ସୃଷ୍ଟି କରିବା, ନିମ୍ନ ଶ୍ରେଣୀ ବିଶିଷ୍ଟ ବିଦ୍ୟାଳୟକୁ ଉଚ୍ଚଶ୍ରେଣୀ ବିଦ୍ୟାଳୟକୁ ଉନ୍ନୀତ କରିବା ଓ ଗୋଟିଏ ସ୍ଥାନରେ ପ୍ରାଥମିକ, ମାଧମିକ ଉଭୟର ଶିକ୍ଷାଦାନ ବ୍ୟବସ୍ଥା ଉପଲବ୍ଧ କରାଇବା । ଫଳରେ ବିଦ୍ୟାଳୟ ଗୁଡ଼ିକ ଅଧିକ ଚଳ ଚଂଚଳ ହେବ । ଟ୍ରନଜିସନ ଏବଂ ବିଦ୍ୟାର୍ଥି ମାନଙ୍କର ଆତ୍ମ ବିଶ୍ୱାସ ବୃଦ୍ଧି ପାଇବ । ସେ କହିଲେ ଯେ, ରାଜ୍ୟର ସ୍ଥାନୀୟ ସମସ୍ୟା, ଅନଗ୍ରସର ଅଂଚଳର ସ୍ୱତନ୍ତ୍ର ଆବଶ୍ୟକତା, ଭୌଗୋଳିକ ସ୍ଥିତି, ପ୍ରାକୃତିକ ପ୍ରତିବନ୍ଧକକୁ ଦୃଷ୍ଟିରେ ରଖି ଆବଶ୍ୟକସ୍ଥଳେ ନୀତିକୁ କୋହଳ କରାଯାଉଛି । ଆଦିବାସୀ ବହୁଳ ଜିଲ୍ଲା ଗୁଡ଼ିକରେ ଅନେକ ରେସିଡେନସିଆଲ ବିଦ୍ୟାଳୟ ଖୋଲାଯାଇଛି । ଏହି ବିଦ୍ୟାଳୟ ପ୍ରତି ଅଭିଭାବକ ଓ ବିଦ୍ୟାର୍ଥିମାନେ ଅଧିକ ଆକୃଷ୍ଟ ହେଉଛନ୍ତି । ଏହା ଫଳରେ ସରକାରୀ ପରିଚାଳିତ ବିଦ୍ୟାଳୟ ମାନଙ୍କରେ ବିଦ୍ୟାର୍ଥି ସଂଖ୍ୟା ହ୍ରାସ ପାଉଛି ବୋଲି ମନ୍ତ୍ରୀ ସ୍ୱୀକାର କରିଥିଲେ ।

### ରାଜ୍ୟସରକାରଙ୍କ ସ୍କୁଲ...

କେବଳ କୋରାପୁଟରେ ୮୦୦ ସ୍କୁଲ ବନ୍ଦ ହୋଇଯିବାର ଆଶଙ୍କା ରହିଛି । ପିଲାମାନେ ନିଜ ଗାଁ ସ୍କୁଲ ଛାଡି ଅନ୍ୟ ଗାଁକୁ ଯାଇ ପାଠ ପଢିବା ସମ୍ଭବ ହେବ ନାହିଁ । ଏହାଦ୍ୱାରା ଅଧିକାଂଶ ପିଲା ପାଠ ଅଧାରୁ ଛାଡିବେ ଏବଂ ରାଜ୍ୟରେ ଡ୍ରପ ଆଉଟ ହାର ବୃଦ୍ଧି ପାଇବ । ପ୍ରତିବର୍ଷ ୧୧ ଲକ୍ଷ ପିଲା ପ୍ରଥମ ଶ୍ରେଣୀରେ ନାମ ଲେଖାଇଲା ବେଳେ ମେଟ୍ରିକ ପରୀକ୍ଷା ବେଳକୁ ଏହା କମି ୬ ଲକ୍ଷରେ କାହିଁକି ପହଂଚିଯାଏ ବୋଲି ଶ୍ରୀ ସେଠୀ ପ୍ରଶ୍ନ କରିଛନ୍ତି । ପିଲାମାନଙ୍କର ବାଧ୍ୟତାମୂଳକ ଶିକ୍ଷାକୁ ଗୁରୁତ୍ୱ ଦେଇ ରାଜ୍ୟସରକାର ତୁରନ୍ତ ଏହି ନିଷ୍ପତିକୁ ପ୍ରତ୍ୟାହାର ନକଲେ ଆଗାମୀ ଦିନରେ ରାଜ୍ୟବ୍ୟାପୀ ଆନ୍ଦୋଳନ ହେବ ବୋଲି ଶ୍ରୀ ସେଠୀ ଚେତାବନୀ ଦେଇଛନ୍ତି ।

### ଆଜି ଅଁଳା...

କଟକଣାକୁ ଅନୁପାଳନ କରି ସେବାପୂଜା ଓ ଠାକୁରଙ୍କ ଅନ୍ୟାନ୍ୟ ନୀତି କାନ୍ତି ସମାପନ କରିବେ । ଏଠାରେ ଉଲ୍ଲେଖଯୋଗ୍ୟ, ପ୍ରତିବର୍ଷ କାର୍ତିକ ମାସ ଶୁକ୍ଳ ପକ୍ଷ ନବମୀ ତିଥିରେ ଶ୍ରୀ କୃଷ୍ଣଙ୍କ ନଟବର ବେଶ ଓ ମା ରାଧାରାଣୀଙ୍କ ଓଡ଼ିଆଣୀ ବେଶ ଦର୍ଶନ ସାଙ୍ଗକୁ ରାଧାଙ୍କ ପାଦ ଦର୍ଶନ ପାଇଁ ଏଠାରେ ଲକ୍ଷାଧିକ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥାଏ । ହେଲେ ଚଳିତ ବର୍ଷ କରୋନା କଟକଣା ପାଇଁ ଭକ୍ତଙ୍କ ନିମନ୍ତେ ଦର୍ଶନ ବନ୍ଦ ରହିଛି ।

### ରାଜ୍ୟରେ ଆଉ ...

ସମ୍ବଲପୁର ଜିଲ୍ଲାର ୭୪ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ଜଣେ ୫୯ ବର୍ଷୀୟ ମହିଳାଙ୍କ ମୃତ୍ୟୁ ଘଟିଛି । ସେହିପରି ସୁନ୍ଦରଗଡ ଜିଲ୍ଲାର ଜଣେ ୯୧ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେହିପରି ସୁନ୍ଦରଗଡ ଜିଲ୍ଲାର ଜଣେ ୭୭ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ଜଣେ ୬୨ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ।

### ମିଡ଼ିଆ ମହାକୁମ୍ଭ...

ସୁନିଲ କାନ୍ତ ବେହେରା, କଲିକତା ସ୍ଥିତ ଦୂରଦର୍ଶନର ବରିଷ୍ଠ ସାମ୍ବାଦିକ ସ୍ନେହାଶିଷ ସୁର, ବେଙ୍ଗଲୁର ବିଶ୍ୱବିଦ୍ୟାଳୟର ଡଃ ରବି ବି କେ, ଇଣ୍ଡିଆନା ବିଶ୍ୱବିଦ୍ୟାଳୟ, କୋକମ୍ବର ପ୍ରଫେସର ଲାଲାଟେନ୍ଦୁ ଅଚାର୍ଯ୍ୟ ପ୍ରମୁଖ ଯୋଗଦେଇ କୋଭିଡ ମହାମାରୀ ସମୟରେ ଯୋଗାଯୋଗ କ୍ଷେତ୍ରରେ ଆସିଥିବା ପରିବର୍ତନକୁ ଉପସ୍ଥାପନ କରିଥିଲେ । କଲିକତାସ୍ଥିତ ଗଣମାଧମ ପ୍ରଶିକ୍ଷିକା ଦେବବାଣୀ ମୁଖାର୍ଜୀ ଉଦ୍‌ଯାପନୀ ସଭାକୁ ପରିଚାଳନା କରିଥିଲେ । ଦିବସର ପ୍ରଥମ ଭାଗରେ ଗୋଟିଏ ପ୍ଲେନାରୀ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏଥିରେ ମାଡ୍ରାସ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଗୋପାଳନ ରବିନ୍ଦ୍ରନ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ପ୍ରଫେସର ବିପ୍ଲବଲୋହା ଚୌଧୁରୀ, ଗୌହାଟି ବିଶ୍ୱବିଦ୍ୟାଳୟର ପ୍ରଫେସର ଅଙ୍କୁରନ ଦତ, ହାଇଦରାବାଦ୍ ବିଶ୍ୱବିଦ୍ୟାଳୟର ପ୍ରଫେସର କାଂଚନ କେ ମଲିକ, ଖ୍ୱାଜା ମଇନୁଦ୍ଦିନ ଚିସ୍ତି ବିଶ୍ୱବିଦ୍ୟାଳୟର ଡଃ ତନୁ ଡାଙ୍ଗ ପ୍ରମୁଖ ଯୋଗ ଦେଇ "ସାମାଜିକ ଚଳଣି ଏବଂ ପକ୍ଷପୋଷଣ" ଓ "ସଭ୍ୟସମାଜ, ଗଣମାଧମ ଏବଂ ଖବରର ଭୂମିକା ଶୀର୍ଷକ" ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ । ଏହାପରେ ସମ୍ମିଳନୀର ବିଭିନ୍ନ ସମାନ୍ତରାଳ ଅଧିବେଶନରେ ୧୦୦ରୁ ଉର୍ଦ୍ଧ୍ୱ ଶିକ୍ଷାବିତ୍, ଗବେଷକ ଓ ଛାତ୍ରଛାତ୍ରୀ ସେମାନଙ୍କର ଗବେଷଣାତ୍ମକ ସନ୍ଦର୍ଭ ପାଠ କରିଥିଲେ । ଅନ୍ୟମାନଙ୍କ ମଧରେ ସମ୍ମିଳନୀର ଅଧକ୍ଷ ଏବଂ ଆଇ.ଏମ୍.ଏସ୍.ର ନିର୍ଦ୍ଦେଶକ ପ୍ରଫେସର ଉପେନ୍ଦ୍ର ପାଢୀ ଅତିଥିମାନଙ୍କର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ, ଗଣମାଧମ ବିଭାଗର ମୁଖ୍ୟ ତଥା ସମ୍ମିଳନୀର ଆବାହକ ମନୋରଂଜନ ପଣ୍ଡା ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧରେ ବଭିନ୍ନ ବିଶ୍ୱବିଦ୍ୟାଳୟର ଗଣମାଧମ ବିଭାଗ ଯଥା ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ଡଃ ଜ୍ଞାନରଂଜନ ମିଶ୍ର, ରେଭେନ୍‌ସା ବିଶ୍ୱବିଦ୍ୟାଳୟର ଡଃ ଜୟନ୍ତ ସ୍ୱାଇଁ, ସେଂଚୁରିଅନ୍ ବିଶ୍ୱବିଦ୍ୟାଳୟର ଡଃ ଅମ୍ବିକା ଶଙ୍କର ମିଶ୍ର, କିଟ୍ ବିଶ୍ୱବିଦ୍ୟାଳୟର ଡଃ ଅନୁରାଗ ସାହୁ, ପ୍ରମୁଖ ଯୋଗଦେଇ ସମ୍ମିଳନିକୁ ସାଫଲ୍ୟ ମଣ୍ଡିତ କରିଥିଲେ । ଏଥିରେ ଦେଶ ଓ ବିଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଅନେକ ଜ୍ଞାନୀ, ଗୁଣି, ଗବେଷକ, ବିଦ୍ୟାର୍ଥୀ, ବୁଦ୍ଧିଜୀବି ଏବଂ ରାଜ୍ୟର ବହୁ ସାମ୍ବାଦିକ ଓ ଗଣମାଧମ ଛାତ୍ରଛାତ୍ରୀ ଏହି ସମ୍ମିଳନୀରେ ଫେସବୁକ ଏବଂ ୟୁଟ୍ୟୁବ୍ ମଧମରେ ଅଂଶଗ୍ରହଣ କରିଥିଲେ ।

### ଗୋଟିଏ ଦିନରେ...

୪. କଟକରୁ ୩୯ ଜଣ, ଦେବଗଡ଼ରୁ ୫ ଜଣ, ଢେଙ୍କାନାଳରୁ ୧୧ ଜଣ, ଗଜପତିରୁ ଜଣେ ହେଲେ ସଂକ୍ରମିତ ହୋଇ ନାହାନ୍ତି । ଗଞ୍ଜାମରୁ ୮ ଜଣ, ଜଗତ୍‌ସିଂହପୁରରୁ ୫୦ ଜଣ, ଯାଜପୁରରୁ ୨୯ ଜଣ, ଝାରସୁଗୁଡ଼ାରୁ ୨୩ ଜଣ, କଳାହାଣ୍ଡିରୁ ୨୧ ଜଣ, କନ୍ଧମାଳରୁ ୩ ଜଣ, କେନ୍ଦ୍ରାପଡ଼ାରୁ ୩୩ ଜଣ, କେନ୍ଦୁଝରରୁ ୩୧ ଜଣ, ଖୋର୍ଦ୍ଧାରୁ ୭୦ ଜଣ, କୋରାପୁଟରୁ ୯ ଜଣ, ମାଲକାନଗିରିରୁ ୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୬୫ ଜଣ, ନବରଙ୍ଗପୁରରୁ ୧୩ ଜଣ, ନୟାଗଡ ଜିଲ୍ଲାରୁ ୫ ଜଣ, ନୂଆପଡ଼ାରୁ ୪ ଜଣ, ପୁରୀରୁ ୯ ଜଣ, ରାୟଗଡା ଜିଲ୍ଲାରୁ ୧ ଜଣ, ସମ୍ବଲପୁରରୁ ୨୩ ଜଣ, ସୋନପୁରରୁ ୧ ଜଣ, ସୁନ୍ଦରଗଡ଼ରୁ ୪୬ ଜଣ ଓ ଷ୍ଟେଟ୍‌ପୁଲ୍‌ରୁ ୧୩ ଜଣ ଚିହ୍ନଟ ହୋଇଛନ୍ତି ।

## ଢ଼ମଳ ଗ୍ରାମରେ ହାତୀପଲଙ୍କ ଦୌରାତ୍ମ୍ୟ

ଢେ଼ଙ୍କାନାଳ,୨୨।୧୧ (ନି.ପ୍ର): ଢେ଼ଙ୍କାନାଳ ଜିଲ୍ଲା ମହାବିରୋଡ଼ ରେଞ୍ଜ୍ ଅନ୍ତର୍ଗତ ଢ଼ମଳ ଗ୍ରାମ ଓ ଏହାର ଆଖପାଖ ଅଂଚଳରେ ଏକ ହାତୀପଲଙ୍କ ଦୌରାତ୍ମ୍ୟ ଦେଖିବାକୁ ମିଳିଛି । ଏହି ହାତୀ ପଲରେ ଛୋଟ ବଡ଼ ମିଶି ପ୍ରାୟ ୪୦ ଟି ହାତୀ ରହିଛନ୍ତି । ବ୍ୟାପକ ଧାନ ଫସଲ ଓ ପନିପରିବା ଫସଲ ଖାଇ ଦଳିଚକଟି ନଷ୍ଟ କରିବା ସହ ସାଧାରଣରେ ଆତଙ୍କ ଖେଳାଇ ଦେଇଛନ୍ତି ଏହି ହାତୀ ପଲ । ବନ ବିଭାଗର ଟିମ୍ ଏହି ହାତୀ ପଲ ଉପରେ ନଜର ରଖିଛନ୍ତି । ହାତୀ ପଲଙ୍କୁ ଘଉଡ଼ାଇବାକୁ ବିଭାଗ ପକ୍ଷରୁ ଉଦ୍ୟମ ଜାରୀ ରହିଛି ।

## ଖତ ଖାଉଚି ୨୦ଲକ୍ଷ ଟଙ୍କାର ରୋଲର

କେନ୍ଦ୍ରପଡ଼ା,୨୨।୧୧ (ନି.ପ୍ର): କେନ୍ଦ୍ରାପଡା ପୂର୍ତ ଡିଭିଜନର ହତା ମଧରେ ପରିତ୍ୟକ୍ତ ଅବସ୍ଥାରେ ରୋଲର ଗୁଡିକ ପଡିରହି ଖତ ଖାଉଥିବା ଦେଖିବାକୁ ମିଳିଛି । ରାସ୍ତା ନିର୍ମାଣ କାର୍ଯ୍ୟରେ ମେଣ୍ଟାଲ ଗୁଡିକୁ ସମତଳ କରିବା ପାଇଁ ଏହାକୁ ବ୍ୟବହାର କରାଯାଇ ଥାଏ । ମାତ୍ର ବିଭାଗର ଏହି ଯାନ୍ତ୍ରିକ ରୋଲର ଗୁଡିକ ପ୍ରାୟ ୧୫ ବର୍ଷରୁ ଉର୍ଦ୍ଧ୍ୱ ହେବ ହତା ମଧରେ ଖରାବର୍ଷାରେ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଛି । ପ୍ରାୟ ୨୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ୨ଗୋଟି ରୋଲର ର ଯତ୍ନ ନିଆ ଯାଉ ନଥିବାରୁ ପଡିରହି କଳଙ୍କି ଲାଗିବା ସହ ଏହାର ଯନ୍ତ୍ରାଂଶ ଗୁଡିକ ନଷ୍ଟ ହେବାକୁ ବସିଲାଣି । ବିଭାଗର ଅବହେଳା ଯୋଗୁଁ ଏହି ସରକାରୀ ସମ୍ପତି ମାଟି ଖାଉଥିବା ଦେଖିବାକୁ ମିଳିଛି । ତେବେ ଡ୍ରାଇଭର ନିଯୁକ୍ତି ହୋଇ ନଥିବାରୁ ଏହାର ବ୍ୟବହାର ନହୋଇ ନିଲାମ ପାଇଁ ବିଭାଗୀୟ ଅନୁମତି ମଗାଯାଇ ଥିବାବେଳେ ଏହାର କୌଣସି ଅନୁମୋଦନ ପତ୍ର ଏପର୍ଯ୍ୟନ୍ତ କେନ୍ଦ୍ରାପଡା ଡିଭିଜନକୁ ମିଳିନାହିଁ । ଫଳରେ ରୋଲର ୨ଟି ଅକାମୀ ହୋଇ କ୍ଷତ ହେଉଥିବା ଦେଖିବାକୁ ମିଳିଛି ।

## ଉଚ୍ଚଶିକ୍ଷା ବିଭାଗ ମହାବିଦ୍ୟାଳୟ ସ୍ତରରେ ଅନଲାଇନ ସହିତ +୩ ସ୍ୱଟ ଆଡମିସନ ନିମନ୍ତେ ଅନୁମତି ଦେବାକୁ ଦାବି

ବାରିପଦା ,୨୨।୧୧ (ନି.ପ୍ର): ଉଚ୍ଚଶିକ୍ଷା ବିଭାଗ ତରଫରୁ ସାମ୍ସ ମାଧମରେ ସ୍ୱଟ ଆଡମିସନ ସରିବାକୁ ବସିଲାଣି, କିନ୍ତୁ ମୟୂରଭ ଜିଲ୍ଲାରେ ବହୁ ଛାତ୍ରଛାତ୍ରୀ ବିଭିନ୍ନ କାରଣ ପାଇଁ ଅନଲାଇନ କରିପାରି ନାହାନ୍ତି । ଦ୍ୱିତୀୟରେ ସ୍ୱଟ ଆଡମିସନ ନିମନ୍ତେ ଯେଉଁ ନିର୍ଦ୍ଦେଶାବଳୀ ଥିଲା ତାହା ମଧ୍ଯ ବୁଝି ନ ପାରି ବହୁ ଛାତ୍ରଛାତ୍ରୀ ସ୍ୱଟ ଆଡମିସନରୁ ବଂଚିତ ହୋଇଛନ୍ତି ଓ ଜିଲ୍ଲାର ପ୍ରାୟ ମହାବିଦ୍ୟାଳୟ ମାନଙ୍କରେ ସିଟ ମଧ ପୂରଣ ହୋଇପାରିନାହିଁ । ମୟୁରଭ କଲେଜ ଅଫ୍ ଆକାଉନଟେନସି ଏଣ୍ଡ ମ୍ୟାନେଜମେଂଟର ଅଧକ୍ଷ ପ୍ରଦୀପ ନାୟକ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଶାସନ ସଚିବଙ୍କୁ ଇ-ମେଲ ମାଧମରେ ଏକ ଅନୁରୋଧ ପତ୍ର ମଧ ପ୍ରଦାନ କରିଛନ୍ତି । ଶିକ୍ଷାନୁଷ୍ଠାନ ଏବଂ ଛାତ୍ରଛାତ୍ରୀମାନଙ୍କର ସ୍ୱାର୍ଥ ଦୃଷ୍ଟିରୁ ମହାବିଦ୍ୟାଳୟ ସ୍ତରରେ ଅନଲାଇନ ସୁବିଧା ସହ ସ୍ୱଟ ଆଡମିସନ କରାଇବାକୁ ବାରିପଦାର ପୂର୍ବତନ ବିଧାୟକ କିଶୋର ଦାଶ, ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପୂର୍ବତନ ସିନେଟ ସଦସ୍ୟା ସଂଘମିତ୍ରା ରାଉତ, ସଂଜିବ ଆଚାର୍ଯ୍ୟ ଓ ଅନ୍ୟମାନେ ଦାବୀ କରିଛନ୍ତି ।

## ଆସନ୍ତା ୨୬ରେ ଦେଶବ୍ୟାପୀ ଧର୍ମଘଟ ସଫଳ କରିବାକୁ ଶୋଭାଯାତ୍ରା

ଜୟପୁର,୨୨।୧୧ (ନି.ପ୍ର): ଆସନ୍ତା ୨୬ ରେ ଅନୁଷ୍ଠିତ ହେବାକୁ ଥିବା ଦେଶ ବ୍ୟାପୀ ସାଧାରଣ ଧର୍ମଘଟକୁ ସଫଳ କରିବା ନେଇ ଏକ ଶୋଭାଯାତ୍ରା ଆଜି ସହର ପରିକ୍ରମା କରିଥିଲା । ଦେଶର ସାଧାରଣ ମଣିଷ ନ୍ୟୁନତମ ଜୀବନ ଧାରଣରେ ଆବଶ୍ୟକତା ପ୍ରତି କେନ୍ଦ୍ର ସରକାରଙ୍କ ସାମଗ୍ରୀକ ଭାବରେ ନିରବିଚ୍ଛିନ୍ନ ଉଦସୀନତା, ଗରୀବ, ବେରୋଜଗାର ସହ ଦର ନିୟନ୍ତ୍ରଣରେ ସରକାର ବିଫଳ ହୋଇଥିବା ନେଇ ଉଦବେଗ ପ୍ରକାଶ କରଥିଲେ । ଆସନ୍ତା ୨୬ ତାରିଖରେ ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ନିଷ୍ପତି ହୋଇଥିବା ବେଳେ ଚକ, ଅଖ, ଦୋକାନ, ବଜାର, ବ୍ୟାଙ୍କ, ଏଲଆଇସି ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିବ । ଦର ଦାମ ନିୟନ୍ତ୍ରଣ କରାଯାଉ, ଶ୍ରମିକ ଓ କୃଷକ ବିରୋଧୀ ଶ୍ରମ ଓ କୃଷି ଆଇନ ପ୍ରତ୍ୟାହାର, ରେଳ, ବିମା, ପ୍ରତିରକ୍ଷା ଓ ଅନ୍ୟାନ୍ୟ ରାଷ୍ଟ୍ରୀୟ ଉଦ୍ୟୋଗର ଘରୋଇକରଣ ବନ୍ଦ, ଗ୍ରାମାଚଂଳରେ ୨ ଶହ ଦିନର କାମ, ମନରେଗାରେ ୫ ଶହ ଟଙ୍କା ମଜୁରି ସହରାଚଂଳ ରୋଜଗାର ଗରିବ ପରିବାରଙ୍କୁ ମାସକ ୭ ହଜାର ୫ ଶହ ଟଙ୍କା ସହାୟତା ଓ ମାସିକ ୧୦ କେଜି ଚାଉଳ ପ୍ରଦାନ, ଆଶା, ପାଚିକା, ଅଙ୍ଗନବାଡିକୁ ସରକାରୀ ମାନ୍ୟତା ଓ ସାମାଜିକ ସୁରକ୍ଷା ପ୍ରଦାନ ଆଦି ଦାବୀରେ ସର୍ବ ଭାରତ ସାଧାରଣ ଧର୍ମଘଟ ହେଉଛି । ଏହାକୁ ସଫଳ କରିବା ପାଇଁ ଶ୍ରମିକ କର୍ମଚାରି ସଂଗଠନ ମାନଙ୍କ ମିଳିତ ତରଫରୁ ଜୟପୁର ସହରରେ ଶୋଭାଯାତ୍ରା ବାହାର କରାଯାଇ ସଚେତନ କରାଯାଇଛି । ସଂଗଠନର ସଦସ୍ୟ ମାନେ ପ୍ଲା ଗାର୍ଡ ଓ ବେନର ଧରି ମୁଖ୍ୟ ରାସ୍ତାରେ ଶୋଭାଯାତ୍ରା କରି ସ୍ଥାନୀୟ ଦୋକାନ, ବଜାର, ସରକାରୀ କାର୍ଯ୍ୟାଳୟ, ଚକ ଅଖ ବନ୍ଦ କରିବାକୁ ସଚେତନ କରିଥିଲେ । ଏହି ଶୋଭାଯାତ୍ରାରେ ପ୍ରମୋଦ ମହାନ୍ତି, ଯୁଧିଷ୍ଠିର ରାଉଳ ବିଭିନ୍ନ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ତଥା ଅନ୍ୟାନ୍ୟ ଶ୍ରମିକ ଓ କୃଷକ ସଂଗଠନର ସଦସ୍ୟ ମାନେ ଉପସ୍ଥିତ ଥିଲେ ।

## ରାସ୍ତା ସମ୍ପ୍ରସାରଣ ପାଇଁ ମସୁଦପୁର ବଜାର ଜବରଦଖଲ ଉଚ୍ଛେଦ

କୋରେଇ,୨୨।୧୧ (ନି.ପ୍ର): ଜାତୀୟ ରାଜପଥ ନଂ ୧୬ରୁ ମସୁଦପୁର ମେଡିକାଲ ଛକ ଦେଇ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ରାସ୍ତା ପାଣିକୋଇଲି ଆଙ୍କୁଲା ରାସ୍ତାକୁ ସଂଯୋଗ କରିବା ସହ ଜଳହ ପର୍ଯ୍ୟନ୍ତ ଯାଇଛି । ରାସ୍ତା ସର୍ମ୍ପସାରଣ ପାଇଁ ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଂଚାୟତ ଅଧିନସ୍ଥ ମସୁଦପୁର ମେଡିକାଲ ଓ ହାଇସ୍କୁଲ କଡରେ ଜବରଦଖଲରେ ଥିବା ୨୯ଟି ଦୋକାନ ଗୃହକୁ ବ୍ୟାସନଗର ତହସିଲ ପକ୍ଷରୁ ଆଜି ଉଚ୍ଛେଦ କରାଯାଇଛି । ଏଥି ସହିତ ଆଉ ୨୫ଟି ଦୋକାନ ଉଚ୍ଛେଦ ପାଇଁ ନୋଟିସ୍ ଜାରି କରାଯାଇଥିବା ତହସିଲ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ପୂର୍ବରୁ ଏହି ରାସ୍ତା ଗ୍ରାମ ଉନ୍ନୟନ ବିଭାଗ ଅର୍ନ୍ତଭୁକ୍ତ ଥିବା ବେଳେ ରାସ୍ତା କଡରେ ଓ ଗୁରୁପ୍ରସାଦ ହାଇସ୍କୁଲ ଓ ମେଡିକାଲ କଡରେ ଜବରଦଖଲ ଭାବେ ଦୋକାନ ଗୃହ ଗଢି ଉଠିଥିଲା । ରାସ୍ତା ସମ୍ପ୍ରସାରଣ ପାଇଁ ଆଜି ଏହି ଦୋକାନ ଗୁଡିକୁ ଭଙ୍ଗାଯାଇଛି । ପୂର୍ବରୁ ୫ ମାସ ତଳେ କିଛି ଦୋକାନ ଗୁଡିକୁ ଭଙ୍ଗାଯିବା ପାଇଁ ତହସିଲ ପ୍ରଶାସନ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ମାତ୍ର ଦୋକାନୀ ମାନଙ୍କ ପକ୍ଷରୁ କରୋନା ସମୟରେ ପ୍ରଶାସନର ଏଭଳି ପଦକ୍ଷେପ ଓ ଜୀବନ ଜିବୀକାର ଦ୍ୱାହି, ପୁର୍ନବାସ ପାଇଁ ସ୍ଥାୟୀ ଜାଗା ଚିହ୍ନଟ, ସମସ୍ତ ଜବରଦଖଲକାରୀଙ୍କୁ ଉଚ୍ଛେଦ ଆଦି ଦାବି ଜଣାଇଥିଲେ । ଏନେଇ ମାମଲା ହାଇକୋର୍ଟପର୍ଯ୍ୟନ୍ତ ଯାଇଥିଲା । ସମସ୍ତ ଆଇନଗତ ପ୍ରକ୍ରିୟା ଶେଷ ପରେ ବ୍ୟାସନଗର ତହସିଲ ପକ୍ଷରୁ ଗୃହ ଭଙ୍ଗାନେଇ ଦିନ ଧାର୍ଯ୍ୟ କରାଯିବା ସହ ମସୁଦପୁର ବଜାରକୁ ୧୪୪ ଧାରା ଲାଗୁ କରାଯାଇଥିଲା । ଦୋକାନି ମାନଙ୍କୁ ସେମାନଙ୍କ ଗଚ୍ଛିତ ଦ୍ରବ୍ୟ ବହାର କରିନେବାକୁ ନୋଟିସରେ ଜଣାଯାଇଥିଲା । ତଦନୁଯାୟୀ, ଆଜି ବ୍ୟାସନଗର ତହସିଲ ପକ୍ଷରୁ ପୁରା ପୁଲିସ ଛାଉଣୀରେ ୩ଟି ଜେସିବି ମେସିନ ସାହାଯ୍ୟରେ ୨୯ଟି ଦୋକାନୀଙ୍କୁ ଉଚ୍ଛେଦ କରାଯାଇଛି । ଚାଳ ଛପର ଠୁ ଆରମ୍ଭ କରି ଛାତ ଘର ପର୍ଯ୍ୟନ୍ତ ସବୁ କିଛି ମାଟିରେ ମିଶି ଯାଇଛି । ଏଠାରେ ଥିବା ମସୁଦପୁର ପୋଷ୍ଟ ଅଫିସ ଓ ଏଭରଗ୍ରୀନ କ୍ଲବ ଘରକୁ ମଧ ଭାଙ୍ଗି ଦିଆଯାଇଛି । ମାତ୍ର ଆଉ ୨୫ଟି ଜବରଦଖଲ ଦୋକାନ ଓ ମହାବୀର ଅଂଚଳିକ ଯୁବକ ସଂଘ ଘର ଭଙ୍ଗାଯିବାକୁ ନୋଟିସ୍ ଜାରି ହୋଇଛି । ଏହି କାର୍ଯ୍ୟକ୍ରମରେ ବ୍ୟାସନଗର ତହସିଲଦାର ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ତହସିଲଦାର ରଶ୍ମୀତା ସ୍ୱାଇଁ, ପାଣିକୋଇଲି ଥାନାଧିକାରୀ ଚକ୍ରପତି କଅଁର, ତହସିଲ ସୁପରଭାଇଜର ବିଷ୍ଣୁ ଚରଣ ପଣ୍ଡା, ଆରଆଇ ସୁଧି ରଂଜନ ମଲିକ, ସୁଜିତ ସାମଲ, ସୋନାଲି ସସ୍ମିତା ସାହୁ, ସେବତି ବାନାରା, ରଶ୍ମିତା ସେଠୀ, ସଂଜୟ ବଳ, କ୍ଷଣପ୍ରଭା ସାହୁ, କିଶୋର କୁମାର ପ୍ରଧାନ, ଅମିନ ବର୍ଷାରାଣୀ ନାୟକ, ସରୋଜ କୁମାର ପତି, କିଶୋର ଚନ୍ଦ୍ର ପଣ୍ଡା, ସୁବାସ ସାହୁ, ଏସଆଇ ପୁଷ୍ପଲତା ବେହେରା, ଏଏସଆଇ ଅମୀୟ ବେହେରା, ସଂଜୟ ଦାଶ, ସୟଦ ବକ୍ସଙ୍କ ସମେତେ ରାଜସ୍ୱ ବିଭାଗ ଓ ବହୁ ପୁଲିସ କର୍ମଚାରୀ ଅଂଶ ଗ୍ରହଣ କରିଥିଲେ । ଖୁବ ଶିଘ୍ର ନୋଟିସ୍ ହୋଇଥିବା ଆଉ ୨୫ଟି ଗୃହ ଭଙ୍ଗାଯିବ ବୋଲି ତହସିଲଦାର ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି ।

## ରାଜ୍ୟସ୍ତରୀୟ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମବାର୍ଷିକୀ ଉତ୍ସବ ପାଳିତ

ଭୁବନେଶ୍ୱର,୨୨।୧୧ (ନି.ପ୍ର): ଭୁବନେଶ୍ୱରସ୍ଥିତ ଆଦିବାସୀ ପଡ଼ିଆରେ ଥିବା ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମବାର୍ଷିକୀ ଅବସରରେ ଜୟନ୍ତୀ ପାଳିତ ହୋଇଯାଇଛି । ଏଥିରେ ମନ୍ତ୍ରୀ ଶ୍ରୀମତୀ ପଦ୍ମିନି ଦିଆନ, ମନ୍ତ୍ରୀ ଜଗନ୍ନାଥ ସାରକା, ନବରଙ୍ଗପୁର ସାଂସଦ ରମେଶ ମାଝି, ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ରାୟଗଡା ବିଧାୟକ ମକରନ୍ଦ ମୁଦୁଲି, ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନି, ଝରିଗାଁ ବିଧାୟକ ପ୍ରକାଶ ମାଝି, କୋରାପୁଟ ବିଧାୟକ ରଘୁରାମ ପଡାଲ, କୃଷକ ସମ୍ବାଦର ସମ୍ପାଦକ ସମାଜସେବୀ ଭାସ୍କର ବେହେରା, ଜୟପୁର ବେତାର କେନ୍ଦ୍ରର ସହକାରୀ ନିର୍ଦ୍ଦେଶକ ଗୌର ଚନ୍ଦ୍ର ତ୍ରିପାଠୀ, ହୃଦୟ ରଞ୍ଜନ ଶତପଥୀ, ନୀଳମାଧବ ଦାଶ, ଶାବରୀ ସାସ୍କୃତିକ ସଂସଦର କର୍ମକର୍ତା ମାନେ ଯୋଗଦେଇ ପ୍ରତିମୂର୍ତିରେ ମାଲ୍ୟର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । କୋଭିଡ୍ କଟକଣାକୁ ଆଖିଆଗରେ କାର୍ଯ୍ୟକ୍ରମକୁ କାଂଟ ଛାଟ କରାଯାଇଥିଲା ।

## ଜିଲ୍ଲା କଂଗ୍ରେସର ସାଂଗଠନିକ ବୈଠକ: ବୁଥ୍ ସ୍ତରରୁ ଦଳର ସ୍ଥିତି ସୁଦୃଢ଼ କରିବାକୁ ସଭାପତିଙ୍କ ପରାମର୍ଶ

ଭଦ୍ରକ,୨୨।୧୧ (ନି.ପ୍ର): ଭଦ୍ରକ ଜିଲ୍ଲା କଂଗ୍ରେସ କମିଟିର ସାଂଗଠନିକ ବୈଠକ ଆଜି ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଟାଉନ କଂଗ୍ରେସର ପୂର୍ବତନ ସଭାପତି ଅବଦୁଲ ମୁକିତ୍ ଖାଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଦଳର ସାଂଗଠନିକ ସ୍ଥିତିକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଜିଲ୍ଲା କଂଗ୍ରେସ କମିଟି ସଭାପତି ସୁବ୍ରତ କୁମାର ଦାସ ଯୋଗ ଦେଇ ଭଦ୍ରକ ଜିଲ୍ଲାର ୫ଟି ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଦଳକୁ ଏକ ଶକ୍ତିଶାଳୀ ଦଳ ଭାବେ ଗଢି ତୋଳିବାକୁ ବିଧାନସଭା ସ୍ତରୀୟ ନେତୃମଣ୍ଡଳୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ବୁଥ୍ ସ୍ତରର ନେତାଙ୍କ ସହିତ ନିର୍ବାଚନମଣ୍ଡଳୀ ନେତାମାନଙ୍କ ଯୋଗାଯୋଗ କରି ଉଭୟଙ୍କ ପରାମର୍ଶ କ୍ରମେ ଦଳକୁ ମଜବୁତ୍ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ । ଦଳ ଆଜି ଯେଉଁ ସ୍ଥିତି ମଧରେ ଗତି କରୁଛି ଏଥିରେ ଉନ୍ନତି ଆଣିବାକୁ ହେଲେ ଦଳର ପ୍ରତ୍ୟେକ କର୍ମୀଙ୍କୁ ସୈନିକ ସଦୃଶ ପରିଶ୍ରମ କରିବାକୁ ପଡ଼ିବ ବୋଲି ମତପୋଷଣ କରିଥିଲେ । ସମସ୍ତ ନିର୍ବାଚନ ମଣ୍ଡଳୀରେ ସାଂଗଠନିକ ବୈଠକମାନ କରାଯାଇ ଏ ନେଇ ବିସ୍ତୃତ ଖସଡା ପ୍ରସ୍ତୁତ କରାଯାଉଛି ବୋଲି ଶ୍ରୀ ଦାସ ସୂଚନା ଦେଇଥିଲେ । ଏହି ବୈଠକରେ ଭଦ୍ରକ ନିର୍ବାଚନ ମଣ୍ଡଳୀ ନେତା ନଳିନୀକାନ୍ତ ମହାନ୍ତି, ବରିଷ୍ଠ ନେତା ଦିଲିପ ନାକ, ପ୍ରାକ୍ତନ ବ୍ଲକ ସଭାପତି ପ୍ରଫୁଲ୍ଲ ସାମଲ, ପ୍ରାକ୍ତନ କାଉନସିଲର ଅସରଫ୍ ଅଲ୍ଲୀ ଖାଁ, ରାଜୀବଗାନ୍ଧି ପଞ୍ଚାୟତିରାଜ ଟାଉନ ସଭାପତି ବିଜୟ ବାରିକ, ହରିହର ଯେନା, ଡା. ପ୍ରଫୁଲ୍ଲ ପାଣିଗ୍ରାହୀ, ନୀର ମଳକ, ପୀତବାସ ଧଳ, ଆଶିଷ ମହାନ୍ତି, ପ୍ରକାଶ ଜେନା, ପ୍ରାକ୍ତନ ସରପଞ୍ଚ ଲକ୍ଷ୍ମୀପ୍ରିୟା ଜେନା, ରାଜନ ଲାହା, ଲାଲୁ, ଚନ୍ଦ୍ରକାନ୍ତ ମହାପାତ୍ର, ରାମଚନ୍ଦ୍ର ନାୟକ, ଗୋପାଳ ତ୍ରିପାଠୀ, ଅନନ୍ତ ପଣ୍ଡା, ଅବଦୁଲ ସଲାମ ପ୍ରମୁଖ ଯୋଗ ଦେଇଥିଲେ । ଭଦ୍ରକ ବିଧାନସଭାର ୩୬ ପଞ୍ଚାୟତ ଓ ଭଦ୍ରକ ପୌରପାଳିକାର ୩୦ଟି ୱାର୍ଡର ଛାମୁଆ ନେତା ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ ।

## ବାଲେଶ୍ୱର ଟେକ୍ନିକାଲ ସ୍କୁଲରେ ସୌରଶକ୍ତି ବ୍ୟବହାର ସମ୍ପର୍କିତ ପ୍ରଶିକ୍ଷଣ

ବାଲେଶ୍ୱର,୨୨।୧୧ (ନି.ପ୍ର): ବାଲେଶ୍ୱର ଟେକ୍ନିକାଲ ସ୍କୁଲର ଛାତ୍ରଛାତ୍ରୀଙ୍କୁ ପର୍ଯ୍ୟାୟ କ୍ରମେ ସୌରଶକ୍ତି ବିନିଯୋଗ ସମ୍ପର୍କିତ ପ୍ରଶିକ୍ଷଣ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସ୍ୱେଚ୍ଛାସେବୀ ସଂଗଠନ ଏସକେଜେପି ଓସେଲିକୋ ଫାଉଣ୍ଡେସନର ମିଳିତ ସହଯୋଗରେ ୨୫ଜଣ ଛାତ୍ରଛାତ୍ରୀଙ୍କୁ ନେଇ ସ୍ମାର୍ଟ ସୋଲାର ଲାବ୍ କରିଆରେ ଛାତ୍ରଛାତ୍ରୀଙ୍କୁ ବିକଳ୍ପ ଶକ୍ତି ଭାବେ ସୌରଶକ୍ତି ବ୍ୟବହାର ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏସକେଜେପିର ବେଙ୍ଗାଲୁରୁ ଶାଖାର ମହାପ୍ରବନ୍ଧକ ତଥା ଜୋସେଫ୍ ଷ୍ଟେନୀଲ ସେଲିକୋ ଫାଉଣ୍ଡେସନର ପ୍ରୋଗ୍ରାମ ଅଫିସର ଅସିତ କୁମାର ପୁରୋହିତ ଓ ବାଲେଶ୍ୱରର ବରିଷ୍ଠ ଆଇନଜୀବୀ ବିଜୟ କୁମାର ପାଣିଗ୍ରାହୀ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିବା ସହିତ ସାମ୍ପ୍ରତିକ ବିଶ୍ୱରେ ବିକଳ୍ପ ଉର୍ଜା ଭାବେ ସୌରଶକ୍ତିର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ପରିବେଶକୁ ପ୍ରଦୂଷଣରୁ ମୁକ୍ତ ରଖିବା ସହିତ ବିଦ୍ୟୁତ୍ ଶକ୍ତିର ବିକଳ୍ପ ଭାବେ ଏହି ସୌରଶକ୍ତିର ବ୍ୟାପକ ବ୍ୟବହାର ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅରୁଶ୍ରୀ ଟ୍ରେଡରର ପରିଚାଳନା ନିର୍ଦ୍ଦେଶକ ତଥା ଆରାଧନା ଏଜୁକେସନାଲ ଟ୍ରଷ୍ଟର ପ୍ରତିଷ୍ଠାତା ସାମୁଏଲ ଦାସ, ଡିଆରଡିଓର ପ୍ରାକ୍ତନ ଆଡମିନଷ୍ଟ୍ରେଟିଭ୍ ଅଫିସର ମଣବାଳା ମହାପାତ୍ର, ବାଲେଶ୍ୱର ଟେକ୍ନିକାଲ ସ୍କୁଲର ସଭାପତି କହ୍ନେଇଲାଲ ଗିରି ଓ ଅଧ୍ୟକ୍ଷ ଇଂଜିନର ପି ରମେଶ କୁମାର ପ୍ରମୁଖ ଏଥିରେ ଯୋଗଦେଇ ପ୍ରଶିକ୍ଷଣ ଶିବିର ଆୟୋଜନର ଆଭିମୁଖ୍ୟ ଏବଂ ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟାଳୟ କମିଟିର ଅନ୍ୟତମ ସଦସ୍ୟ ଧୀରେନ୍ଦ୍ର କୁମାର ରାଉତ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଭୁବନେଶ୍ୱରରୁ ଆଉ ୪୩ କରୋନା ପଜିଟିଭ୍

ଭୁବନେଶ୍ୱର,୨୨।୧୧ (ନି.ପ୍ର): ଭୁବନେଶ୍ୱରରୁ ରବିବାର ଦିନ ୪୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୫୭ଜଣ ସୁସ୍ଥ ହୋଇଛନ୍ତି। ଚିହ୍ନଟ ହୋଇଥିବା ୪୩ ଜଣଙ୍କ ମଧ୍ୟରୁ କ୍ୱାରେଂଟାଇନ କେନ୍ଦ୍ରରୁ ୧୨ଜଣ ଚିହ୍ନଟ ହୋଇଥିବା ବେଳେ ୩୧ଜଣ ସ୍ଥାନୀୟ ସଂକ୍ରମଣ ଶିକାର ହୋଇଛନ୍ତି । ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଟୁଇଟ କରି ସୂଚନା ଦିଆଯାଇଛି।
ନୂତନ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱରରୁ ଆଜି ପର୍ଯ୍ୟନ୍ତ ୩୦,୪୬୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏଥିରୁ ୨୯,୬୬୦ ଜଣ ସୁସ୍ଥ ହୋଇସାରିଛନ୍ତି। ଏବେ ୫୭୬ ଜଣ ଆକ୍ରାନ୍ତ ସକ୍ରିୟ ଥିବା ବେଳେ ୨୦୪ ଜଣଙ୍କର ମୃତ୍ୟୁ ହୋଇଛି। ସଙ୍ଗରୋଧରୁ ଚିହ୍ନଟ ହୋଇଥିବା ୧୨ଜଣଙ୍କ ମଧ୍ୟରେ ବରମୁଣ୍ଡା, କଳିଙ୍ଗନଗର ଓ ସୌଭାଗ୍ୟ ନଗରରୁ ୨ଜଣ ଲେଖାଏଁ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ବଡ଼ଗଡ଼, ଆଇଆରସି ଭିଲେଜ, ଝାରପଡ଼ା, ପୋଖରୀପୁଟ, ଶୈଳଶ୍ରୀ ବିହାର ଓ ୟୁନିଟ-୬ରୁ ଜଣେ ଲେଖାଏଁ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିଭଳି ସ୍ଥାନୀୟ ସଂକ୍ରମଣ ଶିକାର ହୋଇଥିବା ୩୧ଜଣଙ୍କ ମଧ୍ୟରେ ସୌଭାଗ୍ୟ ନଗରରୁ ସର୍ବାଧିକ ୪ଜଣ , ପଟିଆରୁ ୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ୨୬ ତାରିଖ ଭାରତବନ୍ଦ ପାଇଁ ବାଲେଶ୍ୱରରେ ପ୍ରସ୍ତୁତି

ବାଲେଶ୍ୱର,୨୨।୧୧ (ନି.ପ୍ର): ଆସନ୍ତା ୨୬ ତାରିଖରେ ହେବାକୁ ଥିବା ସାଧାରଣ ଧର୍ମଘଟ / ଭାରତବନ୍ଦକୁ ବାଲେଶ୍ୱର ଜିଲ୍ଲାରେ ଶାନ୍ତିପୂର୍ଣ୍ଣଭାବେ ସଫଳ କରିବାପାଇଁ ରବିବାର ଦିନ କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କର ମିଳିତ ମଞ୍ଚର ଶେଷ ପ୍ରସ୍ତୁତି ବୈଠକ ପ୍ରେମରଂଜନ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରସରକାରଙ୍କ ଶ୍ରମିକ, କୃଷକ ଓ ଜନବିରୋଧି ନୀତି ବିରୁଦ୍ଧରେ ଦେଶବ୍ୟାପୀ ଏକଦିବସୀୟ ଧର୍ମଘଟ ପାଇଁ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ଜାତୀୟ ଫେଡେରେସନ୍‌ମାନେ ଆହ୍ୱାନ ଦେଇଛନ୍ତି। ଆସନ୍ତା ଧର୍ମଘଟକୁ କଂଗ୍ରେସ, ବାମଦଳ ଓ ଅନ୍ୟ କେତେକ ରାଜନୈତିକ ଦଳ



ସମର୍ଥନ ଜଣାଇଥିବାରୁ ବୈଠକରେ ସେମାନଙ୍କୁ ଧନ୍ୟବାଦ ଦିଆଯାଇଛି। ୨୬ ତାରିଖ ଭାରତବନ୍ଦ ସଂପର୍କରେ ଜନସାଧାରଣଙ୍କୁ ଅବଗତ କରାଇ ଏହାକୁ ସଫଳ କରିବାପାଇଁ ୨୪ ଓ ୨୫ ତାରିଖ ଦୁଇଦିନ ମାଇକ୍ ପ୍ରଚାର ଓ ୨୪ ତାରିଖରେ ମୋଟର ସାଇକେଲ୍ ଶୋଭାଯାତ୍ରା ଏବଂ ପଥପ୍ରାନ୍ତ ସଭାପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବନ୍ଦପାଳନ ସମୟରେ ଆମ୍ବୁଲାନ୍ସ, ସଂବାଦ ସରବରାହ, ଦମକଳ, ପୋଲିସ୍, କ୍ଷୀରଗାଡ଼ି ଓ ଅତ୍ୟାବଶ୍ୟକୀୟ ସେବାସଂସ୍ଥା ଗୁଡ଼ିକୁ ବନ୍ଦରୁ ମୁକ୍ତ ରଖାଯିବ। ସମଗ୍ର ଜିଲ୍ଲାରେ ଶାନ୍ତିପୂର୍ଣ୍ଣଭାବେ ଏହି ବନ୍ଦପାଳନ କରାଯିବ। କଳା ଶ୍ରମଆଇନ୍ ଓ କୃଷିନୀତି, ଦରଦାମ ଓ ବେକାରୀବୃଦ୍ଧି, ସରକାରୀ ସଂସ୍ଥାକୁ ଘରୋଇକରଣ, ଆଠଘଣ୍ଟା କାର୍ଯ୍ୟଦିବସକୁ ୧୨ଘଣ୍ଟା କରିବା ପ୍ରଭୃତି ନୀତିକୁ ବିରୋଧ କରି ସଚେତନ ଜନସାଧାରଣ ଏହି ପ୍ରତିବାଦ ଆନ୍ଦୋଳନରେ ସହଯୋଗ କରିବାକୁ ବୈଠକରେ ନିବେଦନ କରାଯାଇଛି ।ମିଳିତ ମଞ୍ଚର ଆବାହକ ଗୌରାଙ୍ଗ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ଶ୍ରମିକ ସଂଗଠନ ତରଫରୁ ଶାନ୍ତନୁ କୁମାର ଦାସ, ଶ୍ୟାମସୁନ୍ଦର ଜେନା, ଉମାକାନ୍ତ ଦାସ, ଯତୀନ୍ ପାତ୍ର, ଶଶିକାନ୍ତ ବେହେରା, ଭରତଚନ୍ଦ୍ର ସେଠୀ, ପୂର୍ଣ୍ଣଚନ୍ଦ୍ରପାତ୍ର, ପ୍ରଦୀପ ରାଉତ, ଭାଗବତ ପ୍ରତିହାରୀ, ମନ୍ମଥ ପରିଡ଼ା, ପରମେଶ୍ୱର ପାତ୍ର, ବିଦ୍ୟାଧର ମହାଳିକ ଓ ବନ୍ଦନା ବିଶ୍ୱାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପଦ୍ମଲୋଚନ ମହାକୁଡ଼ ଧନ୍ୟବାଦ ଦେଇଥିଲେ।

## ଶହୀଦ ଲକ୍ଷ୍ମଣ ନାଏକଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୨।୧୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିପ୍ଳବୀ ସ୍ୱାଧୀନତା ସଂଗ୍ରାମୀ ତଥା ମୁକ୍ତି ଯୁଦ୍ଧର ନିର୍ଭୀକ ସେନାନାୟକ ଶହୀଦ ଲକ୍ଷ୍ମଣ ନାଏକଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ତାଙ୍କ ତ୍ୟାଗପୂତ ଆଦର୍ଶ ଜୀବନ ଓଡ଼ିଆ ଜାତିର ଇତିହାସରେ ଏକ ମହାର୍ଘ୍ୟ ଅଧ୍ୟାୟ ବୋଲି ଉଲ୍ଲେଖକରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ନିରୀହ ଆଦିବାସୀଙ୍କ ସୁରକ୍ଷା ସହ ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ସଂଗ୍ରାମ କରି ସେ ଏକ କାଳଜୟୀ ଉଦାହରଣ ସୃଷ୍ଟି କରିଯାଇଛନ୍ତି ।

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୪୫,୨୦୯ ନୂଆ ମାମଲା, ୫୦୧ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୨୨।୧୧ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୪୫,୨୦୯ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଗତ ୨୪ ଘଂଟା ମଧ୍ୟରେ ୫୦୧ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୯୦,୯୫,୮୦୭ ରେ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୪,୪୦,୯୬୨ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧,୩୩,୨୨୭ଜଣ ମୃତ୍ୟୁ ବରଣ କରିଛନ୍ତି ।

## ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟ ମାନ୍ୟତା ସଂପର୍କିତ ଆଲୋଚନା

ବାଲେଶ୍ୱର ,୨୨।୧୧ (ନି.ପ୍ର): ଓଡ଼ିଶୀ ସଙ୍ଗୀତ ଓଡ଼ିଆ ଭାଷା ପରି ଅତ୍ୟନ୍ତ ପ୍ରାଚୀନ ଓ ଋଦ୍ଧିମନ୍ତ। ଚର୍ଯ୍ୟାଗୀତିଠାରୁ ଆରମ୍ଭ କରି ଜୟଦେବଙ୍କ ଗୀତଗୋବିନ୍ଦ, ରୀତିଯୁଗୀୟ କବିଙ୍କର ଚୌପଦୀ, ଗୋପାଳକୃଷ୍ଣ ଓ ବନମାଳୀଙ୍କ ପଦାବଳୀଦ୍ୱାରା ଏହା ସମୃଦ୍ଧ। ଓଡ଼ିଶୀ ନୃତ୍ୟ ଯଦି ସଂସ୍କୃତିର ଶରୀର ହୁଏ, ଓଡ଼ିଶୀ ସଙ୍ଗୀତ ତାହାର ଆତ୍ମା ସଦୃଶ। ସଙ୍ଗୀତ ସାଧାରଣ ଓ ଶାସ୍ତ୍ରୀୟ ସ୍ତରରେ ଦ୍ୱିବିଧ ହୋଇଥିଲେ ମଧ ଓଡ଼ିଶୀ ସଙ୍ଗୀତ ଶାସ୍ତ୍ରୀୟତା ଗୁଣଯୁକ୍ତ ହୋଇ ଏଯାବତ୍ ସାଧାରଣ ପର୍ଯ୍ୟାୟରେ ରହି ଆସିଛି। ଆମ ସମସ୍ତଙ୍କର ଉଦ୍‌ଯୋଗ ଓ ଉଦ୍ୟମ ଫଳରେ ତାହା ଶାସ୍ତ୍ରୀୟ ପର୍ଯ୍ୟାୟକୁ ଉନ୍ନୀତ ହୋଇପାରିବ ବୋଲି ଓଡ଼ିଆ ଭାଷା ବିକାଶ




ଆନ୍ଦୋଳନର ଆଲୋଚନାଚକ୍ରରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟତା ପ୍ରଦାନ କରାଯିବା ସଂପର୍କିତ ଏକ ଆଲୋଚନାଚକ୍ରରେ ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପୌରୋହିତ୍ୟ କରିଥିଲେ। ସଙ୍ଗୀତଗୁରୁ ବନମାଳୀ ଜେନା ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ବହୁଦିନ ପୂର୍ବରୁ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟତା ପ୍ରଦାନ କରାଯିବା ପାଇଁ ଉଦ୍ୟମ ହୋଇଆସୁଥିଲେ ମଧ ଏଯାବତ୍ ଆମେ ସେଥିରେ ସଫଳ ନ ହେବା ଅତ୍ୟନ୍ତ ପରିତାପର ବିଷୟ ବୋଲି ମତବ୍ୟକ୍ତ କରିଥିଲେ। ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା, ବରିଷ୍ଠ ସାରସ୍ୱତ ସାଧକ ଡ. ରମାକାନ୍ତ ବେହେରା ଓ ଗବେଷକ ଡ. ଭାଗବତ ପ୍ରସାଦ ଦାସ ଆଲୋଚକ ଭାବରେ ଯୋଗଦେଇ ଓଡ଼ିଶୀ ସଙ୍ଗୀତ ସଂପର୍କରେ ଚର୍ଚ୍ଚା କରି ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ ମାନ୍ୟତା ଲାଭ କରିବାଠାରୁ ସଙ୍ଗୀତ ମଧ ଶାସ୍ତ୍ରୀୟତା ପାଇବାକୁ ଯୋଗ୍ୟ ହୋଇସାରିଛି ବୋଲି ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ସଂପାଦକ ନିବାରଣ ଜେନା ପ୍ରାକ୍‌କଥା ରଖି ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମର୍ଯ୍ୟାଦା ପ୍ରଦାନ କରିବାପାଇଁ ଦାବି ରଖିଥିଲେ। ଯୁଗ୍ମ ସଂପାଦକ ଦୀପକ ବୋଷ ମଞ୍ଚ ଆହ୍ୱାନ କରିଥିବାବେଳେ ଅନ୍ୟତମ ଯୁଗ୍ମ ସଂପାଦିକା ସୁବ୍ରତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅରୁଣା ରାୟ, ଶରତ କୁମାର ମହାପାତ୍ର, ପ୍ରଦୀପ ଚାଟାର୍ଜୀ, ନିରଞ୍ଜନ ରାଉତ, ଶିତିକଣ୍ଠ ଦୀକ୍ଷିତ, ତପନ ରାୟ, ଅଞ୍ଜଳି ପଣ୍ଡା, କଲ୍ୟାଣୀ ନନ୍ଦ, ବିଦ୍ୟାଧର ସାହୁ, ପଦ୍ମଲୋଚନ ପ୍ରଧାନ, ଡ. ରତ୍ନାକର ସିଂହ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ରାୟଗଡ଼ାରେ ୩ ଚୋରା ବାଇକ୍ ଉଦ୍ଧାର ଓ ୨ ଗିରଫ

ରାୟଗଡ଼ା,୨୨।୧୧ (ନି.ପ୍ର): ରାୟଗଡ଼ା ସଦମହକୁମାର ସାଇପ୍ରିୟା ନଗର, ଲାଏନ୍ସ କ୍ଲବ ଓ ମେନ୍ ରୋଡ୍ ଅଞ୍ଚଳରୁ ଚୋରି ହୋଇଥିବା ୩ଟି ବାଇକ୍‌କୁ ଉଦ୍ଧାର କରିଛି ରାୟଗଡ଼ା ଥାନା ପୋଲିସ। ଏହି ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅନ୍ୟପଟେ ଆଜି ଥାନା ଅଧିକାରୀ ନିହାର ରନ ପ୍ରଧାନ ବାଇକ୍ ମାଲିକମାନଙ୍କୁ ଉଦ୍ଧାର ଗାଡ଼ିଗୁଡ଼ିକ ଫେରାଇ ଦେଇଥିବା ସୂଚନା ମିଳିଛି। ବାଇକ୍ ଚୋରି କରି ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ରାୟଗଡ଼ା ସହରର ମଙ୍ଗଳା ମନ୍ଦିର ନିକଟରେ ରହୁଥିବା ଭି.ମଣିକାଟା ଓ ଝୁଲା ସାହିର ସୁଶାନ୍ତ କୁମାର ପାତ୍ର। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି। ଗତ କିଛି ଦିନ ତଳେ ସାଇପ୍ରିୟା ନଗରର ବିପିନ ବିହାରୀ ସ୍ୱାଇଁ, ମେନ୍ ରୋଡ୍ ଅଞ୍ଚଳର କେ.ଆନନ୍ଦ ରାଓ ଓ ଲାଏନ୍ସ କ୍ଲବ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘରୁ ଅଭିଯୁକ୍ତମାନେ ୩ଟି ବାଇକ୍ ଚୋରି କରି ନେଇଯାଇଥିଲେ। ଗାଡ଼ି ମାଲିକମାନେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ରାୟଗଡ଼ା ଥାନା ଅଧିକାରୀ ଶ୍ରୀ ନିହାର ରନ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ଶିବଶଙ୍କର ସାହୁ ଓ ମାନସ କୁମାର ସାହୁ ତଦନ୍ତ ଆରମ୍ଭ କରି ୩ଟି ମୋଟର ବାଇକ୍ ଉଦ୍ଧାର କରିବାରେ ସଫଳ ହୋଇଥିଲେ। ପୋଲିସର ସହଯୋଗ ପାଇଁ ବାଇକ୍ ଫେରି ପାଇଥିବାରୁ ଗାଡ଼ି ମାଲିକମାନେ ରାୟଗଡ଼ା ଥାନା ପୋଲିସକୁ ଧନ୍ୟବାଦ ଜଣାଇଛନ୍ତି।

## ଅଦିନିଆ ବର୍ଷାରେ ଚାଷୀକୁଳ ହତାସ : ବର୍ଷା ପାଣିରେ ଭାସୁଛି କଟା ହୋଇଥିବା ପାଚିଲା ଧାନ

### କ୍ଷୟକ୍ଷତି ଆକଳନ ପରେ ସରକାରଙ୍କୁ ତୁରନ୍ତ ରିପୋର୍ଟ ପ୍ରଦାନ କରାଯିବ : ଜିଲ୍ଲା କୃଷି ଉପନିର୍ଦ୍ଦେଶକ



ବାରିପଦା ,୨୨।୧୧ (ନି.ପ୍ର): ବର୍ତ୍ତମାନ ଧାନକଟା ସମୟ । ବର୍ଷଯାକ ଚାଷୀପୁଅ ମାଟି ସହିତ ମାଟି ହୋଇ ଦିନରାତି ଖଟି କ୍ଷେତରେ ଫଳାଇଥାଏ ସୁନାର ଫସଲ । ଧାର ଉଧାର ଋଣ କରଜ କରି କରିଥିବା ଚାଷରୁ ଫସଲ ଅମଳ କଲେ ତାକୁ ବିକ୍ରୀକରି ଧାର ଉଧାର ସୁଝିବା ସହିତ ପରିବାର ପ୍ରତିପୋଷଣ ପାଇଁ କରିଥାଏ ଅନେକ ଯୋଜନା । ଚାଷୀଟିଏ ତାର ପରିବାର ତଥା ପିଲାଙ୍କ ଆବଶ୍ୟକତାକୁ ପୁରା କରିଥାଏ ଅମଳ ପରେ ଧାନ ବିକି ଟଙ୍କା ପାଇବା ପରେ । କିନ୍ତୁ ହଠାତ ମୟୂରଭ ଜିଲ୍ଲାରେ ଦେଖା ଦେଇଥିବା ଅଦିନିଆ ଲଘୁଚାପ ବର୍ଷାରେ ବହୁ ଚାଷୀଙ୍କର କଟା ହୋଇ ବିଲରେ ପଡିଥିବା ଧାନ ଏବେ ପାଣିରେ ଭାସୁଛି । ଗତ ୧୮ ଓ ୧୯ ତାରିଖରେ ଅସରାଏ ଅସରାଏ ବର୍ଷା ହୋଇଥିବା ବେଳେ କଟା ହୋଇଥିବା ଧାନ ବିଲରୁ ଖଳାକୁ ଆଣିପାରିନଥିଲା ଚାଷୀ । ପୁଣି ୨୦ ତାରିଖ ରାତିରୁ ୨୧ ତାରିଖ ଯାଏ ଦୀର୍ଘ ସମୟ ଧରି ଲାଗିରହିଥିବା ବର୍ଷାରେ ଖାଲ ଜମୀ ଗୁଡିକରେ ପାଣି ଛିଡା ହୋଇ ରହିଛି । ଆଉ ପାଣିରେ ଭାସୁଛି ଚାଷୀର ବର୍ଷଯାକର ପରିଶ୍ରମର ଫଳ ଓ ସମ୍ବଳ । ଜିଲ୍ଲାର ଶ୍ୟାମାଖୁଂଟା, ବାରିପଦା, କୁଳିଅଣା, ରାସଗୋବିନ୍ଦପୁର, ବେତନଟି, ଖୁଂଟା, ଉଦଳା, ମୋରୋଡା, ବଡସାହି, ବାଙ୍ଗିରିପୋଷୀ, ବିଶୋଇ, ବିଜାତୋଳା, ସାରସକଣା ଆଦି ବହୁ ବ୍ଲକରେ ଏହି ଅଦିନିଆ ବର୍ଷାରେ ବହୁ ଚାଷୀଙ୍କ ଧାନ ଭିଜିଯିବାରୁ ଧାନ ଗଜା ହେବା ସ୍ଥିତିକୁ ଆସିଛି । ଚାଷୀ ଧାନ କଳେଇକୁ ପାଣିରୁ ଛାଣି ବିଲ ହିଡରେ ଶୁଖାଉଥିବାର ଦେଖାଯାଉଥିବା ବେଳେ, ଅନେକ ସ୍ଥଳରେ ତାହାମଧ୍ୟ ସମ୍ଭବ ହେଉନାହିଁ । ବିଶେଷ କରି ଢିପ ଜମୀ ଗୁଡିକର ଧାନ କଟା ସରିଯାଇଥିବା ବେଳେ ଏବେ ଖାଲ ଜମୀ ଗୁଡିକରେ ଧାନ କଟା ହୋଇ ପଡିଛି । ଆଉ ଏହିଖାଲ ଜମୀ ଗୁଡିକରେ ଥରେ ପାଣି ଜମା ହୋଇଗଲେ ସହଜରେ ନିସ୍କାସନ ହୋଇପାରୁ ନଥିବାରୁ କଟା ହୋଇଥିବା ଧାନ ନଷ୍ଟ ହେବା ଏକ ପ୍ରକାର ସୁନିଶ୍ଚିତ ହୋଇଯାଇଛି । ଯଦିବି କିଛି ମାତ୍ରାରେ ଧାନ ଉଦ୍ଧାର କରାଯାଏ ତେବେ ଏହି ଧାନର ମାନ ଖରାପ ହୋଇଯିବ ଏବଂ ତାହା ବିକ୍ରୟ କରିବା ରେ ଅସୁବିଧା ହେବ ବୋଲି ବିଭିନ୍ନ ଅଂଚଳର ଚାଷୀମାନେ କହିଛନ୍ତି । ବିଲରେ ଧାନକଳେଇ ଭାସୁଥିବାର ଦେଖି ଧାର ଉଧାର ଋଣ କରଜ କରି ଚାଷକରିଥିବା ଚାଷୀ ମୁଣ୍ଡରେ ଚଡକ ପଡିଥିବା ବେଳେ, ଖୁବ ଶୀଘ୍ର ରାଜସ୍ୱ ଓ କୃଷି ବିଭାଗୀୟ ଫିଲ୍ଡ ଅଧିକାରୀ ମାନଙ୍କ ଜଏଂଟ ଭେରିଫିକେସନ କରାଯାଇ କ୍ଷୟ କ୍ଷତିର ଆକଳନର ରିପର୍ଟ ସରକାରଙ୍କୁ ପ୍ରଦାନ କରାଯିବ ଏବଂ ଯେଉଁ ଚାଷୀ ମାନେ ଫସଲ ବୀମା କରିଛନ୍ତି ସେମାନେ ତାଙ୍କର ବୀମାରାଶି ପାଇବା ସହିତ ସରକାରୀ ନିୟମ ମୁତାବକ କ୍ଷତିଗ୍ରସ୍ତ ଚାଷୀ ମାନେ ସେମାନଙ୍କର ସରକାରୀ ସହାୟତା ପାଇବେ ବୋଲି କହିଛନ୍ତି ଜିଲ୍ଲା କୃଷି ଉପ ନିର୍ଦ୍ଦେଶକ ଦାମୋଦର ସେଠୀ ।

## ଭୀମପୁରରେ ଧର୍ମପରାୟଣା ମହିଳାଙ୍କ ପରଲୋକ

ବାଲେଶ୍ୱର,୨୨।୧୧ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ଭୀମପୁର ଗ୍ରାମର ସ୍ୱର୍ଗତ ବୃନ୍ଦାବନ ଦାସଙ୍କ ସହଧର୍ମିଣୀ ଧର୍ମପରାୟଣା ମହିଳା ପ୍ରୀତିଲତା ଦାସଙ୍କର ଗତକାଲି ରାତିରେ ଦେହାନ୍ତ ହୋଇଯାଇଛି। ଗତ କିଛିଦିନ ଧରି କର୍କଟ ରୋଗରେ ପୀଡ଼ିତ ହେବା ପରେ ପରିବାର ଲୋକେ ତାଙ୍କୁ ବାଲେଶ୍ୱର ସମେତ ରାଜ୍ୟର ବହୁ ବଡ଼ ବଡ଼ ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। ସାମାନ୍ୟ ସୁସ୍ଥ ହେବା ସହ ଚିକିତ୍ସାଧୀନ ଅବସ୍ଥାରେ ସେ ଭୀମପୁର ଘରେ ରହୁଥିଲେ। ଗତକାଲି ରାତିରେ ହଠାତ ତାଙ୍କର ଅବସ୍ଥା ସଂକଟାପନ୍ନ ହୋଇଥିଲା। ପରିବାର ଲୋକେ ତାଙ୍କୁ ଜିଲ୍ଲାମୁଖ୍ୟ ମୁଖ୍ୟ ଚିକିତ୍ସାଳୟକୁ ଆଣିବା ପାଇଁ ଉଦ୍ୟମ କରୁଥିବା ବେଳେ ରାତି ପ୍ରାୟ ୧୧ ଟା୧୫ ମିନିଟରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ମଝିଆଁ ପୁଅ ଶିକ୍ଷକ ରିତୀଶ କୁମାର ଦାସ ଘରେ ଥିବା ବେଳେ ଖବର ପାଇ ସହରରେ ରହୁଥିବା ବଡ଼ପୁଅ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ରଂଜନ କୁମାର ଦାସ, ଦିଲ୍ଲୀରେ ରହୁଥିବା ତୃତୀୟପୁତ୍ର ଇଂଜିନିୟର ରଣଜିତ୍ କୁମାର ଦାସ ଓ ଇଂଜିନିୟର ରାକେଶ କୁମାର ଦାସ ଏବଂ ୪ କନ୍ୟା ଓ ଜ୍ୱାଇଁମାନେ ଘରେ ପହଞ୍ଚିବା ପରେ ଗାଁ ମଶାଣୀରେ ଏକ ଶୋକାକୁଳ ପରିବେଶ ମଧ୍ୟରେ ଆଜି ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସାନପୁଅ ରାକେଶ ମୁଖାଗ୍ନି ଦେଇଥିଲେ। ଦୀର୍ଘବର୍ଷ ପୂର୍ବରୁ ସ୍ୱାମୀଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ପୁଅଝିଅଙ୍କୁ ବଡ଼ କରାଇବାରେ ସେ ବହୁ କଷ୍ଟ କରିଥିଲେ। ତାଙ୍କ ଭଳି ଜଣେ ଧର୍ମପରାୟଣା, ମିଷ୍ଟଭାଷୀ ତଥା ପରୋପକାରୀ ମହିଳାଙ୍କ ପରଲୋକରେ ଭୀମପୁରରେ ଶୋକର ଛାୟା ଖେଳିଯାଇଛି।

## ପ୍ରଜ୍ଞାପୀଠରେ ମହତାବ ଜୟନ୍ତୀ ପାଳିତ

ଭଦ୍ରକ,୨୨।୧୧ (ନି.ପ୍ର): ଗତ ୨୧ ତାରିଖ ସନ୍ଧ୍ୟା ୭ ଘଟିକା ସମୟରେ ଭଦ୍ରକ ପ୍ରଜ୍ଞାପୀଠ ଠାରେ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୧ତମ ଜୟନ୍ତୀ ଉତ୍ସବ ସାହିତ୍ୟ ସଂସ୍କୃତି ସଂଗଠନ 'ଆମେ' ପକ୍ଷରୁ ଜିଲ୍ଲା ପ୍ରଗତିଶୀଳ ସାହିତ୍ୟ ପରିଷଦ ଅଧକ୍ଷ ଆଡଭୋକେଟ ଗିରିଧାରୀ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ଡ. ମହତାବ ଥିଲେ ନବ ଉତ୍କଳର ନିର୍ମାଣ, ଜଣେ ମହାନ୍ ସ୍ୱାଧୀନତା ସଂଗ୍ରାମୀ, ରାଷ୍ଟ୍ରନୀତିଜ୍ଞ ଜନନାୟକ ଭାବରେ ତଙ୍କର ପରିଚୟ ବିଶ୍ୱବିଦିତ। ଭାରତବର୍ଷରେ ବିଭିନ୍ନ ରାଜନୈତିକ ଓ ସାମ୍ବିଧାନିକ ପଦବୀରେ କାର୍ଯ୍ୟ କରି ଓଡ଼ିଶା ପ୍ରଦେଶ ପାଇଁ ଆଣି ଦେଇଛନ୍ତି ଅମ୍ଳାନ ଗୌରବ। ଓଡ଼ିଶାବାସୀ ଏପରି ଜନନାୟକଙ୍କୁ ସବୁ ଦିନ ଧରି ମନେ ରଖିବେ। ଜଣେ ପ୍ରଚଣ୍ଡ ଦୂରଦ୍ରଷ୍ଟା ଭାବେ ଭୁବନେଶ୍ୱରରେ ରାଜଧାନୀ ପ୍ରତିଷ୍ଠା କାର୍ଯ୍ୟ ଡ. ମହତାବଙ୍କର ଏକ ଅବିଶ୍ୱସନୀୟ ସ୍ମୃତି ବୋଲି ଜୟନ୍ତୀ



ଉତ୍ସବରେ ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଥିଲେ। 'ଆମେ' ସଂଗଠନର ସମ୍ପାଦକ ପ୍ରଫେସର ଅଟଳ ବିହାରୀ ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଫେକର କମ୍ପାନୀର ପୂର୍ବତନ ଡିଜିଏମ୍ ଗଙ୍ଗାଧର ମଲ୍ଲିକ, ଆଗରପଡା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡକ୍ଟର ନାରାୟଣ ସେନାପତି ମୁଖ୍ୟବକ୍ତା, ଅଧାପକ ନାସିର ବକ୍ସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଡ. ମହତାବଙ୍କ ସମ୍ପର୍କରେ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ସମ୍ପାଦକ ପ୍ରଫେସର ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କ୍ରମେ ଉକ୍ତ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଅବସରପ୍ରାପ୍ତ ପ୍ରଶାସକ ବିଦ୍ୟାଧର ପଲାଇ, ପୂର୍ବତନ ଅଧକ୍ଷ ଡ. ଅବନୀ ପ୍ରଧାନ, ଆଇନଜିବି ଅଗଣି ଚରଣ ଜେନା, ଡାକ୍ତର ରବିନାରାୟଣ ମହାପାତ୍ର, ସାମ୍ବାଦିକ ବଂଶଈଧର ଦାସ, ଶିକ୍ଷକନେତା ପ୍ରଭାକର ପରିଡା, ସମାଜସେବୀ ଲକ୍ଷ୍ମୀକାନ୍ତ ବାରିକ, ଅଧାପକ ଅମିତ କୁମାର ନାୟକ, ମାଧବୀଲତା ନାୟକ, ଶିକ୍ଷୟିତ୍ରୀ ଶକୁନ୍ତଳା ନାୟକ, ଗୀତାରାଣି ଆଇଚ, ଅଧାପିକା ସ୍ୱାଗତିକା ସାହୁ, ରଜତ ସାହୁ, କବି ଅରୂପାନନ୍ଦ ନାୟକ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ।

## ଆନ୍ଧ୍ର-ଓଡ଼ିଶା ସୀମା ବିବାଦର ସ୍ଥାୟୀ ସମାଧାନ ଦାବିରେ ସମାଜବାଦୀ ପାର୍ଟିର ବିକ୍ଷୋଭ

ଭୁବନେଶ୍ୱର,୨୨।୧୧ (ନି.ପ୍ର): ଆନ୍ଧ୍ର-ଓଡ଼ିଶା ସୀମା ବ୍ୟବସ୍ଥାର ଚିରସ୍ଥାୟୀ ସମାଧାନ ଦାବି କରି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଏକ ବିକ୍ଷୋଭ ଆଜି ଅନୁଷ୍ଠିତ ହୋଇଯାଇଛି। ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ଅଧକ୍ଷତାରେ ଦଳୀୟ କର୍ମୀମାନେ ପାର୍ଟିର ରାଜ୍ୟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଆନ୍ଧ୍ର-ଓଡ଼ିଶା ସୀମାନ୍ତର ସୁରକ୍ଷା ଦାବି କରିଥିଲେ। ବିଧାନସଭା ଗୃହ କମିଟି' ଘଟଣାସ୍ଥଳକୁ ଗ୍ରସ୍ତ କରିବାକୁ ସଭାପତି ଶ୍ରୀ ବେହେରା ଦାବି କରିଥିଲେ। ଏହା ବ୍ୟତୀତ ପାର୍ଟିର ପ୍ରତିଷ୍ଠାତା ତଥା ଭାରତବର୍ଷର ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ମୁଲାୟମସିଂ ଯାଦବଙ୍କ ୮୨ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ପାର୍ଟି କାର୍ଯ୍ୟାଳୟରେ କେକ୍ କଟାଯାଇ ଜନ୍ମଦିନ ପାଳନ କରାଯାଇଥିଲା।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo